NITIDIN
ନିତିଦିନ
RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
SATURDAY 21 FEBRUARY 2026
ଶନିବାର ୨୧ ଫେବୃଆରୀ ୨୦୨୬
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 276 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୨୭୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର




୨୧ ଫେବୃଆରୀ: ସେହେରୀ-୪.୫୯ ଇଫ୍‌ତାର୍-୫.୪୮
୨୨ ଫେବୃଆରୀ: ସେହେରୀ-୪.୫୮ ଇଫ୍‌ତାର୍-୫.୪୯

## ବିଭାଗୱାରୀ ଆବଣ୍ଟନ

| ବିଭାଗ | ଆବଣ୍ଟନ (କୋଟି ଟଙ୍କାରେ) |
|---|---|
| ସରାଷ୍ଟ୍ର ବିଭାଗ | ୧୧୦୨୮.୫୬ |
| ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ | ୮୦୫.୧୧ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | ୨୨୭୧.୬୪ |
| ଆଇନ ବିଭାଗ | ୧୦୯୪.୪୧ |
| ଅର୍ଥ ବିଭାଗ | ୬୫୨୯୨.୨୭ |
| ବାଣିଜ୍ୟ ବିଭାଗ | ୩୧୭.୦୦ |
| ନିର୍ମାଣ ବିଭାଗ | ୧୩୪୫୧.୦୦ |
| ଓଡ଼ିଶା ବିଧାନସଭା | ୧୪୭.୪୦ |
| ୯-ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୧୫୩୮.୨୮ |
| ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୩୧୯୯୭.୫୩ |
| ଅନିସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ | ୬୬୪୯.୩୩ |
| ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୨୩୧୮୨.୧୪ |
| ୧୩- ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | ୧୦୫୬୭.୬୮ |
| ୧୪- ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୩୮୫.୦୩ |
| କ୍ରୀଡ଼ା ଓ ଯୁବସେବା ବିଭାଗ | ୧୩୫୯.୨୯ |
| ଯୋଜନା ଓ ସଂଯୋଜନ ବିଭାଗ | ୩୪୪୭.୫୭ |
| ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ | ୩୪୧୬୬.୧୪ |
| ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ | ୩.୧୧ |
| ଶିଳ୍ପ ବିଭାଗ | ୧୨୦୭.୫୦ |
| ଜଳ ସମ୍ପଦ ବିଭାଗ | ୧୬୪୮୮.୯୨ |
| ପରିବହନ ବିଭାଗ | ୪୦୭୯.୮୧ |
| ଜଙ୍ଗଲ, ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ | ୧୯୦୬.୦୫ |
| କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ୧୪୭୦୧.୩୯ |
| ଇସ୍ପାତ ଓ ଖଣି ବିଭାଗ | ୩୬୫.୧୧ |
| ସୂଚନା ଓ ଲୋକସମ୍ପର୍କ ବିଭାଗ | ୧୬୬.୫୪ |
| ଅବକାରୀ ବିଭାଗ | ୨୮୨.୧୬ |
| ବିଜ୍ଞାନ ଓ ବୈଷୟିକ ବିଭାଗ | ୩୫୩.୪୫ |
| ଗ୍ରାମ୍ୟ ଉନ୍ନୟନ ବିଭାଗ | ୧୦୨୦୪.୬୧ |
| ସଂସଦୀୟ ବ୍ୟାପାର ବିଭାଗ | ୭୪.୯୨ |
| ଶକ୍ତି ବିଭାଗ | ୪୫୯୬.୭୦ |
| ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | ୩୮୨.୩୫ |
| ପର୍ଯ୍ୟଟନ ବିଭାଗ | ୧୦୨୨.୭୫ |
| ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ | ୨୦୧୯.୩୫ |
| ସମବାୟ ବିଭାଗ | ୨୩୩୪.୪୬ |
| ସାଧାରଣ ଉଦ୍ୟୋଗ ବିଭାଗ | ୧୧.୦୦ |
| ମହିଳା ଓ ଶିଶୁ କଲ୍ୟାଣ ବିଭାଗ | ୧୬୧୫୨.୯୩ |
| ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା | ୧୧୦୮.୦୨ |
| ଉଚ୍ଚ ଶିକ୍ଷା ବିଭାଗ | ୩୬୬୪.୪୦ |
| ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା ବିଭାଗ | ୧୮୨୩.୧୧ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୭୬୨.୭୮ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୯୬୧୦.୮୫ |
| ବିପର୍ଯ୍ୟୟ ପରିଚାଳନା ବିଭାଗ | ୫୫୫୮.୦୭ |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୬୧୪.୯୭ |
| ମିଶନ ଶକ୍ତି ବିଭାଗ | ୨୮୦୪.୨୩ |
| ସର୍ବମୋଟ୍ ବ୍ୟୟବରାଦ | ୩୧୦୦୦୦.୦୦ |

### ଖୋଲିଲା ମୋହନଙ୍କ ପେଡ଼ି

# ସବୁ ବର୍ଗଙ୍କୁ ଆଖି



## ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍

### ନୂତନ ପଦକ୍ଷେପ, ନୂଆ ଯୋଜନା

- ବିକଶିତ ଭାରତ- ଜି ରାମ୍ ଜି:୫୫୭୫ କୋଟି
- ସଂଯୋଗହୀନ ବାସସ୍ଥାନ ସହିତ ସଂଯୋଗୀକରଣ: ୧୦୦୦ କୋଟି
- ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା : ୬୩୫ କୋଟି
- ପୁରୀରେ ଶ୍ରୀ ଜଗନ୍ନାଥଙ୍କ ବ୍ୟାଖ୍ୟା କେନ୍ଦ୍ର
- ପୁରୀରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର
- ୧୦୦ଟି ସ୍ମାର୍ଟ ଫାର୍ମ ବଜାର (ମଡେଲ୍ ମଣ୍ଡି): ୧୦୦ କୋଟି
- ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା
- ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ : ୧୦୦ କୋଟି
- ରାଜ୍ୟ ଏଆଇ ମିଶନ୍ : ୨୩ କୋଟି
- ପର୍ଯ୍ୟଟନ ଭୂମି ବ୍ୟାଙ୍କ ଯୋଜନା: ୧୫୦ କୋଟି
- ବିଶ୍ୱର ସର୍ବବୃହତ ଶସ୍ୟ ସଂରକ୍ଷଣ ଯୋଜନା : ୨୪୦ କୋଟି
- ଡାଲଖାଇ ଯୋଜନା : ୨୨୦କୋଟି
- ରେଅର୍ ଆର୍ଥ କରିଡର୍ : ୧୦ କୋଟି
- ରାଜ୍ୟ ରୂପାନ୍ତରମୂଳକ ପଦକ୍ଷେପ ପ୍ରତିଷ୍ଠାନ
- ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ
- ଫିଟ୍ ଓଡ଼ିଶା ମିଶନ : ୧୦ କୋଟି

**ଭୁବନେଶ୍ୱର,୨୦।୨/ଏନ୍‌ଏନ୍‌ଏସ୍:**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ଏକ ବିଶାଳ ବଜେଟ ଉପସ୍ଥାପନ କରିଛନ୍ତି। ଯାହା ଗତ ବର୍ଷର ବଜେଟ ତୁଳନାରେ ୬.୯ ପ୍ରତିଶତ ଅଧିକ। ରାଜ୍ୟର ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଭାବେ କ୍ରମାଗତ ତୃତୀୟଥର ପାଇଁ ସେ ଏହି ବଜେଟ ଉପସ୍ଥାପନ କରିଛନ୍ତି। ଏଥର ବଜେଟରେ ଗରିବ, ଚାଷୀ, ମହିଳା କଲ୍ୟାଣ, ଗ୍ରାମୀଣ ବିକାଶ, ସହରାଞ୍ଚଳ ଓ ଜଳସେଚନର ଉନ୍ନତି, ପୁଞ୍ଜିନିବେଶ, ବନ୍ଦର ଭିତ୍ତିକ ଶିଳ୍ପର ବିକାଶ, ଶିଳ୍ପାୟନ ଓ ସାର୍ବଜନୀନ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ ସରକାର ସବୁ ବର୍ଗକୁ ଖୁସି କରିବାକୁ ଉଦ୍ୟମ କରିଛନ୍ତି। 'ଲୋକାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି'। ଏହି ପ୍ରତିବଦ୍ଧତାକୁ ସାକାର କରିବା ପାଇଁ, ଓଡ଼ିଶା ସରକାର ୬ଟି ଦୃଢ଼ ସ୍ତମ୍ଭ ଉପରେ ବଜେଟ୍‌ରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ତାହା ହେଉଛି ନାଗରିକଙ୍କୁ ପ୍ରାଥମିକତା, ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କର ସମୃଦ୍ଧି, ଆମ ପରମ୍ପରା, ଆମ ସ୍ୱାଭିମାନ, ପଥ ପ୍ରଦର୍ଶନକାରୀ ପ୍ରଯୁକ୍ତି, ଲୋକକୈନ୍ଦ୍ରିକ ଶାସନ। ଏଥିରେ ସାଧାରଣ ଲୋକ, ପ୍ରଗତି ଓ ସ୍ୱାଭିମାନକୁ ଅଗ୍ରାଧିକାର ଦିଆଯାଇଛି। ଏଥିସହ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ମହିଳା ଶସକ୍ତିକରଣ, ଶିଳ୍ପର ପ୍ରଗତୀ, ସହରୀକରଣ, ଅନୁସୂଚିତ ଜାତି, ଏବଂ ଜନଜାତି ଲୋକଙ୍କ ସାମଗ୍ରିକ ବିକାଶ ଉପରେ ମଧ୍ୟ ଅଧିକ ଫୋକସ୍ କରାଯାଇଛି।

ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣା ଏବଂ ଆପଣମାନଙ୍କ ଅକୁଣ୍ଠ ଭରସାକୁ ପାଥେୟ କରି ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମେ ଦୃଢ଼ ପଦକ୍ଷେପ ନେଉଛୁ। ଗତବର୍ଷ ରାଜ୍ୟ ସରକାର ୨ ଲକ୍ଷ ୯୦ ହଜାର କୋଟିର ପୂର୍ଣ୍ଣାଙ୍ଗ ବଜେଟ ଆଣିଥିଲେ। ଗତ ଠାରୁ ୨୦ ହଜାର କୋଟି ଟଙ୍କା ଅଧିକ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭିଜନ ୨୦୩୬ ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ, ବିକଶିତ ଓଡ଼ିଶା' ଗଠନ ଲକ୍ଷ୍ୟ ରହିଛି। ରାଜ୍ୟ ବଜେଟ୍‌ର ଗୁଣାତ୍ମକ ଦିଗ ସ୍ପଷ୍ଟ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧.୮୦ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ କାର୍ଯ୍ୟକ୍ରମ ବ୍ୟୟ ମୋଟ୍ ବଜେଟ୍ ଆକାରର ୫୮%ରୁ ଅଧିକ। ୨୦୨୬-୨୭ରେ ପୁଞ୍ଜି ବ୍ୟୟ ଅଟକଳ ୭୨,୧୦୦ କୋଟି ଟଙ୍କା, ଯାହାକି ଜିଏସ୍‌ଡିପିର ୬.୫ ପ୍ରତିଶତ ଏବଂ ରାଜ୍ୟ ବଜେଟ୍ ଆକଳନର ୨୩.୩ ପ୍ରତିଶତ। ଓଡ଼ିଶାର ପୁଞ୍ଜି ବ୍ୟୟର ଅନୁପାତ ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପ୍ରଶାସନିକ ବ୍ୟୟ ବବାଦକୁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଛି। ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୫ ହଜାର ୩ ଶହ ୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ରାଜ୍ୟରୁ ହସ୍ତାନ୍ତର

**ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଦୃଢ଼ ପଦକ୍ଷେପ**

**କୃଷି, ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ମହିଳା ଶସକ୍ତୀକରଣକୁ ଫୋକସ୍**

**ଗତବର୍ଷ ତୁଳନାରେ ୬.୯ ପ୍ରତିଶତ ବୃଦ୍ଧି**

**ପ୍ରଶାସନିକ ଖର୍ଚ୍ଚ ପାଇଁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ବ୍ୟବସ୍ଥା**

**ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ଲାଇବ୍ରେରୀ କେନ୍ଦ୍ର ପାଇଁ ୧ ହଜାର କୋଟି**

**ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାଁରେ ଅନ୍‌ଲାଇନ୍ ଡିଜିଟାଲ ହୁଣ୍ଡି**

**ରତ୍ନଭଣ୍ଡାର ଗଣତିମଣତି ପାଇଁ ୫ କୋଟି ଟଙ୍କା ପ୍ରସ୍ତାବ**

ପାଇଁ ୧୦ ହଜାର ୬ ଶହ ୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଷୋଡ଼ଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ସୁପାରିସ କ୍ରମେ ୩ ହଜାର ୫୬ କୋଟି ଟଙ୍କା ଏବଂ ଷଷ୍ଠ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ କ୍ରମେ ପ୍ରାୟ ୭ ହଜାର ୪ ଶହ ୫୦ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୃଷିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଆମ ସରକାର ୧୫ ଲକ୍ଷ ହେକ୍ଟର ଏକ ଜମିରେ ଜଳସେଚନ କରିବେ। 'ସମୃଦ୍ଧ କୃଷକ ଯୋଜନା' ଅଧୀନରେ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ମୂଲ୍ୟରେ ଧାନ କ୍ରୟ ପାଇଁ ୬ ହଜାର ୮୮ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଚାଷୀମାନଙ୍କୁ ସମୟୋଚିତ ପୈଠ ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ୫ ହଜାର କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି ଗଠନ ହୋଇଛି। ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରାୟ ୧୧ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ କରାଯିବାର ପ୍ରସ୍ତାବ ଥିବାବେଳେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଚାଷୀ, ଜମି ମାଲିକ, ଭୂମିହୀନ ପରିବାର ଏବଂ ବିଶେଷ ଭାବେ ସମ୍ବେଦନଶୀଳ ଜନଜାତିଙ୍କ ପାଖରେ ଅତିରିକ୍ତ ସହାୟତା ନିମନ୍ତେ ପ୍ରଧାନମନ୍ତ୍ରୀ-କିଷାନ ଯୋଜନାକୁ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ଜରିଆରେ କାର୍ଯ୍ୟକାରୀ କରିବା ପାଇଁ ୨ ହଜାର ୩୦ କୋଟି ଟଙ୍କାର ପ୍ରସ୍ତାବ । 'ଶ୍ରୀ ଅନ୍ନ ଅଭିଯାନ' ପାଇଁ ୪ ଶହ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଫସଲ ବିବିଧକରଣ କାର୍ଯ୍ୟକ୍ରମ, ସ୍ୱଦେଶୀ ପ୍ରଜାତିର ଧାନକୁ ପ୍ରୋତ୍ସାହନ ଏବଂ ଅମଳ ପରବର୍ତ୍ତୀ ଧାନ ପଡ଼ିଆର ବ୍ୟାପକ ପରିଚାଳନା ଆଦି ପଦକ୍ଷେପ ପାଇଁ ମୋଟ ୪ ଶହ ୬୯ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ୬ଟି ଜିଲ୍ଲାରେ କଫି ଚାଷ ପାଇଁ ୧ ଶହ ୫୦ କୋଟି ଟଙ୍କା, ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉନ୍ନତ ବଳଭଦ୍ର ଜୈବିକ ଚାଷ ମିଶନ ନିମନ୍ତେ ୨୮ କୋଟି, ଆଖୁ ଚାଷ ନିମନ୍ତେ ୨୭ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ନିମନ୍ତେ ୨୩ ହଜାର ୧୮୨ କୋଟି ଟଙ୍କାର ମୋଟ ବ୍ୟୟବରାଦ ହୋଇଥିବାବେଳେ 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ'-୫୦୦୮ କୋଟି ଟଙ୍କା, ନିର୍ମଳ ଯୋଜନା -୯୮୬ କୋଟି ଟଙ୍କା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା-୬୩୦୯ କୋଟି ଟଙ୍କା, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ୧,୯୫୮ କୋଟି ଟଙ୍କା, 'ନିରାମୟ' ଯୋଜନାରେ ୭୮୬ କୋଟି ଟଙ୍କା, 'ନିଦାନ' ପାଇଁ

▶▶ ୫

### ବଜେଟ୍‌ର ଗୁଣାତ୍ମକ ଦିଗ

| | |
|---|---|
| ପ୍ରଶାସନିକ ବ୍ୟୟ | ୧.୧୪ ଲକ୍ଷ କୋଟି |
| କାର୍ଯ୍ୟକ୍ରମ ବ୍ୟୟ | ୧.୮୦ ଲକ୍ଷ କୋଟି |
| ବିପର୍ଯ୍ୟୟ ବିପଦ ପରିଚାଳନା ପାଣ୍ଠି | ୫ ,୩୭୫ କୋଟି |
| ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର | ୧୦,୬୨୫ କୋଟି |
| ସର୍ବମୋଟ୍ | ୩,୧୦,୦୦୦ କୋଟି |

### ଟଙ୍କା ଆସିବ



- ରାଜ୍ୟର ନିଜସ୍ୱ ଟିକସ ୨୨.୫୮%
- ଋଣ ଆଦାୟ ୦.୨୩%
- ରାଜ୍ୟର ନିଜସ୍ୱ ଅଣ ଟିକସ ୨୨.୯୦%
- ବିଭାଜିତ ଟିକସ ୨୧.୭୬%
- କେନ୍ଦ୍ରୀୟ ଅନୁଦାନ ୧୨.୯୨%
- ବିଭିନ୍ନ ଉତ୍ସରୁ ଋଣ ୧୫.୪୨%
- ଭବିଷ୍ୟନିଧି ପାଣ୍ଠି ଓ ଅନ୍ୟାନ୍ୟ ପାଣ୍ଠି ଏବଂ ଜମା ୪.୧୯ %

### ଟଙ୍କା ଯିବ



- ପୁଞ୍ଜି କ୍ଷେତ୍ରରେ ବ୍ୟୟ ୨୩.୨୬ %
- ବିପର୍ଯ୍ୟୟ ପରିଚାଳନା ୧.୭୩
- ରାଜ୍ୟଗୁଡ଼ିକରୁ ଟ୍ରାନ୍ସଫର ୩.୪୩ %
- ସୁଧ ଦେୟ ୨.୬୫%
- ସୁଧ ପରିଶୋଧ ୭.୧୦ %
- ଋଣ ଯୋଗାଣ ୦.୧୩%
- ଦରମା, ପେନ୍‌ସନ୍ ଓ ଅନ୍ୟାନ୍ୟ ରାଜସ୍ୱ ବ୍ୟୟ ୬୧.୭୧ %

## ସରକାର ଋଣ କରିବେ ୪୭,୮୦୦ କୋଟି

ରାଜ୍ୟରେ ସର୍ବମୋଟ୍ ୧,୫୫,୭୧୦ କୋଟି ଟଙ୍କାର ଋଣ ଥିବାବେଳେ ମୁଣ୍ଡପିଛା ଋଣଭାର ୨୭,୬୨୫ କୋଟି ଟଙ୍କା ରହିଛି। ଏଥିରୁ ସୁଧଦେୟ ୮,୨୦୦ କୋଟି ଥିବାବେଳେ ଏହାର ଅନୁପାତ ୩,୩% ରହିଛି। ତେବେ ୨୦୨୬-୨୭ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୪୭,୮୦୦ କୋଟି ଟଙ୍କାର ଋଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ କରିଛନ୍ତି।

ଏଥିରେ ଖୋଲାବଜାରରୁ ୨୪୪୬୫କୋଟି ଟଙ୍କା ଓ କେନ୍ଦ୍ର ସରକାରଙ୍କଠୁ ୧୦୨୬୫କୋଟି ଟଙ୍କାର ଋଣ ଆହରଣ କରିବେ। ଆଉ ବର୍ଷ ଶେଷବେଳକୁ ରାଜ୍ୟର ଋଣବୋଝ ୧ ଲକ୍ଷ ୫୫ ହଜାର ୭୧୦ କୋଟି ଟଙ୍କା ବୋଲି ଆକଳନ ହୋଇଛି । ତେବେ ରାଜ୍ୟର ଋଣବୋଝ ରାଜ୍ୟ ଜିଡିପିର ୨୫%ରୁ ବହୁ କମ୍ (ମାତ୍ର ୧୪.୧%) ଥିବା ଓ ଏଫଆରବିଏମ୍ ଆକ୍ଟର ସୀମା ମଧ୍ୟରେ ଏକ ସୁରକ୍ଷିତ ସ୍ଥିତିରେ ରହିଥିବା ସରକାର କହିଛନ୍ତି ।

## ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ: ସ୍ନାତକ ପରେ ୧ଲକ୍ଷ୧ ଟଙ୍କା

'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ନାମରେ ଏକ ନୂଆ ଯୋଜନା ଆରମ୍ଭ ହୋଇଛି। ଆର୍ଥିକ ଦୁର୍ବଳ ବର୍ଗର ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କାର ଏକ ସଞ୍ଚୟ ଉପକରଣ ସୃଷ୍ଟି କରାଯିବ। ଏହା ପରେ ସ୍ନାତକ ଶେଷ ହେବା ପରେ ତାଙ୍କୁ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ। ବଜେଟ୍ ଉପସ୍ଥାପନବେଳେ ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହିଳା ସଶକ୍ତିକରଣ ଏବଂ କଲ୍ୟାଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'ସୁଭଦ୍ରା ଶକ୍ତି ସମ୍ବାଦ' ନାମରେ ଏକ ନୂଆ ଯୋଜନା ଆରମ୍ଭ କରିଛନ୍ତି। ସୁଭଦ୍ରା ହିତାଧିକାରୀଙ୍କ ଅଭିଜ୍ଞତାକୁ ବାଣ୍ଟିବା, ସମସ୍ୟାର ସମାଧାନ ପାଇଁ ଅଧିକାରୀ ଏବଂ ଗୋଷ୍ଠୀର ହିତାଧିକାରୀଙ୍କ ସହ ନିୟମିତ ଆଲୋଚନା ମାଧ୍ୟମରେ ଅଭିଯୋଗ ନିରାକରଣ ବ୍ୟବସ୍ଥାକୁ ମଜବୁତ୍ କରିବା ପାଇଁ ଏକ ପାଇଁ ଏହା ପ୍ଲାଟଫର୍ମ ଭାବେ

▶▶ ୫

## ବଜେଟ୍ ଭାଷଣ: ନିଜ ରେକର୍ଡକୁ ଭାଙ୍ଗି ପାରିଲେନି ମୋହନ

ଶୁକ୍ରବାର ବିଧାନସଭାରେ ବଜେଟ୍ ଉପସ୍ଥାପନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଥିଲା ୨ ଘଣ୍ଟା । ୪ଟା ୧୮ରେ ଅଭିଭାଷଣ ଆରମ୍ଭ କରିଥିବାବେଳେ ୬ଟା୧୮ରେ ଶେଷ କରିଥିଲେ। ଦୁଇ ଘଣ୍ଟାର ଭାଷଣ ପଢ଼ିଥିଲେ ମୁଖ୍ୟମନ୍ତ୍ରୀ। ମାତ୍ର ଏହା ପୂର୍ବରୁ ଉପସ୍ଥାପିତ ହୋଇଥିବା ଅଭିଭାଷଣଠାରୁ ବହୁତ କମ୍। ୨୦୨୬-୨୭ ବଜେଟ୍ ଉପସ୍ଥାପନ ସମୟରେ ମୁଖ୍ୟମନ୍ତ୍ରୀ ୨ ଘଣ୍ଟାର ଅଭିଭାଷଣ ରଖିଛନ୍ତି । ମାତ୍ର ୧୭ ଫେବୃଆରୀ ୨୦୨୫ ମସିହାରେ ଯେତେବେଳେ ବଜେଟ୍ ଉପସ୍ଥାପନ କରିଥିଲେ ସେତେବେଳେ ୨ ଘଣ୍ଟା ୪୪ ମିନିଟର ରହିଥିଲା। ଯାହାକି ସବୁଠାରୁ ମୋହନଙ୍କ ସର୍ବାଧିକ ସମୟର ବଜେଟ୍ ଅଭିଭାଷଣ ରହିଥିଲା। ତେବେ ଏହାପରେ ୨୫ ଜୁଲାଇ ୨୦୨୫ ମସିହାରେ ଯେବେ ପ୍ରଥମ ବଜେଟ୍ ଅଭିଭାଷଣ ରଖିଥିଲେ ସେତେବେଳେ ରହିଥିଲା ୨ ଘଣ୍ଟା ୯ ମିନିଟ। ଦ୍ୱିତୀୟ ବଜେଟ୍ ଉପସ୍ଥାପନ ଅଧିକ ସମୟର ଥିଲା । ଆଉ ଏବେ ଦୁଇ ଘଣ୍ଟାର ଅଭିଭାଷଣ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ

# ଟଙ୍କା କେଉଁଠୁ ଆସିବ, କେଉଁଠି ଖର୍ଚ୍ଚ ହେବ

୨୦୨୬-୨୭ ଆର୍ଥିକ ବର୍ଷରେ ନିଜସ୍ୱ ଟିକସରୁ ୭୦ହଜାର କୋଟି ଓ ଅଣଟିକସ ରାଜସ୍ୱରୁ ୭୧ହଜାର କୋଟିର ମୋଟ୍ କେନ୍ଦ୍ର ସରକାରଙ୍କଠୁ ରାଜ୍ୟର ଟିକସ ବାବଦରେ ୬୭୬୪୦କୋଟି ଟଙ୍କା,କେନ୍ଦ୍ରୀୟ ଅନୁଦାନ ବାବଦରେ ୪୦,୦୩୯କୋଟି, ବିଭିନ୍ନ ସୂତ୍ରରୁ ଋଣ ଆକାରରେ ୪୭୮୦୦କୋଟି ଟଙ୍କା, ଋଣ ପରିଶୋଧରୁ ୭୦୦କୋଟି ଟଙ୍କା, ପ୍ରୋଭିଡେଣ୍ଟ ଫଣ୍ଡ ଓ ଅନ୍ୟାନ୍ୟରୁ ୧୩ହଜାର କୋଟି ଟଙ୍କାକୁ ମିଶାଇ ମୋଟ ୩.୧୦ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବେ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ନିଜସ୍ୱ ଟିକସ ସଂଗ୍ରହ ପ୍ରାୟ ୧ ଲକ୍ଷ ୪୧ ହଜାର କୋଟି ଟଙ୍କା ଆକଳନ କରିଥିବାବେଳେ ଏଥିରେ ୫୩ହଜାର କୋଟି ଟଙ୍କା କେବଳ ଖଣି ରାଜସ୍ୱ, ୧୦୯୦୦କୋଟି ଟଙ୍କା ଅବକାରୀ ଟିକସ ଓ ୫୧୦୦କୋଟି ଟଙ୍କା ବିଦ୍ୟୁତ ଟିକସରୁ ମିଳିବ। ସରକାର ଏହି ୩.୧୦ଲକ୍ଷ କୋଟି ଟଙ୍କାରୁ ୧.୧୪ଲକ୍ଷ କୋଟି ଟଙ୍କା ପ୍ରଶାସନିକ ବ୍ୟୟ, ୧.୮୦ଲକ୍ଷ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ, ୧୦୬୨୫କୋଟି ଟଙ୍କା ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାକୁ ହସ୍ତାନ୍ତର ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୫୩୭୫କୋଟି ଆକାରରେ ଖର୍ଚ୍ଚ କରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି



ସରକାର ନିଜର ପୁଞ୍ଜି ବ୍ୟୟକୁ ପ୍ରାୟ ୧୧ ପ୍ରତିଶତ ବୃଦ୍ଧି କରି ୭୨୧୦୦କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି। ଯାହାକି ରାଜ୍ୟ ଜିଡିପିର ୬.୫ ପ୍ରତିଶତ ଓ ଦେଶର ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି। ସରକାର ନିଜର ବଜେଟ୍ ଆକାରକୁ ବୃଦ୍ଧି କରିବା ସହ ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇଥିବା ବଜେଟ ଆକଳନରୁ ଜଣାପଡ଼ିଛି ।

# 'ସମୃଦ୍ଧ ଓଡ଼ିଶାକୁ ବଳ ଦେବ ବଜେଟ୍'

**ଭୁବନେଶ୍ୱର,୨୦।୨/ଏନ୍‌ଏନ୍‌ଏସ୍:**

'ବିଧାନସଭାରେ ଉପସ୍ଥାପିତ ବଜେଟ୍ କେବଳ ଆଗାମୀ ବର୍ଷର ଆୟ–ବ୍ୟୟର ହିସାବ ନୁହେଁ; ଏହା ଏକ ସମୃଦ୍ଧ, ସଶକ୍ତ ଏବଂ ସମାବେଶୀ ଓଡ଼ିଶା ଗଠନ ଦିଗରେ ଏକ ସୁଦୃଢ଼ ଓ ନିର୍ଣ୍ଣାୟକ ପଦକ୍ଷେପ ଅଟେ। ଏହି ବଜେଟ ସମୃଦ୍ଧ ଓଡ଼ିଶାକୁ ବଳ ଦେଦବ। ଗତବର୍ଷ ଜୁନ ମାସରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ଭିଜନ ୨୦୩୬ ଓ ୨୦୪୭ ଆମ ପାଇଁ ଏକ ପଥପ୍ରଦର୍ଶକ ଓ ଦୀପଶିଖା ସଦୃଶ ଅଟେ। ଏହି ଭିଜନକୁ ସାକାର କରିବା ପାଇଁ ଆମେ ଭିତ୍ତିଭୂମି ବିକାଶ, ପୁଞ୍ଜି ନିବେଶ, ନଗର ଉନ୍ନୟନ, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପାୟନ, ଏବଂ କୃଷି ଓ ଜଳସେଚନ ଭଳି କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେଇ ଏହି ବଜେଟ୍ ପ୍ରସ୍ତୁତ କରିଛୁ। ଏହାସହିତ, ଶିକ୍ଷା, ସ୍ୱାସ୍ଥ୍ୟସେବା,



ସାମାଜିକ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ସର୍ବାଙ୍ଗୀନ ବିକାଶ, ତଥା ମହିଳା ଓ ଶିଶୁ କଲ୍ୟାଣକୁ ବିଶେଷ ଗୁରୁତ୍ୱ ଦେବା ସହିତ ସୁଦକ୍ଷ ଜନସେବା ମାଧ୍ୟମରେ ଓଡ଼ିଶାବାସୀଙ୍କ ସାମଗ୍ରିକ ଉନ୍ନତି ପାଇଁ ଆମ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ। ଏହି ବଜେଟରେ ସବୁ ବର୍ଗର ଜନସାଧାରଣଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ପୂରଣ କରିବା ସହ ରାଜ୍ୟକୁ ବିକାଶର ଗତିପଥରେ ତ୍ୱରିତ ବେଗରେ ଅଗ୍ରସର କରାଇବା ଦିଗରେ ସହାୟକ ହେବ।' ମୁଖମନ୍ତ୍ରୀ ମୋହନ ମାଝୀ ବିଧାନସଭାରେ ବଜେଟ୍ ଉପସ୍ଥାପନ ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ କରି ଏହା କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ୨୦୨୬-୨୭ ଆର୍ଥିକ ବର୍ଷର ଏହି ବଜେଟ୍ ଓଡ଼ିଶାର ସାଢ଼େ ଚାରି କୋଟି ଜନସାଧାରଣଙ୍କ ସ୍ୱପ୍ନ ଓ ସଂକଳ୍ପର ପ୍ରତିଫଳନ। ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ, ୨୦୦୫ର ମାର୍ଗଦର୍ଶିକାକୁ ପାଥେୟ କରି ଆମେ ଏକ ସମତୁଲ ଏବଂ ଦୂରଦୃଷ୍ଟିସମ୍ପନ୍ନ ଆର୍ଥିକ ରଣନୀତି ପ୍ରସ୍ତୁତ କରିଛୁ। ଆମର ଲକ୍ଷ୍ୟ ସ୍ପଷ୍ଟ – ସମ୍ବଳର ସୁବିନିଯୋଗ ମାଧ୍ୟମରେ ପ୍ରତିଟି ଗାଁରେ ବିକାଶର ପହଞ୍ଚ ଏବଂ ପ୍ରତିଟି ପରିବାରରେ ସମୃଦ୍ଧିର ଆଗମନ ।



# ରାଜ୍ୟ ବଜେଟ୍ ୨୦୨୬-୨୭





# ହସିବ ଚାଷୀ ବଢ଼ିବ କୃଷି



## ମୁଖ୍ୟମନ୍ତ୍ରୀ କିଷାନ ଯୋଜନା ପାଇଁ ୨,୦୩୦ କୋଟି



ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଚାଷୀ, ଜମି ମାଲିକ, ଭୂମିହୀନ ପରିବାର ଏବଂ ବିଶେଷ ଭାବେ ସମ୍ବେଦନଶୀଳ ଜନଜାତିଙ୍କ ପାଖରେ ଅତିରିକ୍ତ ସହାୟତା ପହଞ୍ଚାଇ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ-କିଷାନ ଯୋଜନାକୁ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ଜରିଆରେ କାର୍ଯ୍ୟକାରୀ କରି ଆସୁଛନ୍ତି। ୨୦୨୫-୨୬ ବର୍ଷରେ ୩ ହଜାର ୨ଶହ ୩୬ ଜଣ ପି.ଭି.ଟି.ଜି ଚାଷୀ, ୩୧ହଜାର ୬ ଶହ ୯୫ ଜଣ ସହରାଞ୍ଚଳ ଚାଷୀ ଏବଂ ୩୯ ହଜାର ୨ଶହ ୩୯ଜଣ ଭୂମିହୀନ କୃଷି ପରିବାର ସମେତ ୫୧ ଲକ୍ଷ ୫୬ ହଜାର କୃଷକଙ୍କ ନିକଟରେ ଏହି ସହାୟତା ପହଞ୍ଚିପାରିଛି। ଏହି ପ୍ରମୁଖ ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୨ହଜାର ୩୦ କୋଟି ଟଙ୍କାର ପ୍ରସ୍ତାବ ରହିଛି।

## ସମୃଦ୍ଧ କୃଷକ ଯୋଜନା ପାଇଁ ୬,୦୮୮ କୋଟି



କୃଷକଙ୍କ ଆୟ ବୃଦ୍ଧିକୁ ସୁନିଶ୍ଚିତ କରି ସେମାନଙ୍କୁ ଅର୍ଥନୈତିକ ମୁଖ୍ୟସ୍ରୋତରେ ଦୃଢ଼ ଭାବରେ ସାମିଲ କରିବା ପାଇଁ ଏକ ନିର୍ଣ୍ଣାୟକ ଏବଂ ଐତିହାସିକ ପଦକ୍ଷେପ ସ୍ୱରୂପ, ରାଜ୍ୟ ସରକାର 'ସମୃଦ୍ଧ କୃଷକ'ଯୋଜନାର ଶୁଭାରମ୍ଭ କରିଛନ୍ତି, ଯାହା ଅଧୀନରେ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ମୂଲ୍ୟରେ ଧାନ କ୍ରୟର ସୁବିଧା ଯୋଗାଇ ଦିଆଯାଉଛି। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବଜେଟରେ ରାଜ୍ୟ ସରକାର ଚାଷ ଓ ଚାଷୀଙ୍କୁ ଫୋକସ୍ କରିଛନ୍ତି। ୩ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍‌ରେ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶକୁ ସର୍ବାଧିକ ପ୍ରାଥମିକତା ପ୍ରଦାନ କରାଯାଇଛି। ସମୃଦ୍ଧ କୃଷକ ଯୋଜନା ପାଇଁ ୬,୦୮୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହାଛଡ଼ା ଚାଷୀମାନଙ୍କୁ ସମୟୋଚିତ ପୈଠ ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ସରକାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ୫ ହଜାର କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି ଗଠନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଚାଷୀମାନଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ବ୍ୟାପକ ସହାୟତା ରାଶିର ବଜେଟରେ ବ୍ୟବସ୍ଥା ହୋଇଛି। କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ଓ ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଚଳିତ ବଜେଟରେ ପୁଷ୍ଟିଶସ୍ୟର ଚାଷ ଓ ବ୍ୟବହାରକୁ ବୃଦ୍ଧି କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରି ରାଜ୍ୟର ପ୍ରତ୍ୟେକ କୃଷକ ପରିବାରକୁ ଏକ ସମୃଦ୍ଧ ଓ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ଉଦ୍ୟାନ କୃଷି ମିଶନ୍ ପ୍ଲସ୍ ପାଇଁ ୫୪୪ କୋଟି



ଉଦ୍ୟାନ କୃଷିରେ ଫସଲ- ନିର୍ଦ୍ଦିଷ୍ଟ କ୍ଲଷ୍ଟରଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଉଦ୍ୟାନ କୃଷି ଫସଲ-ନିର୍ଦ୍ଦିଷ୍ଟ ଯୋଜନା, ମସଲା ମିଶନ୍ ସମେତ ଆଳୁ ଚାଷର ଉନ୍ନୟନ ଏବଂ ଉଦ୍ୟାନ କୃଷି ମିଶନ ପ୍ଲସ ମାଧମରେ କ୍ଷେତ୍ରଫଳ ବିସ୍ତାର, ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା, ଅମଳ ପରବର୍ତ୍ତୀ ପରିଚାଳନା ଏବଂ ବଜାର ସଂଯୋଗକୁ ବୃଦ୍ଧି କରାଯାଉଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ, ଏଥିପାଇଁ ମୋଟ ୫ଶହ ୪୪ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ କରାଯାଇଛି।ରାଜ୍ୟ ସରକାର, ଭାରତ ସରକାରଙ୍କ ସହିତ ଘନିଷ୍ଠ ସହଭାଗିତାରେ, ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ପ୍ରମୁଖ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି। ଏହି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ମଧ୍ୟରେ ନବସୃଜନ ଆଧାରିତ ଅଭିବୃଦ୍ଧି ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ ୧ଶହ ୬୦ କୋଟି ଟଙ୍କା, କୃଷି ଯାନ୍ତ୍ରିକୀକରଣ ପାଇଁ କୃଷି ଯାନ୍ତ୍ରିକୀକରଣ ଉପ-ମିଶନ ଅଧୀନରେ ୨ଶହ ୫୦ କୋଟି ଟଙ୍କା, କୃଷି ସମ୍ପ୍ରସାରଣ ଉପ-ମିଶନ ବାବଦକୁ ୧ ଶହ ୩୧ କୋଟି ଟଙ୍କା, ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଅଧୀନରେ ୨ଶହ ୨କୋଟି ଟଙ୍କା, ଉଦ୍ୟାନ କୃଷିର ସମନ୍ୱିତ ବିକାଶ ମିଶନ ଅଧୀନରେ ୧ ଶହ ୪କୋଟି ଟଙ୍କା ଅନ୍ତର୍ଭୁକ୍ତ।

## ଆଧୁନିକ ଗୋଦାମ ନିର୍ମାଣ ପ୍ରସ୍ତାବ

**କ୍ଷମତା ୧୧ ଲକ୍ଷ ମେଟ୍ରିକ୍ ଟନ୍**



ସାର୍ବଜନୀନ ବଣ୍ଟନ ବ୍ୟବସ୍ଥାରେ କ୍ଷତି ହ୍ରାସ କରିବା ଏବଂ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବୈଜ୍ଞାନିକ ଭଣ୍ଡାରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦୃଷ୍ଟିକୋଣରୁ ସରକାରଙ୍କ ଦ୍ୱାରା କରାଯାଇଥିବା ଏକ ବ୍ୟାପକ ବିଶ୍ଳେଷଣକୁ ଆଧାର କରି ରାଜ୍ୟରେ ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରାୟ ୧୧ ଲକ୍ଷ ମେଟ୍ରିକ୍ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି।

## ସ୍ୱଦେଶୀ ପ୍ରଜାତିର ଧାନକୁ ପ୍ରୋତ୍ସାହନ

**୪୬୯ କୋଟି ଟଙ୍କାର ବ୍ୟୟବରାଦ**

ଧାନ ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜଳବାୟୁ ସହନଶୀଳ କୃଷିକୁ ପ୍ରାଥମିକତା ଦେଇ ବିଭିନ୍ନ କିସମର ଡାଲି, ତୈଳବୀଜ ଏବଂ ଦେଶୀ ସୁଗନ୍ଧିତ ଓ ଅଣସୁଗନ୍ଧିତ ଧାନ ଚାଷକୁ ପ୍ରୋତ୍ସାହିତ କରାଯାଉଅଛି। ଏଥିଲାଗି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ କାର୍ଯ୍ୟକ୍ରମ, ସ୍ୱଦେଶୀ ପ୍ରଜାତିର ଧାନକୁ ପ୍ରୋତ୍ସାହନ ଏବଂ ଅମଳ ପରବର୍ତ୍ତୀ ଧାନ ପଡ଼ିଆର ବ୍ୟାପକ ପରିଚାଳନା ଆଦି ପଦକ୍ଷେପ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ମୋଟ ୪ଶହ ୬୯ କୋଟି ଟଙ୍କାର ବ୍ୟୟ ବରାଦ ରହିଛି।

## ଅବହେଳିତ ଶସ୍ୟର ପୁନରୁଦ୍ଧାର ଯୋଜନା

**ବ୍ୟୟବରାଦ ୫୫ କୋଟି**

ଓଡ଼ିଶାର କୃଷି-ଜୈବ ବିବିଧତା ଏବଂ ପାରମ୍ପରିକ ଖାଦ୍ୟ ପ୍ରଣାଳୀର ସମୃଦ୍ଧି ଓ ପୁନରୁଦ୍ଧାର ପାଇଁ ସରକାର ଚଳିତ ଆର୍ଥିକ ବର୍ଷରେ 'ଓଡ଼ିଶାରେ ବିସ୍ମୃତ ଖାଦ୍ୟ/ଅବହେଳିତ ଶସ୍ୟର ପୁନରୁଦ୍ଧାର' ଯୋଜନା ଆରମ୍ଭ କରିଛନ୍ତି ଯାହା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ୫୫ କୋଟି ଟଙ୍କାର ପ୍ରସ୍ତାବ ରହିଛି।

## ୬ ଜିଲ୍ଲାରେ କଫି ଚାଷ ପାଇଁ ୧୫୦ କୋଟି

**ଆଖୁ ଚାଷ ନିମନ୍ତେ ୨୭ କୋଟି**

**ବଳଭଦ୍ର ଜୈବିକ ଚାଷ ମିଶନ୍ ପାଇଁ ୨୮ କୋଟି**

ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ପାଇଁ ଉଚ୍ଚ-ମୂଲ୍ୟଯୁକ୍ତ ବାଣିଜ୍ୟ ଉପଯୋଗୀ ଏବଂ ଜୈବିକ ଚାଷର ସୁପରିକଳ୍ପନା କରି ୬ଟି ଜିଲ୍ଲାରେ କଫି ଚାଷ ପାଇଁ ୧ ଶହ ୫୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି 'ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉନ୍ନତ ଆଖୁ ଚାଷ' ନିମନ୍ତେ ୨୭ କୋଟି ଟଙ୍କା ଏବଂ ବଳଭଦ୍ର ଜୈବିକ ଚାଷ ମିଶନ ନିମନ୍ତେ ୨୮ କୋଟି ଟଙ୍କାର ବ୍ୟବସ୍ଥା ରହିଛି।

## 'ଶ୍ରୀ ଅନ୍ନ ଅଭିଯାନ' ପାଇଁ ୪୦୦ କୋଟି

ମାଣ୍ଡିଆ ଭଳି ଜଳବାୟୁ ସହନଶୀଳ ଏବଂ ପୁଷ୍ଟିକର ଶସ୍ୟକୁ ପୁନର୍ଜୀବିତ କରି ପୁଷ୍ଟିକର ଖାଦ୍ୟ ସୁରକ୍ଷା ଯୋଗାଇବା ପାଇଁ 'ଶ୍ରୀ ଅନ୍ନ ଅଭିଯାନ' ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୪ଶହ କୋଟି ଟଙ୍କାର ବ୍ୟବସ୍ଥା ରହିଛି।

## ଫୁଲ ଓ ଛତୁ ଚାଷ ବାବଦକୁ ୫୭ କୋଟି

'ନାରୀ ଶକ୍ତି ସମାଜର ଶକ୍ତି' -ଏହି ଆହ୍ୱାନରେ ପ୍ରେରିତ ହୋଇ ରାଜ୍ୟ ସରକାର ଉଦ୍ୟୋଗୀକରଣ ଏବଂ ଗ୍ରାମାଞ୍ଚଳ ସ୍ଥାୟୀ ଜୀବିକାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଭୂମିକାକୁ ପ୍ରାଥମିକତା ଦେଇଆସୁଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ହେବାକୁ ଥିବା ଫୁଲ ଓ ଛତୁ ଚାଷ ବାବଦକୁ ୫୭ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି। ଏହା ସହିତ କୃଷି ଉତ୍ପାଦକ କ୍ଲଷ୍ଟରଗୁଡ଼ିକୁ ସୁଦୃଢ଼ କରିବା ପାଇଁ ୩୮ କୋଟି ଟଙ୍କା ବ୍ୟବବରାଦ କରାଯାଇଛି।

## କୃଷି ଯାନ୍ତ୍ରିକୀକରଣ: ୪୦୦ କୋଟି ବ୍ୟୟବରାଦ



'କୃଷି ଉପକରଣର ଲୋକପ୍ରିୟତା' ଯୋଜନା ଅଧୀନରେ କୃଷି ଯାନ୍ତ୍ରିକୀକରଣ ନିମନ୍ତେ ୪ଶହ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି। କୃଷି-ଉଦ୍ୟୋଗୀକତା ଏବଂ ଗ୍ରାମୀଣ ଜୀବିକାର ସଶକ୍ତିକରଣ ପାଇଁ ରାଜ୍ୟ କୃଷି ନୀତିରେ କୃଷି ଉଦ୍ୟୋଗ ଏବଂ କୃଷି ସେବା କେନ୍ଦ୍ରଗୁଡ଼ିକୁ ପୁଞ୍ଜି ନିବେଶ ସହାୟତା ବାବଦକୁ ୪ ଶହ ୪୧ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଥିବାବେଳେ ନୂତନ 'ଶୀତଳ ଭଣ୍ଡାର ନୀତି'ରେ ଅମଳ ପରବର୍ତ୍ତୀ ଭିତ୍ତିଭୂମିକୁ ମଜବୁତ କରିବା ଉଦ୍ଦେଶ୍ୟରେ ୬୩ କୋଟି ଟଙ୍କାର ପ୍ରସ୍ତାବ ରହିଛି।

## ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗ ପାଇଁ ୨୦୧୯ କୋଟି



ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗ ପାଇଁ ରାଜ୍ୟ ସରକାର ୨ ହଜାର ୧୯ କୋଟି ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହି ପ୍ରୟାସଗୁଡ଼ିକ ମଧ୍ୟରେ ଚିଙ୍ଗୁଡ଼ି ଚାଷର ସମ୍ପ୍ରସାରଣ, ଗଭୀର ସମୁଦ୍ରରେ ମାଛ ଧରିବାକୁ ପ୍ରୋତ୍ସାହନ, ଆଧୁନିକ ମାଛଧରା ବନ୍ଦର, ମାଛ ଅବତରଣ କେନ୍ଦ୍ର, ମଧୁରଜଳ ମାଛ ଚାଷ କ୍ଲଷ୍ଟର, କଙ୍କଡ଼ା ଚାଷ ଏବଂ ରପ୍ତାନି ସକ୍ଷମ ଭିତ୍ତିଭୂମି ଅନ୍ତର୍ଭୁକ୍ତ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଚାଷରେ ସହାୟତା ଯୋଗାଇ ଦେବା, ମାଛ ବିହନ ହାଚେରୀ ପ୍ରତିଷ୍ଠା କରିବା, ବର୍ଷସାରା ଗୁଣାତ୍ମକ ମାଛ ଯାଆଁଳ ଯୋଗାଣ ପାଇଁ ବହିନ ଉତ୍ପାଦନକାରୀଙ୍କ ଏକ ନେଟୱାର୍କ ବିକାଶିତ କରିବା ଏବଂ ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନାକୁ ଉପଯୋଗୀ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅଧୀନରେ ୨ଶହ ୧ କୋଟି ଟଙ୍କା ଆବଣ୍ଟନର ପ୍ରସ୍ତାବ ରହିଛି। ଅସ୍ତରଙ୍ଗ ମାଛଧରା ବନ୍ଦରର ଆଧୁନିକୀକରଣ ଏବଂ ଗୋପାଳପୁରରେ ଗଭୀର ସମୁଦ୍ରରେ ମାଛଧରା ବନ୍ଦର ନିର୍ମାଣ ସମେତ ୪୦ଟି ହିତାଧିକାରୀ ଭିତ୍ତିକ ଯୋଜନାକୁ ପ୍ରଭାବଶାଳୀ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ୨ ଶହ ୪୫ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ସହାୟତାରେ ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧ଶହ ୫୯ କୋଟି ଟଙ୍କା ବ୍ୟୟ ଅଟକଳର ପ୍ରସ୍ତାବ ରହିଛି। ସେହିଭଳି, ପ୍ରାଣୀସମ୍ପଦ ବିକାଶ ଏବଂ କୃଷକ ସହାୟତାକୁ ଦୃଷ୍ଟିରେ ରଖି ପ୍ରାଣି ସମୃଦ୍ଧି ଯୋଜନାରେ ୧ ଶହ ୮୫ କୋଟି ଟଙ୍କାର ପ୍ରସ୍ତାବ ରହିଛି। ପ୍ରାଣୀ ଚିକିତ୍ସାଳୟ, ଡିସପେନସାରୀ, ପଶୁପାଳନ ସହାୟତା କେନ୍ଦ୍ର ଏବଂ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ ଇତ୍ୟାଦି ମାଧ୍ୟମରେ ବ୍ୟାପକ ପ୍ରାଣୀ ଚିକିତ୍ସା ସେବା ଅନ୍ତର୍ଭୁକ୍ତ। ଠିକ୍ ସମୟରେ ନିଦାନ, ପ୍ରତିଷେଧକ ଯତ୍ନ ଏବଂ ପଶୁ ରୋଗର ପ୍ରଭାବଶାଳୀ ନିୟନ୍ତ୍ରଣ ପାଇଁ ଗୋମାତା ଯୋଜନା ଅଧୀନରେ ୫୭ କୋଟି ଟଙ୍କାର ପ୍ରସ୍ତାବ ରହିଛି।

## ସୁଦୃଢ଼ ହେବ ଜଳ ଭିତ୍ତିଭୂମି ଓ ଜଳସେଚନ

୨୦୨୬-୨୭ ଆର୍ଥିକ ବର୍ଷରେ, ଜଳ ଭିତ୍ତିଭୂମି ଏବଂ ଜଳସେଚନକୁ ସୁଦୃଢ଼ କରିବା ପାଇଁ ଅନେକ ପ୍ରମୁଖ ସଂସ୍କାର ଏବଂ ପଦକ୍ଷେପ ନିଆଯିବ। ଜଳସେଚନ, ବନ୍ୟା ନିୟନ୍ତ୍ରଣ ଏବଂ ଜଳ ଉପଲବ୍ଧତାରେ ଉନ୍ନତି ଆଣିବା ନିମନ୍ତେ ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବଜେଟ୍‌ରେ ୧୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ମହାନଦୀ ତଟବର୍ତ୍ତୀ ସୁରକ୍ଷା, ସହରାଞ୍ଚଳ ସହନଶୀଳତା ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହନ ନିମନ୍ତେ ୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ମହାନଦୀ ନଦୀ କୂଳ ବିକାଶ ଯୋଜନା ଜାରି ରହିବ। ଜଳସେଚନ ବିଶ୍ୱସନୀୟତା ବୃଦ୍ଧି ତଥା ପୁରୁଣା ଓ କ୍ଷତିଗ୍ରସ୍ତ ଜଳସେଚନ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ଇମ୍ପ୍ରୋଭମେଣ୍ଟ ଟୁ ଡାଇଭର୍ସନ ଓ୍ୟାରର୍ସ ସ୍କିମରେ ୧ ଶହ କୋଟି ଟଙ୍କାର ପ୍ରସ୍ତାବ ଥିବାବେଳେ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ନଦୀ ପରିବହନ କ୍ଷମତାକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ବନ୍ୟା ପରିଚାଳନା ଯୋଜନାରେ ୫ଶହ ୩୦ କୋଟି ଟଙ୍କାର ବ୍ୟୟବରାଦ ରହିଛି। ଇନଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍‌ଚର ପ୍ରଗ୍ରାମ ଯୋଜନାରେ ୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ଅଧୀନରେ ୧ ଶହ ୮୦ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ୨ ଶହ ୮୦ କୋଟି ଟଙ୍କାର ବ୍ୟୟ ବରାଦରେ ଚେକ୍ ଡ୍ୟାମ୍ ଏବଂ ଜଳସେଚନ ସମ୍ଭାବନା ସୃଷ୍ଟି ଏବଂ ପରିବେଶ ସ୍ୱାସ୍ଥ୍ୟକୁ ପୁନଃସ୍ଥାପିତ କରି ସ୍ଥାୟୀ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା ତଥା ପ୍ରାଚୀନ ନଦୀକେନ୍ଦ୍ରିକ ଐତିହ୍ୟକୁ ପୁନରୁଜ୍ଜୀବିତ କରିବା ପାଇଁ ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମ 'ସଞ୍ଜୀବନୀ' ମାଧ୍ୟମରେ ଜଳ ସଂରକ୍ଷଣ ପଦକ୍ଷେପର ସମ୍ପ୍ରସାରଣ ଜାରି ରହିବ। ଏଥିପାଇଁ ୧ ଶହ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଓଡ଼ିଶାକୁ ଜଳ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ସରକାର ୨୦୨୯ ସୁଦ୍ଧା ୧୫ ଲକ୍ଷ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ସୁବିଧା ଉପଲବ୍ଧ କରିବାର ଲକ୍ଷ୍ୟ ରଖିଛନ୍ତି ଯାହା ମଧ୍ୟରୁ ୨୦୨୬-୨୭ ଆର୍ଥିକ ବର୍ଷରେ ୩ଲକ୍ଷ ୩୩ ହଜାର ହେକ୍ଟର ଜମିରେ ଆଧୁନିକ ପ୍ରଯୁକ୍ତି ଏବଂ ଚାହିଦା ଆଧାରିତ ଜଳସେଚନ ପରିଚାଳନାର ଲକ୍ଷ୍ୟ ରଖାଯାଇଛି। ଏହି ବର୍ଷ ସରକାର କୁସୁମି ସ୍ମାର୍ଟ ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବେ। ଏହି ବର୍ଷ ମଧ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକ ଯଥା ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ଅପର ଲାନ ପ୍ରକଳ୍ପର ଅଗ୍ରଗତି ସହିତ ସନ୍ଧୁଲ ବ୍ୟାରେଜ ପ୍ରୋଜେକ୍ଟରର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଆୟକଟର ସ୍ଥିରୀକରଣ ଲକ୍ଷ୍ୟ ରଖି ୮୦ କୋଟି ଟଙ୍କା ବ୍ୟବସ୍ଥା ସହିତ ଟ୍ୟାଙ୍କ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତି ମାଧ୍ୟମରେ ନିମ୍ନ ପ୍ରଭାଗୀ ଅଞ୍ଚଳକୁ ଜଳସେଚନ ସୁନିଶ୍ଚିତ କରାଯିବ। ଏହା ବ୍ୟତୀତ, ବ୍ୟାପକ ଉଦ୍ୟାନ କୃଷି ବୃଦ୍ଧି ଏବଂ ପରିବର୍ତ୍ତନ ପଦ୍ଧତି ଏବଂ ଗ୍ରାମୀଣ ଏବଂ ସହରାଞ୍ଚଳ ପାଇଁ ଆବଣ୍ଟନ ଯୋଜନା ଅଧୀନରେ ୫୩ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି ଯାହା ଦ୍ୱାରା ରାଜ୍ୟର ଜଳ ସଙ୍କଟ କ୍ଷେତ୍ରରେ ଭୂତଳ ଜଳ ପୁନଃ କାର୍ଯ୍ୟକ୍ଷମ ହେବା ସହ ସ୍ଥାୟୀ ଜଳ ପରିଚାଳନାକୁ ପ୍ରୋତ୍ସାହିତ କରାଯାଇପାରିବ।

ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ଅଧୀନରେ ଚାଲୁଥିବା ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ପ୍ରକଳ୍ପ ସମାପ୍ତିକୁ ତ୍ୱରାନ୍ୱିତ କରିବା ଏବଂ ଉଚ୍ଚଭୂମି ଅଞ୍ଚଳଗୁଡ଼ିକରେ ଜଳସେଚନକୁ ବୃଦ୍ଧି କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୩୨ଟି ପ୍ରକଳ୍ପର ଲକ୍ଷ୍ୟ ରଖାଯାଇଛି ଯାହା ଅତିରିକ୍ତ ଜଳସେଚନ ସମ୍ଭାବନା ସୃଷ୍ଟି କରିବ। ୨୦୨୬-୨୭ ଆର୍ଥିକ ବର୍ଷରେ ବୃହତ ଉଠା ଜଳସେଚନର ସମ୍ପ୍ରସାରଣ, ୨୦ ହଜାର ଗଭୀର ନଳକୂପ ଖନନ, ୨ ହଜାର ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଏବଂ ଉଠା ଜଳସେଚନ ଭିତ୍ତିଭୂମିର ପୁନରୁଦ୍ଧାର ଏବଂ ସୁଦୃଢ଼ୀକରଣକୁ ସମର୍ଥନ କରିବା ପାଇଁ ୨ ହଜାର ୨୯ କୋଟି ଟଙ୍କାର ଏକ ସମନ୍ୱିତ ବଜେଟ୍ ବ୍ୟବସ୍ଥା ପ୍ରସ୍ତାବିତ ହୋଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା ଯୋଜନା ଅଧୀନରେ ଶେଷ ମାଇଲ ପର୍ଯ୍ୟନ୍ତ ଦକ୍ଷ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ୨ ଶହ ୮୮ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ସହିତ ପ୍ରାୟ ୩୮ ହଜାର ହେକ୍ଟର ଅଞ୍ଚଳ ପରିସରଭୁକ୍ତ କ୍ଷେତ୍ର ଚ୍ୟାନେଟଗୁଡ଼ିକର ନିର୍ମାଣ ଏବଂ ପୁନଃନିର୍ମାଣ ପ୍ରସ୍ତାବ ରହିଛି। ମୁଖ୍ୟମନ୍ତ୍ରୀ କେନାଲ ଲାଇନିଂ ଯୋଜନା ଅଧୀନରେ ପରିବହନ ଜନିତ କ୍ଷତି ହ୍ରାସ କରିବା ପାଇଁ ୧ ଶହ ୬୦ କିଲୋମିଟର କେନାଲ ଲାଇନିଂ ନିର୍ମାଣ ନିମନ୍ତେ ୪ ଶହ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହା ବ୍ୟତୀତ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ଅଧୀନରେ ୧ଶହ ୮୦ କୋଟି ଟଙ୍କା ବ୍ୟୟବରାଦ ସହିତ ଆୟାକଟର ପୁନରୁଦ୍ଧାର ସ୍ଥିରତା ଏବଂ ସମ୍ପ୍ରସାରଣର ଯୋଜନା ରଖାଯାଇଛି। ଏଥିସହ, ଜଳବାୟୁ-ଅନୁକୂଳ ଜଳସେଚନ ଅଭ୍ୟାସକୁ ପ୍ରୋତ୍ସାହିତ କରାଯାଇ ବିଶ୍ୱ ବ୍ୟାଙ୍କ ସହାୟତାରେ ଚାଲୁଥିବା ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ଅଧୀନରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଶହ ୪୫କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି।

- **ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ପାଇଁ ୧୦ କୋଟି**
- **୮୦ କୋଟି ବ୍ୟୟ ଅଟକଳରେ ମହାନଦୀ ନଦୀ କୂଳ ବିକାଶ ଯୋଜନା**





# ରାଜ୍ୟ ବଜେଟ୍ ୨୦୨୬-୨୭





## କେଉଁ ଯୋଜନାକୁ କେତେ

### କୃଷି ଓ କୃଷକ ସଶକ୍ତୀକରଣ



- ସମୃଦ୍ଧ କୃଷକ ଯୋଜନା: ୬୦୮୮ କୋଟି
- ସିଏମ କିଶାନ: ୨୦୩୦ କୋଟି
- କୃଷି ଯାନ୍ତ୍ରିକୀକରଣ ଓ କୃଷି ଉଦ୍ୟୋଗ: ୮୪୧ କୋଟି ଟଙ୍କା
- ଶ୍ରୀ ଅନ୍ନ ଅଭିଯାନ : ୪୦୦ କୋଟି

### ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ



- ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା : ୨୪୫ କୋଟି
- ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା: ୨୦୧ କୋଟି
- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା : ୧୫୯ କୋଟି
- ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା : ୧୮୫ କୋଟି

### ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ



- ଜଳ କ୍ଷେତ୍ର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ: ୧୦୧୦ କୋଟି
- ତ୍ୱରିତ ଜଳସେଚନ ଲାଭ କାର୍ଯ୍ୟକ୍ରମ : ୨୩୦୭ କୋଟି
- ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି : ୨୨୮୨ କୋଟି
- ଇନଷ୍ଟ୍ରିମ୍ ଷ୍ଟୋରେଜ୍ ନିର୍ମାଣ: ୧୦୦୦ କୋଟି

### ସ୍ୱାସ୍ଥ୍ୟ-ସମସ୍ତଙ୍କ ପାଇଁ ସେବା



- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା : ୬୩୦୯ କୋଟି
- ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ : ୫୦୦୮ କୋଟି
- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ : ୧୯୫୮ କୋଟି
- ନିର୍ମଳ : ୯୮୬ କୋଟି

### ଶିକ୍ଷା: ସମୃଦ୍ଧ ଜୀବନ



- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ : ୧୦୧୦ କୋଟି
- ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ : ୭୩୨ କୋଟି
- ସମଗ୍ର ଶିକ୍ଷା : ୩୮୦୫ କୋଟି
- ପି.ଏମ ପୋଷଣ : ୧୨୭୮ କୋଟି
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ : ୧୨୨୪ କୋଟି

### ପରିବହନ



- ରେଳ ପ୍ରକଳ୍ପର ବିକାଶ : ୪୫୦ କୋଟି
- ବିମାନ ଚଳାଚଳ ଭିତ୍ତିଭୂମିର ଉନ୍ନତି : ୫୧୧ କୋଟି
- ଗ୍ରାମାଞ୍ଚଳ ପରିବହନ : ୧୦୮୫ କୋଟି
- ସବୁଜ ଓଡ଼ିଶା - ବିଦ୍ୟୁତ ଯାନ ନୀତି : ୨୫୦ କୋଟ
- ଅଟଳ ବସ୍ ଷ୍ଟାଣ୍ଡ : ୧୧୦୩ କୋଟି

### ସଡ଼କ ଓ ସେତୁ



- ଗ୍ରାମୀଣ ସଡ଼କ : ୨୭୫୧ କୋଟି
- ରାସ୍ତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ରାସ୍ତା କାର୍ଯ୍ୟ : ୬୫୦୦ କୋଟି
- ସେତୁବନ୍ଧ ନିର୍ମାଣ : ୧୭୦୦ କୋଟି
- ରାଜଧାନୀ ରାସ୍ତା ବିକାଶ କାର୍ଯ୍ୟକ୍ରମ : ୩୫୦ କୋଟି
- ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନା : ୨୦୦ କୋଟି

### ପର୍ଯ୍ୟଟନ ଓ ହସ୍ତତନ୍ତ



- ପର୍ଯ୍ୟଟକଙ୍କ ବାସସ୍ଥାନ ନିର୍ମାଣ : ୫୦୦ କୋଟି
- ପର୍ଯ୍ୟଟନ ସମ୍ବନ୍ଧୀୟ ସୂଚନା ଓ ପ୍ରଚାର : ୩୮୮ କୋଟି
- ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା : ୧୦୨ କୋଟି
- ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା : ୭୨ କୋଟି

### ଓଡ଼ିଆ ଅସ୍ମିତା



- ସଂସ୍କୃତି ନିର୍ଦ୍ଦେଶାଳୟ : ୧୪୩ କୋଟି
- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା : ୧୫୦ କୋଟି
- ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା : ୩୦ କୋଟି
- ସାଂସ୍କୃତିକ ଅନୁଷ୍ଠାନକୁ ଅନୁଦାନ : ୫୧ କୋଟି

### କ୍ରୀଡ଼ା ଓ ଯୁବସେବା



- କ୍ରୀଡ଼ା ଭିତ୍ତିଭୂମିର ବିକାଶ : ୨୦୦ କୋଟି
- କ୍ରୀଡ଼ା ଏବଂ ଖେଳ ପାଇଁ ଅନୁଦାନ ଏବଂ ସହାୟତା : ୬୦ କୋଟି
- ଫିଟ୍ ଓଡ଼ିଶା ମିଶନ : ୧୦ କୋଟି
- କ୍ରୀଡା ପ୍ରତିଯୋଗିତା ଆୟୋଜନ : ୧୦୦ କୋଟି ଟଙ୍କା

### ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ



- କାମ୍ପା : ୧୦୧୯ କୋଟି
- ବନ୍ୟପ୍ରାଣୀ ସୁରକ୍ଷା ଏବଂ ସଂରକ୍ଷଣ ପଦକ୍ଷେପ : ୭୫ କୋଟି
- ରାଜ୍ୟରେ ସବୁଜ ଆଚ୍ଛାଦନ ବୃଦ୍ଧି : ୨୦ କୋଟି
- ସବୁଜ ମହାନଦୀ ମିଶନ : ୨୦ କୋଟି
- ମୁଖ୍ୟମନ୍ତ୍ରୀ କେନ୍ଦୁ ପତ୍ର କଲ୍ୟାଣ ପାଣ୍ଠି: ୧୧୭ କୋଟି

### ଶକ୍ତି



- ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା : ୨୩୧୩ କୋଟି
- ଓଡିଶା ଅକ୍ଷୟ ଶକ୍ତି ବିକାଶ ଯୋଜନା : ୯୫୭ କୋଟି
- ସରକାରୀ ଉଦ୍ୟୋଗ/କର୍ପୋରେସନକୁ ଋଣ: ୫୦୦ କୋଟି
- ବେସାମରିକ ଭିତ୍ତିଭୂମିର ସୁଦୃଢ଼ୀକରଣ : ୨୦୯ କୋଟି

### ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ



- ଶିଳ୍ପ ଭିତ୍ତିଭୂମି ରକ୍ଷଣାବେକ୍ଷଣ ପାଣ୍ଠି: ୧୬୦ କୋଟି
- ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ପାଇଁ ଅନୁଦାନ : ୨୮୮ କୋଟି
- ଅନ୍ୟାନ୍ୟ ଶିଳ୍ପର ପ୍ରୋତ୍ସାହନ ପାଇଁ ଯୋଜନା : ୨୦୭ କୋଟି
- ସରକାରୀ ଉଦ୍ୟୋଗ ଏବଂ ଅନ୍ୟାନ୍ୟ ଉଦ୍ୟୋଗଗୁଡ଼ିକୁ ସହାୟତା: ୧୭୮ କୋଟି

### ଗ୍ରାମ୍ୟ ଉନ୍ନୟନ



- ବିକଶିତ ଭାରତ- ଜି ରାମ ଜି : ୫୫୭୫ କୋଟି
- ବିକଶିତ ଗ୍ରାମ ବିକଶିତ ଓଡିଶା : ୨୦୦୦ କୋଟି
- ଜଳ ଜୀବନ ମିଶନ : ୭୦୦୦ କୋଟି
- ଅନ୍ତୋଦୟ ଗୃହ ଯୋଜନା : ୨୦୦୦ କୋଟି
- ସଂଯୋଗହୀନ ବାସସ୍ଥାନ ସହିତ ସଂଯୋଗୀକରଣ : ୧୦୦୦ କୋଟି

## ପ୍ରଫେସ୍‌ନାଲ୍ ଟ୍ୟାକ୍ସ ଉଚ୍ଛେଦ

ନିମ୍ନ ମଧ୍ୟବିତ୍ତ ଓ ଚାକିରିଆଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ କରିବା ପାଇଁ ମୋହନ ସରକାର ଏକ ବଡ଼ ଘୋଷଣା କରିଛନ୍ତି । ଦୀର୍ଘ ଦିନର ଦାବିକୁ ପୂରଣ କରି ୨୦୨୬ ଏପ୍ରିଲ ପହିଲାଠାରୁ ପ୍ରଫେସନାଲ ଟ୍ୟାକ୍ସକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯିବ ବୋଲି ବଜେଟ୍‌ରେ ଘୋଷଣା କରିଛନ୍ତି । ଏଥିଯୋଗୁ ସରକାରଙ୍କୁ ବାର୍ଷିକ ପ୍ରାୟ ୩୨୦କୋଟି ଟଙ୍କା ରାଜସ୍ୱ ହରାଇବାକୁ ପଡ଼ିବ । କିନ୍ତୁ ଲକ୍ଷ ଲକ୍ଷ କର୍ମଚାରୀ ସିଧାସଳଖ ଉପକୃତ ହେବେ । ସେହିପରି ଅଷ୍ଟମ ବେତନ କମିଶନ ଆଧାରରେ ରାଜ୍ୟର କର୍ମଚାରୀମାନଙ୍କୁ ଦରମା ଦେବା ଉଦ୍ଦେଶ୍ୟରେ ପ୍ରଶାସନିକ ଖର୍ଚ୍ଚରେ ୧୧ ପ୍ରତିଶତ ବୃଦ୍ଧି କରିଛନ୍ତି ।



ବଜେଟ୍ ଉପସ୍ଥାପନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ 'ଦହି-ଚିନି' ଖୁଆଉଛନ୍ତି ରାଜ୍ୟପାଳ





ବିଧାନସଭାରେ ବଜେଟ ଉପସ୍ଥାପିତ ହେବା ପୂର୍ବରୁ ବାଚସ୍ପତି ଓ ଉପବାଚସ୍ପତିଙ୍କୁ ବଜେଟ୍ କପି ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ

## 'ବିକଶିତ ଓଡ଼ିଶା' ପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ୍



**ଭୁବନେଶ୍ୱର ,୨୦।୨/ଏନ୍ଏନ୍ଏସ୍:** ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ଚଳିତ ବଜେଟ୍ 'ବିକଶିତ ଓଡ଼ିଶା' ପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ୍ । ଏହା ଓଡ଼ିଶାର ଶିକ୍ଷା, ଦକ୍ଷତା, ଶିଳ୍ପ, କୃଷି ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସହ ସବୁ ବର୍ଗର ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବ । ବଜେଟରେ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ ହୋଇଛି । ଚଳିତ ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଞ୍ଚିତ ବର୍ଗର ଲୋକମାନେ ବିଶେଷ ଭାବେ ଉପକୃତ ହେବେ । ସାମାଜିକ ସୁରକ୍ଷା ସୁନିଶ୍ଚିତ ହେବ । ଗାଁରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରର ବିକାଶ ହେବ । ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା, କ୍ରୀଡ଼ା, ସାମାଜିକ ଓ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ରୋଷେଇ ଘର ନାହିଁ, ମେନୁ ମାଳ ମାଳ



**ଭୁବନେଶ୍ୱର,୨୦।୨/ଏନ୍ଏନ୍ଏସ୍:** ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି । ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଯେଉଁଥିରେ ରାଜ୍ୟବାସୀଙ୍କୁ ରଙ୍ଗୀନ ସ୍ୱପ୍ନ ଦେଖାଯାଇଛି । ତେବେ ବଜେଟକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କଟାକ୍ଷ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବଜେଟ ଉପସ୍ଥାପନ ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରତିକ୍ରିୟା ରଖିଛନ୍ତି । ନବୀନ କହିଛନ୍ତି, ରୋଷେଇ ଘର ନାହିଁ, ହେଲେ ଖାଦ୍ୟ ମେନୁ ମାଳ ମାଳ ।

## ଐତିହାସିକ, ଦୂରଦୃଷ୍ଟିସମ୍ପନ୍ନ ବଜେଟ୍



**ଭୁବନେଶ୍ୱର,୨୦।୨/ଏନ୍ଏନ୍ଏସ୍:** ସମୁଦାୟ ବଜେଟରେ 'ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା'କୁ ଗୁରୁତ୍ୱ ଦିଆଯାଇଛି । ବଜେଟରେ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ବିଜେପିର ପ୍ରତିବଦ୍ଧତା ସ୍ପଷ୍ଟ ପ୍ରତିଫଳିତ ହେଉଛି । କୃଷି, ପର୍ଯ୍ୟଟନ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, କ୍ରୀଡ଼ା, ଦକ୍ଷତା ବିକାଶ, ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି । ଏଥି ସହ ଓଡିଆ ଅସ୍ମିତାର ପ୍ରଚାର ପ୍ରସାର ସହିତ ସମାଜର ସବୁ ବର୍ଗ ଓ ଅଂଚଳବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ବଜେଟରେ ଆର୍ଥିକ ବ୍ୟବସ୍ଥା କରାଯାଇଛି । ଏହା ସମୃଦ୍ଧ ଓଡ଼ିଶା ଗଠନ ପାଇଁ 'ଐତିହାସିକ, ଦୂରଦୃଷ୍ଟିସମ୍ପନ୍ନ ବଜେଟ' ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ।

## ପୁରୀରେ 'ଶାମୁକା ପ୍ରକଳ୍ପ'

ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ନୈସର୍ଗିକ ବେଳାଭୂମିର ଅନୁଭୂତି ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ସହିତ ଏକ ବିଶ୍ୱମାନର ଉପକୂଳ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ପରିଣତ କରିବା ପାଇଁ ପ୍ରାୟ ୧୫ ଶହ ଏକର ପରିମିତ ଅଞ୍ଚଳରେ 'ଶାମୁକା ପ୍ରକଳ୍ପ'ର ପରିକଳ୍ପନା କରାଯାଇଛି । ସେହିପରି 'ଚିଲିକା ପୁନରୁଦ୍ଧାର' ନାମରେ ଏକ ନୂତନ ଯୋଜନା ବି ଘୋଷଣା ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବଜେଟ୍ ଉପସ୍ଥାପନ କରି କହିଛନ୍ତି ଯେ,ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହିତ ସମନ୍ୱୟ ଆଣିବା ପାଇଁ, ପୁରୀରେ 'ଶାମୁକା' ପ୍ରକଳ୍ପ ଏବଂ ହୀରାକୁଦକୁ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଚିହ୍ନଟ କରିଛୁ । ପୁରୀର ଶାମୁକାଠାରେ ପ୍ରସ୍ତାବିତ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ଆଲୋଚନା, ନବ ସୃଜନ, ଗବେଷଣା, ସମ୍ମିଳନୀ ଏବଂ ପ୍ରଦର୍ଶନୀ ଇତ୍ୟାଦି କାର୍ଯ୍ୟକଳାପ ପାଇଁ ଏକ ବିଶ୍ୱ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ, ଯାହା ଓଡ଼ିଶାର ଅନ୍ତର୍ଜାତୀୟ ସ୍ଥିତିକୁ ସୁଦୃଢ଼ କରିବ । ଅନ୍ୟପକ୍ଷରେ ଜଳଭଣ୍ଡାର-କ୍ଷେତ୍ର ବିକାଶ ପାଇଁ ୯୯ କୋଟି ଟଙ୍କା ପୂର୍ବରୁ ଅନୁମୋଦନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

**'ଚିଲିକା ପୁନରୁଦ୍ଧାର' ନାମରେ ନୂତନ ଯୋଜନା**



ବିଧାନସଭାରେ ବଜେଟ୍ ଉପସ୍ଥାପନ କରୁଛନ୍ତି ମୁଖ୍ୟମନ୍ତ୍ରୀ

## ପ୍ରତିଷ୍ଠା ହେବ ୪ ନୂଆ ବିଶ୍ୱବିଦ୍ୟାଳୟ

ରାଜ୍ୟରେ ପ୍ରତିଷ୍ଠା ହେବ ଆଉ ୪ଟି ନୂଆ ବିଶ୍ୱବିଦ୍ୟାଳୟ । କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ାରେ ପ୍ରତିଷ୍ଠା ହେବ ଏହି ସବୁ ବିଶ୍ୱବିଦ୍ୟାଳୟ । ଏନଇପି-୨୦୨୦ ଅନୁଯାୟୀ ଏଠାରେ ସ୍ନାତକୋତ୍ତର ଶିକ୍ଷାଦାନ ଦିଆଯିବ । ଆଜି ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବା ବେଳେ ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ସେହିପରି ରାଜ୍ୟରେ ଆଉ ୨ଟି ସରକାରୀ ଇଞ୍ଜିନିୟରିଂ କଲେଜ ଖୋଲାଯିବ ବୋଲି ଘୋଷଣା କରିଛନ୍ତି । ତା'ସହିତ ୫ଟି ନୂଆ ମେଡିକାଲ କଲେଜ ଖୋଲିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

୫ ନୂଆ ମେଡିକାଲ କଲେଜ ମଧ୍ୟରୁ ୩ଟି ଆୟୁର୍ବେଦିକ ମେଡିକାଲ କଲେଜ ଓ ୨ଟି ହୋମିଓପାଥି କଲେଜ । ଗଜପତି, ମାଲକାନଗିରି, ରାୟଗଡ଼ାରେ ଖୋଲିବ ଆୟୁର୍ବେଦିକ ମେଡିକାଲ କଲେଜ । ନୟାଗଡ଼ ଓ ନୂଆପଡ଼ାରେ ହେବ ୨ଟି ହୋମିଓପାଥି କଲେଜ । ଏହି ୫ ନୂଆ ମେଡିକାଲ କଲେଜ ପାଇଁ ୧୪୦ କୋଟିର ବ୍ୟୟବରାଦ କରାଯାଇଛି ।

## ଗାଁ ଓ ସହରୀ ଭୋଟର୍‌ଙ୍କୁ ଆକୃଷ୍ଟ ପାଇଁ ନୂଆ ଯୋଜନା

ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗ୍ରାମାଞ୍ଚଳକୁ ସୁଦୃଢ଼ କରିବା ପାଇଁ ସରକାର 'ମିଶନ ପାୱାର' (ଶକ୍ତି,ଜଳ ଓ ସଡ଼କ) ନାମରେ ନୂଆ ପଦକ୍ଷେପ ନେଇଛନ୍ତି । ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ୪୪୩୦୯କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହାକି ବିଗତ ବର୍ଷ ତୁଳନାରେ ୧୩ ପ୍ରତିଶତ ଅଧିକ । ଗ୍ରାମାଞ୍ଚଳର ଅସମ୍ପୂର୍ଣ୍ଣ ପାଇପ୍ ଜଳ ପ୍ରକଳ୍ପଗୁଡ଼ିକୁ ଶେଷ କରିବା ପାଇଁ 'ରାଜ୍ୟ ସହାୟତାପ୍ରାପ୍ତ ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ' ନାମରେ ଏକ ନୂଆ ପଦକ୍ଷେପ ନିଆଯାଇଛି । କୃଷି ବାଣିଜ୍ୟର ଆଧୁନିକୀକରଣ ପାଇଁ ରାଜ୍ୟରେ '୧୦୦ଟି ସ୍ମାର୍ଟ ଫାର୍ମ ମାର୍କେଟ୍' (ମଡେଲ ମଣ୍ଡି) ସ୍ଥାପନ କରାଯିବ । ଗ୍ରାମାଞ୍ଚଳରେ ଶ୍ରମିକମାନଙ୍କୁ ୧୨୫ ଦିନର କାମ ଯୋଗାଇ ଦେବାକୁ 'ଭିବି ଜି-ରାମ-ଜି' ବା ରୋଜଗାର ଗ୍ୟାରେଣ୍ଟି ମିଶନ ପ୍ରଣୟନ ହୋଇଛି । ସ୍ଥାନାନ୍ତରଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ 'ଡାଲଖାଇ' ନାମକ ନୂତନ କାର୍ଯ୍ୟକ୍ରମ ଓ ଜନଜାତିଙ୍କ ଆୟ ବୃଦ୍ଧି ପାଇଁ 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଘୋଷଣା ହୋଇଛି । ଯୁବ ଶିକ୍ଷାର୍ଥୀଙ୍କ ପାଇଁ 'ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା' ମାଧ୍ୟମରେ ମାଗଣା ଲ୍ୟାପଟପ୍ ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ 'ଶକ୍ତିଶ୍ରୀ ଯୋଜନା' ଆରମ୍ଭ କରାଯିବ । ରାଜ୍ୟ ସରକାର ସମାଜର ଅବହେଳିତ ଓ ଅସହାୟ ବର୍ଗଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇବା ପାଇଁ 'ମଧୁବାବୁ ପେନସନ ଯୋଜନା' ଏବଂ ଅନ୍ୟାନ୍ୟ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମର ପରିସର ବୃଦ୍ଧି କରିଛନ୍ତି । ପୂର୍ବ ସରକାରଙ୍କ ତ୍ରୁଟି ଯୋଗୁ ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ଓ ବିଭିନ୍ନ କାରଣରୁ ବାଦ୍ ପଡ଼ିଥିବା ପ୍ରାୟ ୬ ଲକ୍ଷ ୧୪ ହଜାର ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ସାମାଜିକ ପେନସନ(ମଧୁବାବୁ ଭତ୍ତା) ପ୍ରଦାନ କରାଯିବ ବୋଲି ବଜେଟରେ ଘୋଷଣା ହୋଇଛି । ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପୂର୍ବରୁ ସରକାରଙ୍କ ଏହି ପଦକ୍ଷେପ ଗ୍ରାମାଂଚଳ ଓ ସହରାଂଚଳର ଗରିବ ଭୋଟରଙ୍କ ଉପରେ ବଡ଼ ପ୍ରଭାବ ପକାଇବ । ସହରାଞ୍ଚଳ ବିକାଶ ପାଇଁ 'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ' ନାମରେ ଏକ ନୂଆ ଯୋଜନା ସହ ମୋଟ ୧୦୭୩୮ କୋଟି ଟଙ୍କା ବିନିଯୋଗ କରାଯିବ । ସହରୀ ଗରିବ ବାସଗୃହ ସମସ୍ୟା ଦୂର ପାଇଁ ନୂଆ ଯୋଜନା 'ପିଏମଏୱାଇ ସହରୀ ବନ୍ଧୁ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ସୁଲଭ ଗୃହ ଯୋଗାଇ ଦିଆଯିବ ।

## ମାର୍ଚ୍ଚ ସୁଦ୍ଧା ସବୁ ବିଭାଗରେ ୯୦% ଖର୍ଚ୍ଚ ହେବ

ପୂର୍ବ ସରକାରଙ୍କ ଅପାରଗତା ଯୋଗୁଁ ବିଭିନ୍ନ ବିଭାଗରେ କର୍ମଚାରୀଙ୍କ ଅଭାବ ଏବଂ ପାଣିପାଗର ଅନିୟମିତତା ଯୋଗୁଁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଯଥାବିଧି ଖର୍ଚ୍ଚ ହୋଇପାରିନାହିଁ । ହେଲେ ପୂର୍ବବର୍ଷ ତୁଳନାରେ ଅଧିକ ଅର୍ଥାତ ୫୮% ଖର୍ଚ୍ଚ ହୋଇଛି । ମାର୍ଚ୍ଚ ସୁଦ୍ଧା ସବୁ ବିଭାଗରେ ୯୦% ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ ପ୍ରକାଶ କରିଛନ୍ତି ।

### ବିଦେଶୀଙ୍କୁ ଆକର୍ଷିତ କରିବାକୁ ଲକ୍ଷ୍ୟ

## ପର୍ଯ୍ୟଟନ କ୍ଷେତ୍ର ପାଇଁ ୧ ହଜାର ୨୩ କୋଟି

**ଭୂମି ଆବଶ୍ୟକତା ପୂରଣ କରିବାକୁ ଲ୍ୟାଣ୍ଡ୍ ବ୍ୟାଙ୍କ୍ ଯୋଜନା**

ରାଜ୍ୟ ବଜେଟ୍ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ସହ ସୁସଂହତ ଏକ ଯୋଜନାବଦ୍ଧ, ସମାବେଶୀ ଏବଂ ପୋଷଣୀୟ ପର୍ଯ୍ୟଟନ ରଣନୀତି ଅନୁସରଣ କରୁଛନ୍ତି । କାର୍ଯ୍ୟକ୍ରମ ଭିତ୍ତିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା, ସାମଗ୍ରିକ ଗନ୍ତବ୍ୟସ୍ଥଳ ବିକାଶକୁ ସମର୍ଥ କରିବା ଏବଂ ଏକ ବିବିଧ ତଥା ପ୍ରତିରୋଧକ୍ଷମ ପର୍ଯ୍ୟଟନ ପୋର୍ଟଫୋଲିଓ ନିର୍ମାଣ କରିବା ଉଦ୍ଦେଶ୍ୟରେ ମୁଁ ପର୍ଯ୍ୟଟନ କ୍ଷେତ୍ର ପାଇଁ ମୋଟ ୧ ହଜାର ୨୩ କୋଟି ଟଙ୍କାର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଉଛି । ଯାହା ଗତ ବର୍ଷର ଆବଣ୍ଟନ ତୁଳନାରେ ପ୍ରାୟ ୨୫% ଅଧିକ । ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଅଧିକ ଆକର୍ଷକ କରିବା, ନୂତନ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ପ୍ରୋତ୍ସାହନ ଏବଂ ନିବେଶକ ପ୍ରୋତ୍ସାହନ ରାଶିର ତ୍ୱରିତ ବିତରଣ ପାଇଁ ମୁଁ ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି, ୨୦୨୬ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଉଛି ।

ବିକଶିତ ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ଅଧୀନରେ, ଆତିଥ୍ୟ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଭିତ୍ତିଭୂମି ପାଇଁ ବୃଦ୍ଧି ପାଉଥିବା ଭୂମି ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମେ ଏକ ନୂତନ ପର୍ଯ୍ୟଟନ ଲ୍ୟାଣ୍ଡ ବ୍ୟାଙ୍କ ଯୋଜନା ଆରମ୍ଭ କରୁଛୁ । ୨୦୪୭ ସୁଦ୍ଧା ୫ କୋଟିରୁ ଅଧିକ ଘରୋଇ ଏବଂ ୭ ଲକ୍ଷ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଏବଂ ୨୫ ହଜାର ହୋଟେଲ ପ୍ରକୋଷ୍ଠ ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଅଗ୍ରାଧିକାର ଭିତ୍ତିରେ ୧୫ଟି ଗନ୍ତବ୍ୟସ୍ଥଳରେ ଜମି ଚିହ୍ନଟ କରାଯାଇ ଇଡକୋ ଦ୍ୱାରା ଯାଞ୍ଚ ଏବଂ ପ୍ରକ୍ରିୟାକରଣ ଚାଲିଛି । ଜମି ଅଧିଗ୍ରହଣ, ପ୍ରିମିୟମ ଦେୟ ପୈଠ ଏବଂ ପ୍ରାଥମିକ ଭିତ୍ତିଭୂମିର ବିକାଶ ପାଇଁ ୨୦୨୬-୨୭ ଲାଗି ୧୫୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି ।




ନିତିଦିନ NITIDIN

**୫୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ଯୌନ ଶୋଷଣ ମାମଲା**

## ଦୋଷୀ ଦମ୍ପତିଙ୍କୁ ମୃତ୍ୟୁଦଣ୍ଡ

**ଲକ୍ଷ୍ନୌ, ୨୦।୨/ଏଜେନ୍ସି:** ଶୁକ୍ରବାର, ଉତ୍ତରପ୍ରଦେଶର ବାନ୍ଦା ସ୍ଥିତ ପୋକ୍‌ସୋ କୋର୍ଟ ଛୋଟ ପିଲାମାନଙ୍କୁ ଯୌନ ଶୋଷଣ ତଥା ନିର୍ଯାତନା ଦେଇଥିବା ଅଭିଯୋଗରେ ଏକ ଦମ୍ପତିଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀଜଣକ ପେଶାରେ ଜଣେ ଇଞ୍ଜିନିୟର ହୋଇଥିବା ବେଳେ ତାଙ୍କ ପତ୍ନୀ ତାଙ୍କୁ ଏହି କୁକର୍ମରେ ସହଯୋଗ କରୁଥିଲେ। ଅଭିଯୋଗ ଅନୁସାରେ ଏମାନେ ପିଲାମାନଙ୍କୁ ଯୌନ ନିର୍ଯାତନା ଦେଉଥିଲେ ଏବଂ ଅଶ୍ଳୀଳ ଭିଡିଓ ତଥା ଫଟୋ ତିଆରି କରି ଡାର୍କ ୱେବ୍ ମାଧ୍ୟମରେ ବିଦେଶକୁ ବିକ୍ରି କରୁଥିଲେ। ତେବେ ଏହି ମାମଲାର ଶୁଣାଣି କରିବା ସମୟରେ, ବିଚାରପତି ପ୍ରଦୀପ କୁମାର ମିଶ୍ର କହିଥିଲେ, ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଉଭୟ ଦୋଷୀଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଫାଶୀ ଖୁଣ୍ଟରେ ଝୁଲାଇ ରଖାଯିବ। ପ୍ରକାଶ, ଗତ ଶୁଣାଣି ସମୟରେ ଅର୍ଥାତ୍ ଫେବ୍ରୁଆରୀ ୧୮ ତାରିଖରେ କୋର୍ଟ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କ ନାମ ରାମଭାବନ (୫୫ ବର୍ଷ)। ସେ ରାଜ୍ୟ ଜଳସେଚନ ବିଭାଗର ଜଣେ ଇଞ୍ଜିନିୟର ଥିଲେ। ଅନ୍ୟପକ୍ଷେ ତାଙ୍କ ପତ୍ନୀ ଦୁର୍ଗାବତୀ (୫୦), ଜଣେ ଗୃହିଣୀ ଥିଲେ। ସିବିଆଇ ୧୮ ନଭେମ୍ବର ୨୦୨୦ରେ ରାମଭାବନଙ୍କୁ ଗିରଫ କରିଥିଲା। ସାକ୍ଷୀମାନଙ୍କୁ ଆପୋଷ ବୁଝାମଣା ପାଇଁ ଚାପ ପକାଇବା ଅଭିଯୋଗରେ ଦୁର୍ଗାବତୀ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତେବେ ଆଜି କୋର୍ଟରୁ ଦଣ୍ଡାଦେଶ ଘୋଷଣା ପରେ ପୁଲିସ୍ ରାମଭାବନ ଏବଂ ଦୁର୍ଗାବତୀଙ୍କୁ ଜେଲକୁ ନେଇଥିଲା। ଉଭୟଙ୍କ ବିରୋଧରେ ୫୦ରୁ ଅଧିକ ପିଲାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ପ୍ରମାଣିତ ହୋଇଛି। ଏହି ଦମ୍ପତି ଚିତ୍ରକୂଟର ଏସଡିଏମ୍ କଲୋନୀରେ ରହୁଥିଲେ।




## ସୁଲତାନପୁର କୋର୍ଟରେ ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ, ୨୦।୨/ଏଜେନ୍ସି:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ କରିଥିବା ବୟାନବାଜି ବିରୋଧରେ ରୁଜୁ ମାମଲାରେ ଉତ୍ତରପ୍ରଦେଶର ସୁଲତାନପୁର ଜିଲ୍ଲାର ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟରେ ହାଜର ହୋଇଥିଲେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ। କୋର୍ଟରେ ହାଜର ହେବା ସହ ସେ ନିଜ ପକ୍ଷ ରଖିଛନ୍ତି। ରାହୁଲ କୋର୍ଟ ସମ୍ମୁଖରେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସେ ତାଙ୍କ ବୟାନରେ ଗୃହମନ୍ତ୍ରୀଙ୍କ ପ୍ରତି କୌଣସି ଆପତ୍ତିଜନକ ଶବ୍ଦ ବ୍ୟବହାର କରିନାହାଁନ୍ତି। ତାଙ୍କ ବିରୋଧରେ ଆଗତ ଏହି ମାମଲା ସମ୍ପୂର୍ଣ୍ଣ ରୂପେ ରାଜନୈତିକ ଚାପ ଏବଂ ପ୍ରତିଶୋଧରୁ ଉତ୍ପନ୍ନ ହୋଇଛି। ରାହୁଲ କହିଛନ୍ତି ଯେ ଗଣତନ୍ତ୍ରରେ ପ୍ରତ୍ୟେକ ନେତାଙ୍କୁ ପ୍ରଶ୍ନ ପଚାରିବା ଏବଂ ନିଜର ମତାମତ ପ୍ରକାଶ କରିବାର ଅଧିକାର ଅଛି। ଶୁକ୍ରବାର ଏହି ମାମଲା ଉପରେ ଶୁଣାଣି ସମୟରେ କୋର୍ଟ ପରିସର ବାହାରେ ପୁଲିସ ମୁତୟନ କରାଯାଇଥିଲା, ଏବଂ ପ୍ରଶାସନ କୌଣସି ପ୍ରକାରର ବିଶୃଙ୍ଖଳାକୁ ରୋକିବା ପାଇଁ ସଜାଗ ଥିଲା। ରାହୁଲ ଗାନ୍ଧୀଙ୍କ ଆଗମନ ପୂର୍ବରୁ ଏବଂ ପରେ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ। ପ୍ରକାଶ, କର୍ଣ୍ଣାଟକରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ରାହୁଲ ଗାନ୍ଧୀ ଅମିତ ଶାହଙ୍କୁ ନେଇ ଏକ ମନ୍ତବ୍ୟ ଦେଇଥିଲେ, ଯାହା ବିରୁଦ୍ଧରେ ବିଜେପି ନେତା ବିଜୟ ମିଶ୍ର ମାନହାନି ମାମଲା ଦାୟର କରିଥିଲେ। ତେବେ ରାହୁଲ ଗାନ୍ଧୀ, ଅନେକ ଥର କୋର୍ଟ ତାରିଖରେ ଉପସ୍ଥିତ ନରହିବାରୁ କୋର୍ଟ ତାଙ୍କୁ ଆଜି ତାରିଖରେ ଉପସ୍ଥିତ ରହିବାକୁ ନଚେତ୍ ତାଙ୍କ ବିରୋଧରେ କୋର୍ଟ ନିର୍ଦ୍ଦେଶ ଅବଜ୍ଞାଜନିତ ମାମଲା ରୁଜୁ କରାଯିବାର ଚେତାବନୀ ଦେବାପରେ ରାହୁଲ ଆଜି ନିଜ ଆଡଭୋକେଟ୍ ମଣ୍ଡଳୀଙ୍କ ସହ କୋର୍ଟରେ ହାଜର ହୋଇଥିଲେ।

# ଏଆଇ ସମ୍ମିଳନୀରେ ଯୁବ କଂଗ୍ରେସର ଟପ୍‌ଲେସ୍ ପ୍ରଦର୍ଶନ

### ଭାରତକୁ ଅପମାନିତ କରିବା ଉଦ୍ଦେଶ୍ୟରେ ଷଡ଼ଯନ୍ତ୍ର ରଚାଯାଇଛି: ବିଜେପି

**ନୂଆଦିଲ୍ଲୀ, ୨୦।୨/ଏଜେନ୍ସି:** ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀର ଆଜି ଅନ୍ତିମ ଦିବସ ଥିବା ବେଳେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ବ୍ୟାପକ ହଙ୍ଗାମା ପ୍ରଦର୍ଶନ କରାଯାଇଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ବିରୋଧରେ ଯୁବ କଂଗ୍ରେସ କର୍ମୀମାନେ ଏହି ପ୍ରଦର୍ଶନ କରିଛନ୍ତି। ସବୁଠୁ ବଡ଼ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ସମ୍ମିଳନୀ ପାଇଁ ଏବେ ଯେତେବେଳେ ଭାରତରେ ଅନେକ ବିଶ୍ୱସ୍ତରୀୟ ନେତା ତଥା ପ୍ରତିନିଧିମାନେ ଉପସ୍ଥିତ ଅଛନ୍ତି ସେତେବେଳେ ଯୁବ କଂଗ୍ରେସ କର୍ମୀମାନେ ଆଜି ଦିନରେ ନିଜ ନିଜ ଟି-ସାର୍ଟ ଖୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ‘ପିଏମ୍ ଇଜ୍ କମ୍ପ୍ରମାଇଜ୍‌ଡ୍’ର ନାରାବାଜି କରିଛନ୍ତି। ଯୁବ କଂଗ୍ରେସ କର୍ମୀମାନେ ଆଜି ଦିନରେ ଯେଉଁ ଧଳା ରଙ୍ଗର ଟି-ସାର୍ଟ ପିନ୍ଧିଥିଲେ ସେଥିରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଟୋ ମଧ୍ୟ ରହିଥିଲା। ତେବେ ଆଜିର ଏହି ହଙ୍ଗାମା ମଧ୍ୟରେ ଦିଲ୍ଲୀ ପୁଲିସ୍ କିଛି ପ୍ରଦର୍ଶନକାରୀଙ୍କୁ ଗିରଫ କରି ପଟିଆଲା କୋର୍ଟରେ ହାଜର କରିଥିବା ସୂଚନା ମିଳିଛି। ଏମାନେ ହେଲେ ଇଣ୍ଡିଆନ୍ ୟୁଥ୍ କଂଗ୍ରେସର ସେକ୍ରେଟାରୀ କୃଷ୍ଣା ହରି, ବିହାର ରାଜ୍ୟ ସେକ୍ରେଟାରୀ କୁନ୍ଦନ ଯାଦବ, ଉତ୍ତରପ୍ରଦେଶ ରାଜ୍ୟ ଉପାଧ୍ୟକ୍ଷ ଅଜୟ କୁମାର ଏବଂ ନ୍ୟାସନାଲ କୋଅର୍ଡିନେଟର ନରସିମ୍ହା ଯାଦବ। ତେବେ ଏହି ଘଟଣାକୁ ନେଇ ବିଜେପି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ଦିଆଯାଇଛି।

### କଂଗ୍ରେସ ପାଇଁ ମୋ’ ପାଖରେ ମାତ୍ର ୩ଟି ଶବ୍ଦ “ ଟପ୍‌ଲେସ୍, ବ୍ରେନ୍‌ଲେସ୍ ଏବଂ ଶେମ୍‌ଲେସ୍”: ସମ୍ବିତ୍ ପାତ୍ର




ବିଜେପି ଅଭିଯୋଗ କରିଛି ଯେ କଂଗ୍ରେସ ଅନ୍ତର୍ଜାତୀୟ ସମ୍ମିଳନୀରେ ଭାରତର ଛବି ଖରାପ କରିବାକୁ ଷଡ଼ଯନ୍ତ୍ର କରିଛି। ବିଜେପି ସାଂସଦ ସମ୍ବିତ ପାତ୍ର କହିଛନ୍ତି, ‘ଏହା କୌଣସି ସଂଯୋଗ ନଥିଲା, ବରଂ ଏକ ପରୀକ୍ଷଣ ଥିଲା। ଏହା ରାହୁଲ ଗାନ୍ଧୀଙ୍କ ବାସଭବନରେ ଯୋଜନା କରାଯାଇଥିଲା, ଯେଉଁଠାରେ ସୋନିଆ ଏବଂ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଉପସ୍ଥିତ ଥିଲେ। ସାଂସଦ ଶ୍ରୀ ପାତ୍ର କହିଛନ୍ତି, ରାହୁଲ ଗାନ୍ଧୀ ଓ କଂଗ୍ରେସ ଦେଶ ପାଇଁ ସବୁଠାରୁ ବଡ଼ ବିଶ୍ୱାସଘାତକ। ସେ କଂଗ୍ରେସକୁ ଟପ୍‌ଲେସ୍, ବ୍ରେନ୍‌ଲେସ୍ ଏବଂ ଶେମ୍‌ଲେସ୍ (ଶରୀର ଉପର ଭାଗରେ କିଛି କପଡା ନଥିବା, ମୁଣ୍ଡରେ ବୁଦ୍ଧି ନଥିବା ଏବଂ ଲଜ୍ଜା ନଥିବା) କହି ତୀବ୍ର ଆକ୍ଷେପ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର କହିଛନ୍ତି ଯେ, ପୂର୍ବରୁ ଭାରତ ଏପରି ସମ୍ମିଳନୀରେ ଅଂଶଗ୍ରହଣ କରିନଥିଲା। କିନ୍ତୁ ଏବେ ଯେତେବେଳେ ଭାରତ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରୁଛି ସେତେବେଳେ କଂଗ୍ରେସ ଦେଶକୁ ନିନ୍ଦିତ କରିବା ପାଇଁ ନିଜ ଷଡଯନ୍ତ୍ର ଜାରି ରଖିଛି। ଏବେ ଯେତେବେଳେ ସମଗ୍ର ବିଶ୍ୱ ଭାରତକୁ ପ୍ରଶଂସା କରୁଛି ସେତେବେଳେ ରାହୁଲ ଏବଂ ତାଙ୍କ ଦଳ ଭାରତକୁ ବଦନାମ୍ କରିବାକୁ ଚେଷ୍ଟା କରିବା ଦେଶଦ୍ରୋହ, ବିଶ୍ୱାସଘାତକତା ଠାରୁ କମ୍ ନୁହେଁ। କଂଗ୍ରେସର ଏପ୍ରକାର ଆଚରଣ ବିଜେପି ବନାମ କଂଗ୍ରେସ ନୁହେଁ, ବରଂ ଏହା ଭାରତର ୧୪୦ କୋଟି ଜନତା ବନାମ ସେହି ଶକ୍ତି ଯେଉଁମାନେ ଦେଶର ପ୍ରତିମୂର୍ତ୍ତିକୁ ଖରାପ କରିବାକୁ ଚାହୁଁଛନ୍ତି। ସେହିପରି କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, ‘ଏହା କଂଗ୍ରେସର ଅହଂକାର ଏବଂ ହତାଶାର ପ୍ରଦର୍ଶନ! ରାହୁଲ ଗାନ୍ଧୀଙ୍କ ପାଇଁ, ଭାରତକୁ ଅପମାନିତ କରିବା ହେଉଛି ସରକାରଙ୍କୁ ଟାର୍ଗେଟ କରିବାର ଏକମାତ୍ର ଉପାୟ।




ଅନ୍ୟପକ୍ଷେ ଏଆଇ ସମ୍ମିଳନୀର କଂଗ୍ରେସ କର୍ମୀଙ୍କ ପ୍ରତିବାଦ ପରେ, ଶୁକ୍ରବାର ସନ୍ଧ୍ୟାରେ ଦିଲ୍ଲୀରେ ରାହୁଲ ଗାନ୍ଧୀଙ୍କ ଘର ବାହାରେ ବହୁ ସଂଖ୍ୟକ ବିଜେପି ଯୁବ ମୋର୍ଚ୍ଚା କର୍ମୀ ପ୍ରଦର୍ଶନ କରିଥିବା ସୂଚନା ମିଳିଛି। ବିଜେପି କର୍ମୀମାନେ ‘ରାହୁଲ ଗାନ୍ଧୀ ଡାଉନ ୱିଥ୍ ରାହୁଲ ଗାନ୍ଧୀ’ ଏବଂ ‘ରାହୁଲ ଗାନ୍ଧୀ ହାଏ-ହାଏ’ ସ୍ଲୋଗାନ ଦେଇଥିଲେ। ବିଜେପି କର୍ମୀମାନେ ରାହୁଲ ଗାନ୍ଧୀଙ୍କ ପୋଷ୍ଟର ମଧ୍ୟ ପୋଡ଼ି ଦେଇଥିଲେ। ବହୁତ ହଙ୍ଗାମା ପରେ, ଦିଲ୍ଲୀ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ପ୍ରକାଶଥାଉକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ ୧୬ ତାରିଖରେ ଏହି ସମ୍ମିଳନୀର ଉଦ୍‌ଘାଟନ କରିଥିଲେ। ବିଶ୍ୱର ବିଭିନ୍ନ କମ୍ପାନୀଗୁଡ଼ିକ ସେମାନଙ୍କର ନୂତନତମ ଏଆଇ ସମାଧାନ ପ୍ରଦର୍ଶନ କରୁଥିବା ବେଳେ ବିଶ୍ୱର ଅନେକ ରାଷ୍ଟ୍ରର ଜନନାୟକମାନେ ଭାରତ ଗସ୍ତରେ ଆସିବା ପୂର୍ବକ ସମ୍ମିଳନୀରେ ଯୋଗଦେଇଛନ୍ତି।



ଏଆଇ ଓ ଡିପ୍‌ଟେକ୍ ଷ୍ଟାର୍ଟଅପ୍ ସିଇଓମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଗୋଲ୍ ଟେବୁଲ୍ ବୈଠକ: ଏହି ଅବସରରେ ୧୬ଟି ଷ୍ଟାର୍ଟଅପ୍‌ର ପ୍ରତିଷ୍ଠାତା ଓ ସିଇଓ ସେମାନଙ୍କ ଚିନ୍ତାଧାରା ଓ କାର୍ଯ୍ୟ ଉପସ୍ଥାପନ କଲେ। ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ସ୍ୱାସ୍ଥ୍ୟସେବା, କୃଷି, ସାଇବର ସୁରକ୍ଷା, ମହାକାଶ ଏବଂ ସାମାଜିକ ସଶକ୍ତୀକରଣ ଭଳି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଯାହା ସମଗ୍ର ଜନସଂଖ୍ୟା ସ୍ତରରେ ପ୍ରଭାବ ସୃଷ୍ଟି କରୁଛି। ପ୍ରଧାନମନ୍ତ୍ରୀ ମୋଦୀ ପ୍ରଭାବଶାଳୀ ସମାଧାନ ସୃଷ୍ଟି କରିବା ପାଇଁ ଉଦ୍ଭାବକମାନଙ୍କୁ ପ୍ରଶଂସା କରିବା ସହ ଭାରତର ଆବଶ୍ୟକତା ଅନୁଯାୟୀ ସମାଧାନ ତିଆରି କରିବାକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ କୃଷି, ପରିବେଶ ସୁରକ୍ଷା ଏବଂ ମାତୃଭାଷାରେ ଉଚ୍ଚଶିକ୍ଷାକୁ ପ୍ରୋତ୍ସାହିତ କରିବା ସମେତ ବିଭିନ୍ନ କ୍ଷେତ୍ରରେ ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ।

## ଇରାନ୍ ଉପରେ ଏବେ ଆକ୍ରମଣ କରିବନି ଆମେରିକା

### ୧୦-୧୫ ଦିନ ମଧ୍ୟରେ ଚୂଡାନ୍ତ ନିଷ୍ପତ୍ତି ନେବେ ଟ୍ରମ୍ପ୍

**ୱାଶିଂଟନ୍, ୨୦।୨/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୁଦ୍ଧରେ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି। ସେ କହିଛନ୍ତି ଯେ ସେ ଆକ୍ରମଣ କରିବେ କି ନାହିଁ ସେ ବିଷୟରେ ଆଗାମୀ ୧୦ରୁ ୧୫ଦିନ ମଧ୍ୟରେ ନିଷ୍ପତ୍ତି ନେବେ। ସିଏନ୍‌ଏନ୍ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପୁଣି ଥରେ ଇରାନ ସହିତ ଏକ ଆପୋଷ ବୁଝାମଣା ପାଇଁ ଆହ୍ୱାନ କରିଛନ୍ତି। ହ୍ୱାଇଟ୍ ହାଉସ୍ ଅଧିକାରୀମାନେ କହିଛନ୍ତି ଯେ ସେମାନେ ଏବେ ବି ଏକ କୂଟନୈତିକ ସମାଧାନକୁ ପ୍ରାଥମିକତା ଦେଉଛନ୍ତି। ଏହି ସମୟ ସୁଦ୍ଧା ଇରାନ୍‌କୁ ଆମେରିକା ପ୍ରସ୍ତାବରେ ସହମତ ହେବାକୁ ପଡ଼ିବ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଏପରି ସମୟରେ ଆସିଛି ଯେତେବେଳେ ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟକଫ ଏବଂ ଜାରେଡ୍ କୁଶନର ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚିଙ୍କ ସହ ଏକ ବଡ଼ ଯୁଦ୍ଧକୁ ରୋକିବା ପାଇଁ ଏକ ପରମାଣୁ ଚୁକ୍ତିରେ ପହଞ୍ଚିବାକୁ ଆଲୋଚନା କରୁଛନ୍ତି। ଗତକାଲି, ୱାଶିଂଟନରେ ଗାଜା ଶାନ୍ତି ବୋର୍ଡର ପ୍ରଥମ ବୈଠକରେ, ଟ୍ରମ୍ପ ସ୍ପଷ୍ଟ ଭାବରେ କହିଥିଲେ ଯେ ଇରାନକୁ ପରମାଣୁ ଚୁକ୍ତିରେ ରାଜି ହେବାକୁ ପଡିବ, ନଚେତ୍ ସମଗ୍ର ମଧ୍ୟପ୍ରାଚ୍ୟ ଭୟଙ୍କର ପରିଣାମର ସମ୍ମୁଖୀନ ହେବ। ପ୍ରକାଶ, ଯଦି ଟ୍ରମ୍ପ ଇରାନ୍ ଉପରେ ଆକ୍ରମଣ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ତାଙ୍କ ପାଖରେ ଅନେକ ସାମରିକ ବିକଳ୍ପ ଉପଲବ୍ଧ ଅଛି। ଏଥିରେ ସୀମିତ ଏବଂ ଲକ୍ଷ୍ୟଭେଦପୂର୍ଣ୍ଣ ଆକ୍ରମଣଠାରୁ ଆରମ୍ଭ କରି ସାମରିକ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ଯାହା କିଛି ସପ୍ତାହ ପର୍ଯ୍ୟନ୍ତ ରହିପାରେ। କିଛି ଯୋଜନାରେ ତେହେରାନର ଶୀର୍ଷ ନେତୃତ୍ୱକୁ ଟାର୍ଗେଟ କରିବା ପାଇଁ ପ୍ରସ୍ତୁତି ମଧ୍ୟ ଅନ୍ତର୍ଭୁକ୍ତ। ଗତ ୨୨ ବର୍ଷ ମଧ୍ୟରେ ଆମେରିକା ମଧ୍ୟପ୍ରାଚ୍ୟରେ ଏହାର ସର୍ବବୃହତ ସାମରିକ ମୁତୟନ କରିଛି। ଟ୍ରମ୍ପ୍ ଏହା ମଧ୍ୟରେ ଏକାଧିକ ଥର ଇରାନ୍‌କୁ ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବାକୁ ଚେତାବନୀ ଦେଇସାରିଥିଲେ ମଧ୍ୟ ଇରାନ୍ ଏଥିପ୍ରତି କର୍ଣ୍ଣପାତ କରିନାହିଁ।

**ଟ୍ରମ୍ପ୍‌ଙ୍କ ଶାନ୍ତି ବୋର୍ଡ ଉଦ୍‌ଘାଟନୀ ଅଧିବେଶନ**

## ପର୍ଯ୍ୟବେକ୍ଷକ ଭାବେ ଯୋଗଦେଲା ଭାରତ

**ୱାଶିଂଟନ୍, ୨୦।୨/ଏଜେନ୍ସି:** ଗୁରୁବାର ୱାଶିଂଟନ୍ ଡିସି ଠାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ଗଠନ କରାଯାଇଥିବା ‘ଶାନ୍ତି ବୋର୍ଡ’ର ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ ଭାରତ ମଧ୍ୟ ପର୍ଯ୍ୟବେକ୍ଷକ ଭାବେ ସାମିଲ୍ ହୋଇଥିଲା। ତେବେ ଗାଜା ପୁନର୍ଗଠନ ଏବଂ ବିଶ୍ୱ ଶାନ୍ତି ପାଇଁ ଟ୍ରମ୍ପ୍ ଙ୍କ ଏହି ପ୍ରାୟସରେ ଭାରତର ଉପସ୍ଥିତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ଏହି ପ୍ରଥମ ବୈଠକରୁ ଆସିଥିବା ଆଉ ଏକ ବଡ଼ ସୂଚନା ହେଉଛି ଯେ, ଇସ୍ରାଏଲ୍ ଆକ୍ରମଣରେ ସମ୍ପୂର୍ଣ୍ଣ ରୂପେ ଧୂଳିସାତ୍ ହୋଇପଡ଼ିଥିବା ଗାଜାର ପୁନଃନିର୍ମାଣ ତଥା ସ୍ଥାନୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପ୍ରାୟ ୧.୫ ଲକ୍ଷ କୋଟିର ରିଲିଫ୍ ପ୍ୟାକେଜ୍ ମଧ୍ୟ ଘୋଷଣା କରାଯାଇଛି। ଟ୍ରମ୍ପ କହିଥିଲେ ଯେ ଗାଜା ରିଲିଫ୍ ପ୍ୟାକେଜ୍ ପାଇଁ ବୋର୍ଡର ୯ ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଭାରତ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ କରିନାହିଁ ଯେ, ଭାରତ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ ଯେ ଏହା ବୋର୍ଡର ପୂର୍ଣ୍ଣକାଳୀନ ସଦସ୍ୟ ହେବ କି ନାହିଁ। ଗତ ମାସରେ ଡାଭୋସରେ ଭାରତ ଏହାର ଶୁଭାରମ୍ଭ କାର୍ଯ୍ୟକ୍ରମରୁ ଦୂରେଇ ରହିଥିଲା। ତେବେ ଗୁରୁବାର ଅଧିବେଶନରେ ସାମିଲ ହୋଇଥିବା ୫୦ ଦେଶ ମଧ୍ୟରୁ ୨୭ଟି ଦେଶ ବୋର୍ଡ ସଦସ୍ୟ, ଯେଉଁଥିରେ ଆଜରବାଇଜାନ, ବେଲାରୁଷ, ମିଶର, ହଙ୍ଗେରୀ, ଇଣ୍ଡୋନେସିଆ, ଇସ୍ରାଏଲ, ଜୋର୍ଡାନ, ମରକ୍କୋ, ପାକିସ୍ତାନ, କତାର, ସାଉଦି ଆରବ, ତୁର୍କୀ, ୟୁଏଇ, ଉଜବେକିସ୍ତାନ ଏବଂ ଭିଏତନାମ ଆଦି ଅନ୍ତର୍ଭୁକ୍ତ ରହିଛନ୍ତି। ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ସମେତ ଅବଶିଷ୍ଟ ଦେଶଗୁଡ଼ିକ ପର୍ଯ୍ୟବେକ୍ଷକ ଭାବରେ ଅଂଶଗ୍ରହଣ କରିଥିଲେ।

ଏସବୁ ମଧ୍ୟରେ ଶାନ୍ତି ବୋର୍ଡର ଉଦଘାଟନୀ



୬୩,୦୦୦ କୋଟି ଲେଖାଏ ପ୍ରଦାନ କରିବେ, ଯେତେବେଳେ କି ଆମେରିକା ନିଜେ ୯୦,୦୦୦ କୋଟି ପ୍ରଦାନ କରିବ। ଟ୍ରମ୍ପ୍‌ଙ୍କ ଏହି ନୂତନ ସଂଗଠନ ‘ବୋର୍ଡ ଅଫ୍ ପିସ୍’ ସମାବେଶରେ ଆମେରିକା, ଭାରତ ଏବଂ ପାକିସ୍ତାନ ସମେତ ପ୍ରାୟ ୫୦ ଦେଶର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏମାନଙ୍କ ମଧ୍ୟରୁ ୫ଟି ଦେଶ ଯୁଦ୍ଧଗ୍ରସ୍ତ ପାଲେଷ୍ଟାଇନୀ ଅଞ୍ଚଳରେ ସୈନ୍ୟ ମୁତୟନ କରିବାକୁ ରାଜି ହୋଇଛନ୍ତି।

ଶାନ୍ତି ବୋର୍ଡର ପ୍ରଥମ ବୈଠକ ଗୁରୁବାର ଆମେରିକାର ରାଜଧାନୀ ୱାଶିଂଟନ୍ ରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଦୂତାବାସର ଚାର୍ଜ ଡି’ଆଫେୟର୍ସ (ବରିଷ୍ଠ ଅଧିକାରୀ) ନାମଗ୍ୟା ସି. ଖାମ୍ପା ଭାରତର ପ୍ରତିନିଧିତ୍ୱ କରିଥିଲେ। ପ୍ରକାଶ, ଅଧିବେଶନରେ ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ଯାହା ଅନ୍ତର୍ଜାତୀୟ ଗଣମାଧ୍ୟମରେ ବ୍ୟାପକ ଭାବରେ ଆଲୋଚନା ହେଉଛି। ତାଙ୍କ ଭାଷଣ ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶାନ୍ତି ପାଇଁ ନିଜକୁ ନିଜେ ସମ୍ପୂର୍ଣ୍ଣ ଶ୍ରେୟ ନେଇଥିଲେ। ଟ୍ରମ୍ପ୍ କହିଥିଲେ ସେ ଭାରତ ଏବଂ ପାକିସ୍ତାନକୁ ୨୦୦% ଟାରିଫ୍ ଲଗାଇବାକୁ ଚେତାବନୀ ଦେବା ପରେ ଯୁଦ୍ଧ ବନ୍ଦ ହୋଇଥିଲା। ପ୍ରକାଶ, ଟ୍ରମ୍ପ୍‌ଙ୍କ ଶାନ୍ତି ବୋର୍ଡ ଜାତିସଂଘ (ୟୁଏନ୍)ର ବିକଳ୍ପ ହେବ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଟ୍ରମ୍ପ କହିଛନ୍ତି ଯେ, ସେ ଜାତିସଂଘ ସହ ମିଶି କାମ କରିବେ ଏବଂ ଏହି ବୋର୍ଡ ଜାତିସଂଘକୁ ଆହୁରି ସଶକ୍ତ କରିବାରେ ସାହାଯ୍ୟ କରିବ।

## ଉଦ୍ଧାର ପାଇଁ ଗୁହାରୀ କଲେ ବଲୁଚ୍ ସେନା କବଳରେ ଥିବା ପାକ୍ ସୈନ୍ୟ

**ଇସଲାମାବାଦ୍, ୨୦।୨/ଏଜେନ୍ସି:** ସଶସ୍ତ୍ର ବଲୁଚ ବିଦ୍ରୋହୀ (ବଲୁଚିସ୍ତାନ ଲିବରେସନ୍ ଆର୍ମି-ବିଏଲ୍‌ଏ) ମାନେ ଏବେ ପାକିସ୍ତାନ ସେନା ସହ ଲଢୁଥିବା ବେଳେ ଅନେକ ପାକିସ୍ତାନୀ ସୈନିକଙ୍କୁ ବନ୍ଧକ ରଖିଛନ୍ତି। ତେବେ ଏହି ବନ୍ଧକ ପାକ୍ ସୈନିକମାନଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏଥିରେ ବନ୍ଧକ ଥିବା ପାକିସ୍ତାନ ସୈନିକମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାକୁତିମିନତି ହେଉଥିବାର ଦେଖିବାକୁ ମିଳୁଛି। ବଲୁଚ ବିଦ୍ରୋହୀମାନେ ପୋଷ୍ଟ କରିଥିବା ଏହି ଭିଡିଓରେ ବନ୍ଧକ ଥିବା ଯବାନମାନେ ନିଜର ପରିଚୟ ପତ୍ର ଦେଖାଇ ଛାତି ପିଟି କାନ୍ଦୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏମାନେ କହୁଛନ୍ତି ଯେ, ସେମାନେ ନିଜ ସରକାର ଏବଂ ଦେଶ ପାଇଁ ଏଠାରେ ଲଢୁଥିବା ବେଳେ ସେମାନଙ୍କୁ ମୁକ୍ତ କରିବା ପାଇଁ ପାକିସ୍ତାନ ସରକାର କୌଣସି ଚେଷ୍ଟା କରୁନାହାନ୍ତି। ଏପରିକି ସେମାନଙ୍କୁ ପାକିସ୍ତାନ ସରକାର ଓ ପାକିସ୍ତାନ ସେନା ନିଜ ଦେଶର ବୋଲି ମଧ୍ୟ ସ୍ୱୀକାର କରୁନାହାନ୍ତି। ପାକିସ୍ତାନ ସୈନ୍ୟଙ୍କ ଏପ୍ରକାର ଭିଡିଓ ଅତ୍ୟନ୍ତ ବିଚଳିତ କରିବା ଭଳି। ଅନ୍ୟପକ୍ଷେ ଏହି ଭିଡିଓ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ ବୟାନକୁ ସତ ପ୍ରମାଣିତ କରିଛି। ଗତ କିଛିଦିନ ତଳେ ଖ୍ୱାଜା ଆସିଫ୍ କହିଥିଲେ, ପାକିସ୍ତାନରେ ସେନା ଯବାନଙ୍କୁ ସମ୍ମାନ ମିଳେନାହିଁ। ସୂଚନାଯୋଗ୍ୟ ପାକିସ୍ତାନ ସେନା ଦାବି କରିଆସୁଛି ଯେ, ସେମାନଙ୍କର କୌଣସି ସୈନିକ ନିଖୋଜ ନାହାନ୍ତି କିମ୍ବା ବିଦ୍ରୋହୀଙ୍କ କବ୍‌ଜାରେ ନାହାନ୍ତି। ଏସବୁ ମଧ୍ୟରେ ବିଏଲଏ ପୁନର୍ବାର କହିଛି ଯେ ଆଲୋଚନା ତୁରନ୍ତ ଆରମ୍ଭ ହେବା ଉଚିତ୍, କାରଣ ୭ ଦିନିଆ ଅଲଟିମେଟମରେ ମାତ୍ର ଦୁଇ ଦିନ ବାକି ଅଛି। ଯଦି ସମୟସୀମା ମଧ୍ୟରେ ଆଲୋଚନା ପୁନଃ ଆରମ୍ଭ ନ ହୁଏ, ତେବେ ଅଟକ ସୈନିକମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇପାରେ। ସେପଟେ କିନ୍ତୁ ଏପର୍ଯ୍ୟନ୍ତ, ଶେହବାଜ ସରିଫ ସରକାର ନୂତନ ଭିଡିଓ ଉପରେ କୌଣସି ସରକାରୀ ପ୍ରତିକ୍ରିୟା ଜାରି କରିନାହାନ୍ତି। ବିଏଲଏ ମିଡିଆ ୱିଙ୍ଗ ହକ୍କାଲ ମାଧ୍ୟମରେ ପ୍ରକାଶ କରିଥିବା ନୂତନ ଫୁଟେଜରେ, ସମସ୍ତ ଅଟକ ପାକିସ୍ତାନୀ ସୈନିକ କ୍ୟାମେରା ସାମ୍ନାରେ ସେମାନଙ୍କର ସରକାରୀ ସେବା ପରିଚୟ ପତ୍ର ଓ ଜାତୀୟ ପରିଚୟ ପତ୍ର ଦେଖାଇ ଇସଲାମାବାଦ କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ ପାଇଁ ନିବେଦନ କରୁଥିବା ଦେଖାଯାଇଛି।




# ଆମେରିକାକୁ ଏୟାର୍‌ବେସ୍ ବ୍ୟବହାର ଅନୁମତି ଦେଲାନି ବ୍ରିଟେନ୍

**ଲଣ୍ଡନ, ୱାଶିଂଟନ୍, ୨୦।୨/ଏଜେନ୍ସି:** ବ୍ରିଟେନ୍ ଏବଂ ଆମେରିକା ମଧ୍ୟରେ ଏବେ ଏକ ପ୍ରକାର ଶୀତଳ ଯୁଦ୍ଧ ଚାଲିଛି। ଏହାର ଏକ ସଦ୍ୟତମ ପ୍ରମାଣ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ବ୍ରିଟେନ୍ ସିଧାସଳଖ ଆମେରିକାକୁ ନିଜ ଏୟାରବେସ୍ ବ୍ୟବହାର କରିବାକୁ ମନା କରିଦେଇଛି। ଅନ୍ୟପକ୍ଷେ ବ୍ରିଟେନ୍‌ର ଏପ୍ରକାର ମନା କରିବାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ମାତ୍ରାଧିକ କ୍ଷୁବ୍ଧ ହୋଇପଡିଛନ୍ତି। ସୂଚନାଯୋଗ୍ୟ ଆମେରିକା ବ୍ରିଟେନ୍‌ର ଆରଏଏଫ୍ ଫେୟାରଫୋର୍ଡ ଏୟାରବେସ ଏବଂ ଡିଏଗୋ ଗାର୍ସିଆକୁ ବ୍ୟବହାର କରି ଇରାନ୍ ଉପରେ ଆକ୍ରମଣ କରିବାକୁ ଚାହୁଁଥିଲା। କିନ୍ତୁ ବ୍ରିଟେନ୍ ଆମେରିକାର ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛି। ପ୍ରକାଶ, ଇରାନ ଉପରେ ଆକ୍ରମଣ ପାଇଁ ଡିଏଗୋ ଗାର୍ସିଆକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ କାରଣ ଏହା ଭାରତ ମହାସାଗରର ହୃଦୟରେ ଅବସ୍ଥିତ ଏକ ବଡ଼ ସାମରିକ ଘାଟି। ଏଠାରୁ, ଆମେରିକା ଦୀର୍ଘ ଦୂରତା ଏବଂ ଶୀଘ୍ର ସାମରିକ ଅଭିଯାନ କରିପାରିବ।

ରିପୋର୍ଟ ଅନୁଯାୟୀ, ଆମେରିକା ଇରାନ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି। ଏଥିପାଇଁ ଆମେରିକା ବ୍ରିଟେନ୍‌ର ଆରଏଏଫ୍ ଫେୟାରଫୋର୍ଡ ଏୟାରବେସ୍‌କୁ ବ୍ୟବହାର କରିବାକୁ ଚାହୁଁଛି। ସେହିପରି ଡିଏଗୋ ଗାର୍ସିଆ, ଭାରତ ମହାସାଗରରେ ଅବସ୍ଥିତ ଚାଗୋସ୍ ଦ୍ୱୀପପୁଞ୍ଜର ସବୁଠାରୁ ବଡ଼ ଦ୍ୱୀପ। ଏହା ୧୯୭୦ ଦଶକରୁ ବ୍ରିଟେନ ଏବଂ ଯୁକ୍ତରାଷ୍ଟ୍ର ମଧ୍ୟରେ ଏକ ସହଭାଗୀ ସାମରିକ ଘାଟି ହୋଇ ରହିଆସିଛି। କିନ୍ତୁ ଆର୍‌ଏଏଫ୍ ଫେୟାରଫୋର୍ଡ ଏୟାରବେସ୍ ସହ ଡିଏଗୋ ଗାର୍ସିଆ ଏୟାରବେସ୍‌କୁ ମଧ୍ୟ ଦେବାକୁ ବ୍ରିଟେନ୍ ମନା କରିବା ଦ୍ୱାରା ଟ୍ରମ୍ପ୍ ଏବେ ପ୍ରତିଶୋଧପରାୟଣ ହୋଇପଡିଛନ୍ତି। କୁହାଯାଉଛି ଯେ ସେ ମରିସସକୁ ଚାଗୋସ୍ ଦ୍ୱୀପପୁଞ୍ଜ ହସ୍ତାନ୍ତର କରିବା ପାଇଁ ବ୍ରିଟିଶ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମରଙ୍କ ଚୁକ୍ତିରୁ ତାଙ୍କର ସମର୍ଥନ ପ୍ରତ୍ୟାହାର କରିଛନ୍ତି। ପୂର୍ବ ଚୁକ୍ତିନାମା ଅନୁଯାୟୀ, ଯେକୌଣସି ବ୍ରିଟିଶ ସାମରିକ ଘାଟି କେବଳ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ଅନୁମୋଦନ ପରେ ବ୍ୟବହାର କରାଯାଇପାରିବ। ଅନ୍ତର୍ଜାତୀୟ ଆଇନରେ ଏହା ମଧ୍ୟ କୁହାଯାଇଛି ଯେ ଯଦି କୌଣସି ଦେଶ ଜାଣନ୍ତି ଯେ ସାମରିକ କାର୍ଯ୍ୟାନୁଷ୍ଠାନ ଭୁଲ ଏବଂ ତଥାପି ସହାୟତା ପ୍ରଦାନ କରେ, ତେବେ ତାକୁ ମଧ୍ୟ ଯୁଦ୍ଧ ପାଇଁ ଦାୟୀ କରାଯିବ। ଏହାର ଅର୍ଥ ବ୍ରିଟେନ୍, ଆମେରିକା ଏବଂ ଇରାନ୍ ଯୁଦ୍ଧ ଆଶଙ୍କା ମଧ୍ୟରେ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରୁଛି। ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ବ୍ରିଟେନ୍‌ର ଏପ୍ରକାର ମନା କରିବା ଦ୍ୱାରା ଟ୍ରମ୍ପ୍ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଟ୍ରମ୍ପ୍ ଗୁରୁବାର ଦିନ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଲେଖିଥିଲେ ଯେ ୧୦୦ ବର୍ଷର ଲିଜ୍ କୌଣସି ଦେଶ ପାଇଁ ଭଲ ନିଷ୍ପତ୍ତି ନୁହେଁ। ଡିଏଗୋ ଗାର୍ସିଆ ଭଳି ଏକ ଘାଟି ଛାଡିବା ଏକ ବଡ଼ ଭୁଲ୍ ହେବ। ଟ୍ରମ୍ପ କହିଥିଲେ ଯେ ଯଦି ଇରାନ ଆମେରିକା ସହିତ ଏକ ଚୁକ୍ତିରେ ପହଞ୍ଚି ନଥାଏ, ତେବେ ଆମେରିକାକୁ ଭାରତ ମହାସାଗରରେ ଡିଏଗୋ ଗାର୍ସିଆ ଏବଂ ଫେୟାରଫୋର୍ଡ ଏୟାରଫିଲ୍ଡ ବ୍ୟବହାର କରିବାକୁ ପଡ଼ିପାରେ। ତେଣୁ, ଏହି ଘାଟିଗୁଡ଼ିକର ନିୟନ୍ତ୍ରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୂଚନାଯୋଗ୍ୟ, ନେପୋଲିୟନ୍‌କୁ ପରାସ୍ତ କରିବା ପରେ ୧୮୧୪ ରେ ବ୍ରିଟେନ ଏହି ଦ୍ୱୀପପୁଞ୍ଜଗୁଡ଼ିକୁ ଅଧିକାର କରିଥିଲା। ୧୯୬୫ ରେ, ସେମାନେ ମରିସସ୍ ଠାରୁ ପୃଥକ ହୋଇ ‘ବ୍ରିଟିଶ ଇଣ୍ଡିଆନ୍ ମହାସାଗର ଅଞ୍ଚଳ’ ହୋଇଥିଲେ। ଅନ୍ୟପକ୍ଷେ ୧୯୬୮ ମସିହାରେ ଯେତେବେଳେ ମରିସସ୍ ସ୍ୱାଧୀନତା ଲାଭ କଲା, ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ ଯେତେବେଳେ ଏହି ଦ୍ୱୀପପୁଞ୍ଜଗୁଡ଼ିକ ପ୍ରତିରକ୍ଷା ପାଇଁ ଆଉ ଆବଶ୍ୟକ ହେବନାହିଁ, ସେଗୁଡ଼ିକୁ ମରିସସ୍‌କୁ ଫେରାଇ ଦିଆଯିବ। ପରେ, ଆମେରିକା ଏବଂ ବ୍ରିଟେନ୍ ଡିଏଗୋ ଗାର୍ସିଆରେ ଏକ ମିଳିତ ସାମରିକ ଘାଟି ସ୍ଥାପନ କରିଥିଲେ। ପ୍ରକାଶ, ମରିସସ୍ ୧୯୮୦ ଦଶକରୁ ଏହି ଦ୍ୱୀପପୁଞ୍ଜ ଉପରେ ଅଧିକାର ଦାବି କରିଆସୁଛି ଏବଂ ଏହି ମାମଲାକୁ ଅନ୍ତର୍ଜାତୀୟ ଅଦାଲତକୁ ନେଇଛି।



ନିତିଦିନ NITIDIN

ଆମ ଜିଲ୍ଲା

## ରେଳ ଫାଟକ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଛତ୍ରପୁର,୨୦।୨/ଏନ୍ଏନ୍ଏସ୍:** ଛତ୍ରପୁର ସହର ରିକାପଲ୍ଲୀ ରେଳ ଫାଟକ ନିକଟସ୍ଥ ଏକ ଚିକେନ ସେଣ୍ଟର୍ କେବିନ୍ ପଛପଟୁ ଆଜି ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ନିକଟ ଅରଗୁଣି ଗ୍ରାମର ଆର. ରାଜା ରାଓ ବୋଲି ଜଣାପଡିଛି । ମୃତ ବ୍ୟକ୍ତିଙ୍କ ଭାଇ ଖବର ପାଇ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ପୂର୍ବ ଶତ୍ରୁତାରୁ ତାଙ୍କୁ କେହି ହତ୍ୟା କରିଥିବା ନେଇ ପୁଲିସ ସନ୍ଦେହ କରୁଛି । ମୃତକ ରାଜା ରାଓଙ୍କ ସହ ପୂର୍ବରୁ କିଛି ଯୁବକଙ୍କ ସହ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିବା ନେଇ ତାଙ୍କ ଭାଇ ଅଭିଯୋଗ କରିଛନ୍ତି । ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇ, ଥାନାଧିକାରୀ ସବ୍ୟସାଚି ମଲ୍ଲ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ମାମଲା ରୁଜୁ କରିଛନ୍ତି । ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି ।

## ବିଜେଡିର ନବନିଯୁକ୍ତ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଆସିକା,୨୦।୨/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ରୂପେ ଆସିକାର ବରିଷ୍ଠ ବିଜେଡି ନେତା ନଚିକେତା ସ୍ୱାଇଁ ଓ ଆସିକା ନଗର ବିଜେଡି ସଭାପତି ରୂପେ ପୂର୍ବତନ କାଉନସିଲର ତାରିଣୀ ସେନାପତି ନିଯୁକ୍ତି ପାଇବା ପରେ ଦଳୀୟ ନେତା ଓ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଛି । ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ବି.ମନୋଜ କୁମାର ଦୋରାଙ୍କ ସଂଯୋଜନାରେ ଆଜି ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ନବନିଯୁକ୍ତ ନଚିକେତା ସ୍ୱାଇଁ ଓ ତାରିଣୀ ସେନାପତିଙ୍କୁ ବରିଷ୍ଠ ବିଜେଡି ନେତା ପ୍ରସନ୍ନ କୁମାର ତ୍ରିପାଠୀ, ଇଂ ସଚ୍ଚିଦାନନ୍ଦ ରାଉତ, ସୁଧାଂଶୁ ଶେଖର ପଣ୍ଡା, ଦିଲୀପ କୁମାର ପାଣିଗ୍ରାହୀ, ରବିନ୍ଦ୍ର କୁମାର ସାମଲ, ଏମ୍.ରଶ୍ମିତା ସେନାପତି, ରଂଜନ କୁମାର ବିଷୋୟୀ, ସନ୍ତୋଷ କୁମାର ନାୟକ, ଅନିଲ୍ କୁମାର ନାୟକ, ଜି.ସୂର୍ଯ୍ୟପ୍ରକାଶ ରାଓ, କୈଳାଶ ଚନ୍ଦ୍ର ପ୍ରଧାନ, ଶିବପ୍ରସାଦ ଶତପଥୀ, ନିଗମାନନ୍ଦ ରାଉତ, ଜିତେନ୍ଦ୍ର କୁମାର ମହାରଣା, କେଶବ ଦାଶ, ବିନୋଦ କୁମାର ପାତ୍ର, କାହ୍ନୁଚରଣ ପାତ୍ର, ରାମହରି ପାଢୀ, ନିଲାଞ୍ଚଳ ମଣ୍ଡଳ, ରୋମନ୍ କୁମାର ବୈଠାରୁ, ଦେବାଶିଷ୍ ପଣ୍ଡା, କାହ୍ନୁଚରଣ ଦଳେଇ, ମନୋଜ ନାହାକ, ବିପିନ୍ ଦଳେଇଙ୍କ ସମେତ ବହୁ ଦଳୀୟ ନେତା ଉପଢୌକନ ପ୍ରଦାନ ପୂର୍ବକ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ନୂତନ ଗୁରୁ ଦାୟିତ୍ୱ ଦେଇଥିବାରୁ ଗଞ୍ଜାମ ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ନଚିକେତା ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଦଳକୁ ସୁଦୃଢ ସହ ଲୋକଙ୍କ ସେବା ଜାରି ରଖିବି ବୋଲି କହିଛନ୍ତି ।

## ବିରୋଧୀ ଦଳର ନିର୍ବାଚିତ ଜନପ୍ରତିନିଧିଙ୍କୁ ବ୍ଲକ୍ ପ୍ରଶାସନର ଅଣଦେଖା ଅଭିଯୋଗ



**ବୁଗୁଡ଼ା,୨୦।୨/ଏନ୍ଏନ୍ଏସ୍:** ଏକୋଇଶିଟି ପଞ୍ଚାୟତକୁ ନେଇ ଗଠିତ ବୁଗୁଡା ପଞ୍ଚାୟତ ସମିତିର ନିର୍ବାଚିତ ବିରୋଧୀ ଦଳର ଜନପ୍ରତିନିଧିଗଣ ପ୍ରଶାସନିକ ଅଣଦେଖାର ଶିକାର ଯୋଗୁଁ ଅନେକ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଥିବା କୁହାଯାଉଛି । ଅଞ୍ଚଳରେ କଦର୍ଯ୍ୟ ରାଜନୀତିର କୁପରିଣାମ ଲୋକେ ଭୋଗୁଥିବା ବେଳେ ଗତ ୧୯ ତାରିଖ ଦିନ ପ୍ରାକ୍ତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇ ଓ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରାଙ୍କ ସମେତ ବିରୋଧୀ ଦଳର କେତେକ ନିର୍ବାଚିତ ଜନପ୍ରତିନିଧି ବିଡିଓ ଦ୍ୟୁତିକୃଷ୍ଣ ପାତ୍ରଙ୍କୁ ସାକ୍ଷାତ କରିବା ଘଟଣା ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଛି । ସାକ୍ଷାତ କାଳରେ ପ୍ରାକ୍ତନ ମନ୍ତ୍ରୀ ନିର୍ବାଚିତ ଜନପ୍ରତିନିଧିଗଣଙ୍କୁ ଅଣଦେଖା କରି ଅଞ୍ଚଳର ବିକାଶରେ କାହିଁକି ବାଧକ ସାଜୁଛନ୍ତି ବୋଲି ବିଡିଓଙ୍କୁ ପ୍ରଶ୍ନ କରିବା ସହ ଜଣେ ସରକାରୀ ଅଧିକାରୀଙ୍କ ପକ୍ଷେ ଏହା ଆଦୌ ଶୋଭନୀୟ ନୁହେଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ । ଏଥି ସହ ଏଣିକି ଯଦି କୌଣସି ନିର୍ବାଚିତ ଜନପ୍ରତିନିଧି ପ୍ରଶାସନିକ ଅଣଦେଖାର ଶିକାର ହେବା ସହ ଗ୍ରାମାଞ୍ଚଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ ତେବେ ଉଚ୍ଚ ନ୍ୟାୟାଳୟ ଏବଂ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବା ସହ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଥିଲେ । ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଏନେଇ ପ୍ରଶାସନିକ ଅଣଦେଖାର ଶିକାର ହେଉଥିବା କେତେକ ନିର୍ବାଚିତ ଜନପ୍ରତିନିଧି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଗତ ସାଧାରଣ ନିର୍ବାଚନ-୨୦୨୪ ପରଠୁ ବ୍ଲକର ଗ୍ରାମାଞ୍ଚଳରେ ଯେକୌଣସି ଉନ୍ନତିମୂଳକ କାର୍ଯ୍ୟ, ରାସନ କାର୍ଡ ପ୍ରଦାନ, ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ, ଅନ୍ତୋଦୟ ଗୃହ ଯୋଜନା କ୍ଷେତ୍ରରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅନ୍ଧାରରେ ରଖି କିଛି ସରକାରୀ କର୍ମଚାରୀ ଏବଂ ଦଲାଲ ମନମୁଖୀ କାର୍ଯ୍ୟ କରିଆସୁଥିବା ଅଭିଯୋଗ ହେଉଛି । ବିଭିନ୍ନ ପଞ୍ଚାୟତରେ ଦଲାଲମାନେ ରାସନ କାର୍ଡ ବଣ୍ଟନ କରୁଥିବା ଘଟଣା ଜନପ୍ରତିନିଧିଙ୍କ ନଜରକୁ ଆସିଥିଲା । ଏନେଇ ଅଭିଯୋଗକାରୀମାନଙ୍କ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ମଧ୍ୟ ଅବଗତ କରାଯାଇଥିଲା ।

# ଗେଟ୍ ବଜାର ଫ୍ଲାଇଓଭରବ୍ରିଜ୍ ଜମିଅଧିଗ୍ରହଣ ନେଇ ଜନଶୁଣାଣି




**ବ୍ରହ୍ମପୁର,୨୦।୨/ଏନ୍ଏନ୍ଏସ୍:** ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟାର ସୁଧାର ଆଣିବା ନେଇ ରାଜ୍ୟସରକାରଙ୍କ ପକ୍ଷରୁ ଗେଟବଜାର ଠାରେ ଫ୍ଲାଇଓଭରବ୍ରିଜ କାର୍ଯ୍ୟ ଚାଲୁ ରହିଛି । ସହରର ବ୍ୟସ୍ତବହୁଳ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ଗେଟ୍ ବଜାର ଅଞ୍ଚଳରେ ନିୟମିତ ଟ୍ରାଫିକ୍ ସମସ୍ୟା ଦେଖାଦେଉଥିଲା । ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ପ୍ରାୟ ୧୧୫ କୋଟି ୪୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଗେଟ୍ ବଜାର ଫ୍ଲାଇ ଓଭରବ୍ରିଜ୍ ପ୍ରକଳ୍ପକୁ ଗତ ୨୦୨୫ ମାର୍ଚ୍ଚ ୯ରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ । ଏହି ପ୍ରକଳ୍ପ ଶିଳାନ୍ୟାସର ପ୍ରାୟ ଏକବର୍ଷ ବିତିବାକୁ ଯାଉଥିଲେ ସୁଧା ପ୍ରକଳ୍ପ କାର୍ଯ୍ୟରେ ସେଭଳି କୌଣସି ଆଖିଦୃଷିଆ ଅଗ୍ରଗତି ଦେଖିବାକୁ ମିଳିନାହିଁ । ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା ୩୪ଟି ପିଲର କାର୍ଯ୍ୟ ଇତି ମଧ୍ୟରେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଁଚିଥିବା ବେଳେ ବ୍ରିଜର ଅନ୍ୟକୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ । ପ୍ରକଳ୍ପର ଛାତ ପଡିବା ପୂର୍ବରୁ ଉକ୍ତ ରାସ୍ତାଦେଇ ଯାଉଥିବା ସରକାରୀ ଓ ଘରୋଇ ଜମିକୁ କିପରି ଅଧିଗ୍ରହଣ କରାଯିବ ସେନେଇ ଆଜି ପ୍ରଥମ ପର୍ଯ୍ୟାୟ ପ୍ରକ୍ରିୟା ଆରମ୍ଭ ହୋଇଛି । ସ୍ଥାନୀୟ ଗେଟବଜାର ମା'କୁଠାରୀ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଜମି ଅଧିଗ୍ରହଣ ବିଭାଗ ପକ୍ଷରୁ ଅନୁଷ୍ଠିତ ଜନଶୁଣାଣି ସଭାରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଅଧ୍ୟକ୍ଷତା କରିଥିଲେ । ପ୍ରକଳ୍ପର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ । ବିଧାୟକ କେ. ଅନୀଲ କୁମାର ସହରର ବିକାଶ ନେଇ ସମସ୍ତଙ୍କ ସହଯୋଗ କାମନା କରିବା ସହ ଏହାଦ୍ୱାରା ସହରର ଅଭିବୃଦ୍ଧି ହେବା ସହ ଅଞ୍ଚଳର ମଧ୍ୟ ବହୁ ବିକାଶ ହେବ ବୋଲି କହିଥିଲେ । ଅନୁଷ୍ଠିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଆରତି ତନ୍ତି, ପ୍ରଦୀପ କୁମାର ଶତପଥୀ, ବ୍ରହ୍ମପୁର ତହସିଲଦାର ରାକେଶ କୁମାର ପରିଡା, ଓବିସିସି ପ୍ରକଳ୍ପ ମ୍ୟାନେଜର ଜେ.ଏଲ. ସୁବୁଦ୍ଧି, ଦୀପକ କୁମାର ସାହୁଙ୍କ ସମେତ ଅଧିଗ୍ରହଣ ବିଭାଗର ବହୁ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଛତ୍ରପୁର ମ୍ୟୁନିସିପାଲିଟିରେ ୫ ପଞ୍ଚାୟତର ମିଶ୍ରଣକୁ ବିରୋଧ କରି ବିକ୍ଷୋଭ




**ଛତ୍ରପୁର,୨୦।୨/ଏନ୍ଏନ୍ଏସ୍:** ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲଟି କରିବା ପାଇଁ ଛତ୍ରପୁର ବ୍ଲକ୍ର ୫ଟି ପଞ୍ଚାୟତ ପୋଡ଼ା ପଦର, ଅଗସ୍ତି ନୂଆଗାଁ, ଚିକଲ ଖଣ୍ଡି, କଣ ମଣା ଓ ଆର୍ଯ୍ୟ ପଲ୍ଲୀକୁ ମିଶ୍ରଣ କରାଯିବ । କିନ୍ତୁ ଏହି ପଞ୍ଚାୟତରେ ଜନଶୁଣାଣି କିମ୍ବା ପଲ୍ଲୀ ସଭା ନକରି ସରକାର ଏକତରଫା ନିଷ୍ପତ୍ତିକୁ ବିରୋଧ କରି ଶୁକ୍ରବାର ବିରାଟ ଶୋଭାଯାତ୍ରାରେ ୫ ପଂଚାୟତର ବହୁ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ପଞ୍ଚାୟତର ଜନ ସାଧାରଣ ଗରିବ ଦିନ ମଜୁରିଆ, କୃଷକ ଅଟନ୍ତି ଏବଂ କିଆ ଫୁଲ ଚାଷ କରି ଜୀବିକା ନିର୍ବାହ କରୁଛନ୍ତି । ଏଣୁ ଏହି ୫ଟି ପଞ୍ଚାୟତକୁ ବାଦ୍ ଦେଇ ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିବା ପାଇଁ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସରକାର ଯଦି ଦାବି ପୂରଣ ନ କରନ୍ତି ଆଗାମୀ ଦିନରେ ବିରାଟ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଶୋଭାଯାତ୍ରାରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଶ୍ରମିକ ନେତା ଶଙ୍କର ଦାଶ, କମ୍ୟୁନିଷ୍ଟ ନେତା ନୀଳକଣ୍ଠ ଦାଶ, ସମିତି ସଭ୍ୟ ଏସ, ଚକ୍ରପାଣି ରେଡ୍ଡୀ, ଆର୍ଯ୍ୟ ପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ନାରୀନେତ୍ରୀ ଏନ୍, ଭାନୁମତୀ ରେଡ୍ଡୀ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, କଂଗ୍ରେସ ନେତା ଭାଗିରଥି ବେହେରା, ଆଇନ ଜିବି ରାମଚନ୍ଦ୍ର ବେହେରା, ଆଦି ନାରାୟନ ରେଡ୍ଡୀ ଓ ସମିତି ସଭ୍ୟ ସମେତ ବହୁ ନେତା ଓ ଜନସାଧାରଣ ଉପସ୍ଥିତ ଥିଲେ ।

## ଯୁକ୍ତ ୨ କଳା ପରୀକ୍ଷା ଆରମ୍ଭ, ୫ କେନ୍ଦ୍ରରେ ୧୧୬୦ ପରୀକ୍ଷାର୍ଥୀ

**ବୁଗୁଡ଼ା,୨୦।୨/ଏନ୍ଏନ୍ଏସ୍:** ଯୁକ୍ତ ୨ କଳା ପରୀକ୍ଷା ଆଜି ଆରମ୍ଭ ହୋଇଥିବା ବେଳେ



ବୁଗୁଡ଼ା ଅଞ୍ଚଳର ୫ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୧୭୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୬୦ ପରୀକ୍ଷା ଦେଇଥିବା ଜଣାପଡିଛି । ମୋଟ ୧୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାଯାଇଛି । ବୁଗୁଡ଼ା ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଆମ୍ ପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ୪୩୬ରୁ ୪୨୮ ଜଣ ଓ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ମନୋଜ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୨୨୦ରୁ ୨୧୯ ଜଣ , ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ସରୋଜ କାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ୨୯୬ରୁ ୨୯୪ ଜଣ ଓ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଅନୁପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୬୯ରୁ ୧୬୮ ଜଣ, କରଚୁଲି ଶକୁନ୍ତଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଗଦାଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ତେବେ ପିପୁଲ୍ସ କଲେଜ କେନ୍ଦ୍ରରେ ପିପୁଲ୍ସ କଲେଜର ଛାତ୍ରଛାତ୍ରୀଙ୍କ ସମେତ ବାଲିପଦରସ୍ଥ ଅହଲ୍ୟା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । କପିକୁ ରୋକିବା ପାଇଁ ପରୀକ୍ଷାର୍ଥୀଙ୍କୁ କଡାକଡି ଭାବେ ଯାଞ୍ଚ କରାଯାଇଥିବା ବେଳେ ଉକ୍ତ ୫ଟି କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ସମ୍ପନ୍ନ ହୋଇଥିବା ଜଣାଯାଇଛି ।

## ଅବକାରୀ କାର୍ଯ୍ୟାଳୟ ପାର୍ଶ୍ୱରେ ଅଗ୍ନିକାଣ୍ଡ, ଜବତ ଗାଡ଼ି ଜଳିଗଲା



**ବ୍ରହ୍ମପୁର,୨୦।୨/ଏନ୍ଏନ୍ଏସ୍:** ଆମ୍ବପୁଆସ୍ଥିତ ଅବକାରୀ କାର୍ଯ୍ୟାଳୟ ନିକଟରେ ଆଜି ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି । କାର୍ଯ୍ୟାଳୟ ପରିସରରେ ଥିବା ବହୁ ଜବତ ଗାଡ଼ିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଛି । ପ୍ରାୟ ୨୦ରୁ ଉର୍ଦ୍ଧ୍ୱ କାର୍ ଓ ଟ୍ରକ୍ରେ ନିଆଁ ଲାଗି ନଷ୍ଟ ହୋଇଥିବା ଜଣାପଡିଛି । ତେବେ କେଉଁ କାରଣ ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟିଛି ତାହା ଜଣାପଡିପାରିନାହିଁ । ଦୀର୍ଘ ସମୟର ପରିଶ୍ରମ ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ । ଅବକାରୀ ବିଭାଗ ପକ୍ଷରୁ ଜବତ ହୋଇ ଅନେକ ଦିନ ହେବ ଏଠାରେ ବହୁ ଗାଡି ରଖାଯାଇଥିଲା ।

## ଜୈବିକ ବିଭିଦତା ବୋର୍ଡ଼ ପକ୍ଷରୁ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଫୁଲବାଣୀ,୨୦।୨/ଏନ୍ଏନ୍ଏସ୍:** ସ୍ଥାନୀୟ ପଞ୍ଚାୟତ ଭବନ ଠାରେ ଜୈବିକ ବିଭିଦତା ବୋର୍ଡ ପକ୍ଷରୁ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୋର୍ଡ ପକ୍ଷରୁ ଫୁଲବାଣୀ ବନ ଖଣ୍ଡ ଅଧିକାରୀ ପ୍ରତାପ କଟାପାଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୈବିକ ବିଭିଦତା ଉପରେ ଅଧିକ ଜନ ସଚେତନତାର ଆବଶ୍ୟକତା ଅଛି ବୋଲି କହିଥିଲେ । ବର୍ତ୍ତମାନ ଏହା ପାରମ୍ପରିକ ଭାବେ ଚାଲି ଥିବାରୁ ଏହାର ଗୁରୁତ୍ୱ କେହି ବୁଝି ପାରୁନାହାନ୍ତି । ମନୁଷ୍ୟ ସମାଜ ପାଇଁ ଏହାର ଗୁରୁତ୍ୱ ଅଧିକ ରହିଛି ବୋଲି ବନ ଖଣ୍ଡ ଅଧିକାରୀ କହିଥିଲେ । ପଞ୍ଚାନନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ କୃଷି ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଜୈବ ବିଭିଦତା ସମ୍ପର୍କରେ ଆଲୋଚନା କରି କନ୍ଧମାଳ ଜିଲ୍ଲାରେ ଏହାର ବହୁ ସମ୍ଭାବନା ସମ୍ପର୍କରେ କହିଥିଲେ । ବନ ବିଭାଗ ରେଞ୍ଜର ଶ୍ରୀମତୀ ଆଶାଲତା ଡିଗାଲ, ସବୁଜ ବୈଦ୍ୟ ସଂଗଠନର ନିର୍ଦ୍ଦେଶକ ଦୀନବନ୍ଧୁ ମହାରଣା ମଧ୍ୟ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ୩୦ ଗୋଟି ଜୈବ ବିଭିଦତା ପରିଚାଳନା କମିଟିର ୬୦ ଜଣ ପ୍ରତିନିଧି ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ । ଶେଷରେ ଏସିଏଫ ଶ୍ୱେତାଲିନ ସାହୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସର୍ବେଶ୍ୱର ମାଝୀ, ବିଭୁ ପ୍ରଧାନ, ସଞ୍ଜୟ ସାହୁ, ପୁରୁଷୋତ୍ତମ ମଳିକ, ସହିଦ ଡିଗାଲ, କୃଷ୍ଣ ସାହୁ ଓ ଦଣ୍ଡପାଣି କହର ପ୍ରମୁଖ ସହଯୋଗ କରିଥିଲେ ।

## ଫୁଲବାଣୀରେ ସିନେମା ହଲ୍ ଉଦ୍‌ଘାଟିତ

**ଫୁଲବାଣୀ,୨୦।୨/ଏନ୍ଏନ୍ଏସ୍:** ସ୍ଥାନୀୟ ବସ୍ଷ୍ଟାଣ୍ଡ ନିକଟରେ ଏକ ଅତ୍ୟାଧୁନିକ ତଥା ବିଳାସପୂର୍ଣ୍ଣ ସିନେମା ହଲ ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି ।



ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପରିବେଶ ଓ ପ୍ରାକୃତିକ ସୋନ୍ଦର୍ଯ୍ୟ ଦୃଷ୍ଟିରୁ କନ୍ଧମାଳ ଜିଲ୍ଲା ସର୍ବୋତ୍ତମ । ଏବେ ଏଠାରେ ବିଳାସପୂର୍ଣ୍ଣ ସିନେମା ହଲ ପ୍ରତିଷ୍ଠା ପରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ପାଇଁ ଏହା ଏକ ମାଧ୍ୟମ ହୋଇ ପାରିବ । ବିଶେଷ କରି ବାହାର ରାଜ୍ୟର ଯେଉଁ ଛାତ୍ର ଛାତ୍ରୀ ସ୍ଥାନୀୟ ମେଡିକାଲ କଲେଜରେ ଅଧ୍ୟୟନ କରୁଛନ୍ତି ସେମାନଙ୍କୁ ଅଧିକ ସହାୟତା ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ମ୍ୟାନେଜର ଚନ୍ଦନ ଝା, ରାଜେଶ ଠାକୁର, ପ୍ରତୀକ ରଂଜନ ମହାନ୍ତି, ସୁମିତ୍ ଶର୍ମା, ରାଜେଶ ରାୟ ଅନିଲ୍ କୁମାର କୋହିଲି, ମନୁ ରାୟ ପ୍ରମୁଖଙ୍କ ସମେତ ଅନ୍ୟ ମାନଙ୍କ ମଧ୍ୟରେ ରାଜ କିଶୋର ପଟ୍ଟନାୟକ, ଅଭିରାମ ମହାନ୍ତି, ବ୍ରଜ ପଟ୍ଟନାୟକ, ବିଷ୍ଣୁ ପ୍ରିୟା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

## କେ.ତ୍ରିଲୋଚନ ଦୋରା ବୁଗୁଡ଼ା ଏନ୍ଏସି, ଖଦାଳ ଖଟେଇ ବ୍ଲକ୍ ବିଜେଡି ସଭାପତି ନିଯୁକ୍ତ





**ବୁଗୁଡା,୨୦।୨/ଏନ୍ଏନ୍ଏସ୍:** ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଗୁଡ଼ା ଏନଏସି ଏବଂ ବ୍ଲକ ସଭାପତି ଭାବେ ଯଥାକ୍ରମେ କେ. ତ୍ରିଲୋଚନ ଦୋରା ଏବଂ ଖଦାଳ ଖଟେଇଙ୍କୁ ନିଯୁକ୍ତ କରାଯାଇଛି । ସମ୍ପ୍ରତି ବିଜୁ ଜନତା ଦଳର ଘଡିସନ୍ଧି ମୁହୂର୍ତ୍ତରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଖଦାଳ ଖଟେଇ ଏବଂ ପୂର୍ବରୁ ନଗର ସଭାପତି ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇଥିବା ଯୁବ ନେତା ତ୍ରିଲୋଚନ ଦୋରାଙ୍କ ଅଭିଜ୍ଞତାକୁ ପାଥେୟ କରି ଦଳ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛି । ସଭାପତି ଭାବେ ନିଯୁକ୍ତି ପାଇବା ପରେ ଉଭୟଙ୍କୁ ଦଳୀୟ କର୍ମୀଗଣଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରିଥିବା ବେଳେ ସେଦୁହେଁ ଦଳୀୟ ସଂଗଠନକୁ ସୁଦୃଢ କରିବା ଦିଗରେ ଯଥାସାଧ୍ୟ ଉଦ୍ୟମ କରିବା ନେଇ ମତବ୍ୟକ୍ତ କରିଛନ୍ତି ।

## ଗଞ୍ଜାମ ଓକିଲ ସଂଘର ମହିଳା ପ୍ରତିନିଧିତ୍ୱ ପାଇଁ ୩୦ ପ୍ରତିଶତ ସଂରକ୍ଷଣ

**ବ୍ରହ୍ମପୁର,୨୦।୨/ଏନ୍ଏନ୍ଏସ୍:** ମୁଖ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଆଜି ଗଞ୍ଜାମ ଓକିଲ ସଂଘର ଏକ ଜରୁରୀ ସାଧାରଣ ସଭା ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।



ବୈଠକରେ ସଙ୍ଘର ମହିଳାମାନଙ୍କ ପ୍ରତିନିଧିତ୍ୱ ପାଇଁ ୩୦ ପ୍ରତିଶତ ସରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା । ଏହା ଚଳିତ ୨୦୨୬ ମାର୍ଚ୍ଚ ମାସ ୨୮ ନିର୍ବାଚନରେ ଲାଗୁହେବ ବୋଲି ସୂଚନା ଦିଆଯାଇଥିଲା । ବୈଠକରେ ସମ୍ପାଦକ ଟି. ଭେଙ୍କେଟ ରାଓ ଓଡିଶା ରାଜ୍ୟ ଆଇନ ପରିଷଦର ଚିଠା ପଢ଼ି ଶୁଣାଇଥିଲେ । ଉପସଭାପତି ତିରୁମଲ ରେଡ୍ଡୀ ବ୍ୟାଖ୍ୟା କରିଥିଲେ । ଶେଷରେ ସହ-ସମ୍ପାଦକ ଅସିତ ସାବତ ଧନ୍ୟବାଦ ଅର୍ପଣ କରିଥିଲେ ।

## ହୃତ୍‌ପିଣ୍ଡ ସମସ୍ୟାର ଉନ୍ନତ ଚିକିତ୍ସା ନିମନ୍ତେ ଶିଶୁକୁ ପଠାଯିବ ଚେନ୍ନାଇ

**ବ୍ରହ୍ମପୁର,୨୦।୨/ଏନ୍ଏନ୍ଏସ୍:** ହୃତପିଣ୍ଡ ସମସ୍ୟାର ଉନ୍ନତ ଧରଣର ଚିକିତ୍ସା ନିମନ୍ତେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁକୁ ପଠାଯିବ ଚେନ୍ନାଇ ସ୍ଥିତ ଆପୋଲୋ ଶିଶୁ ହସ୍ପିଟାଲ୍ । ସୂଚନା ପ୍ରକାରେ ଆୟୁଷ୍ ଡାକ୍ତର ଜଗନ୍ନାଥ ପତିଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଏକ ଟିମ୍ ବେଲଗୁଣ୍ଠାର ଏକ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସମୟରେ ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ କେବିରି ବ୍ରହ୍ମପୁର ଗ୍ରାମର ରାମଚନ୍ଦ୍ର ଗୌଡ଼ଙ୍କ ପୁଅ ପ୍ରସନ୍ନଜିତ୍ ଗୌଡ଼ଙ୍କ ହୃତପିଣ୍ଡରେ ସମସ୍ୟା ଥିବା ଜଣାପଡିଥିଲା । ଏ ବିଷୟରେ ଟିମ୍ ତରଫରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ପ୍ରସନ୍ନଜିତ୍ଙ୍କ ହୃତପିଣ୍ଡରେ ଥିବା ସମସ୍ୟାର ସମାଧାନ ପାଇଁ ତାଙ୍କୁ ଚେନ୍ନାଇ ସ୍ଥିତ ଆପୋଲୋ ଶିଶୁ ହସ୍ପିଟାଲ୍କୁ ପଠାଯିବାର ପ୍ରସ୍ତୁତି କରାଯାଇଛି । ସେଠାରେ ପ୍ରସନ୍ନଜିତ୍ଙ୍କ ଚିକିତ୍ସା ମାଗଣାରେ କରାଯିବ ବୋଲି ଆୟୁଷ୍ ଡାକ୍ତର ଜଗନ୍ନାଥ ପତି ସୂଚନା ଦେଇଛନ୍ତି । ଏନେଇ ପ୍ରସନ୍ନଜିତ୍ଙ୍କ ବାପା ରାମଚନ୍ଦ୍ର ଗୌଡ଼ ଏବଂ ମାଆ ସତ୍ୟଭାମା ଗୌଡ଼ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ଭବାନୀ ଶଙ୍କର ମିଶ୍ର, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ଲୋପାମୁଦ୍ରା ମିଶ୍ର ଏବଂ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଟିମ୍କୁ କୃତଜ୍ଞତା ଜଣାଇଛନ୍ତି ।

### ଆସିକା ନଗର ବିଜେଡିର ସାଙ୍ଗଠନିକ ବୈଠକ

# ମତାନ୍ତର ଭୁଲି ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ



**ଆସିକା,୨୦।୨/ଏନ୍ଏନ୍ଏସ୍:** ଆସିକା ନଗରରେ ବିଜୁ ଜନତା ଦଳର ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ ପାଇଁ ଦଳ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଆଗାମୀ ପୌର ନିର୍ବାଚନ ସକାଶେ ରଣକୌଶଳ ସ୍ଥିର କରିବା ପାଇଁ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରାଙ୍କ ସଂଯୋଜନାରେ ଆଜି ବିଜେଡି କାର୍ଯ୍ୟାଳୟ ପରିସରରେ ନଗରସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦଳର ବହୁ ପୁରୁଖା ଓ ଆଗଧାଡିର ନେତା, କର୍ମୀ ଯୋଗ ଦେଇଥିଲେ । ବିଜୁ ଯୁବ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ଆଇନଜୀବୀ ସୁଧାଂଶୁ କୁମାର ପଣ୍ଡା, ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃର ନିର୍ଦ୍ଦେଶକ ଇଂ ସଚ୍ଚିଦାନନ୍ଦ ରାଉତ, ବରିଷ୍ଠ ବିଜେଡି ନେତା ପ୍ରସନ୍ନ କୁମାର ତ୍ରିପାଠୀ, ଦିଲୀପ କୁମାର ପାଣିଗ୍ରାହୀ, ରବିନ୍ଦ୍ର କୁମାର ସାମଲ, ରଂଜନ କୁମାର ବିଷୋୟୀ, ଜି.ସୂର୍ଯ୍ୟପ୍ରକାଶ ରାଓ, ସନ୍ତୋଷ କୁମାର ନାୟକ, ଅନିଲ୍ କୁମାର ନାୟକ, ବିଜେଡି ନେତ୍ରୀ ରଶ୍ମିତା ସେନାପତି, ଆସିକା ଏନ୍ଏସି କାଉନସିଲର ନିଗମାନନ୍ଦ ରାଉତ, ପୂର୍ବତନ କାଉନସିଲର କୈଳାଶ ଚନ୍ଦ୍ର ପ୍ରଧାନ, ଯୁବ ବିଜେଡି ନେତା ଜିତେନ୍ଦ୍ର କୁମାର ମହାରଣା ଓ ଶିବପ୍ରସାଦ ଶତପଥୀ ପ୍ରମୁଖ ଯୋଗଦେଇ ଦଳୀୟ ନେତା ଓ କର୍ମୀମାନେ ଆସିକା ନଗର ଅଞ୍ଚଳରେ ବିଜେଡି ସଂଗଠନକୁ ଆହୁରି ମଜବୁତ୍ କରିବାକୁ ଆହ୍ୱାନ କରିଥିଲେ । ଆଗାମୀ ପୌରପାଳିକା ନିର୍ବାଚନ ପୂର୍ବରୁ ଏବେଠୁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ । ମତାନ୍ତର ଓ ମନାନ୍ତର ଭୁଲି ଦଳୀୟ ନେତା ଓ କର୍ମୀ ତୃଣମୂଳ ସ୍ତରରେ ଲୋକଙ୍କ ସୁଖ ଦୁଃଖରେ ସାମିଲ୍ ହେବା ସହ ସାଙ୍ଗଠନିକ କାର୍ଯ୍ୟକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ । ଦୀର୍ଘ ୨୪ ବର୍ଷ ଧରି ରାଜ୍ୟରେ ବିଜୁ ଜନତା ଦଳ ସରକାର ସମୟରେ ହୋଇଥିବା ବିକାଶ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଆହ୍ୱାନ କରାଯାଇଥିଲା । ବୈଠକରେ ବିଜେଡି ନେତା ରୋମନ୍ କୁମାର ବୈଠାରୁ, ଦେବାଶିଷ୍ ପଣ୍ଡା, କାହ୍ନୁଚରଣ ଦଳେଇ, କାହ୍ନୁଚରଣ ପାତ୍ର, ପ୍ରଣବ କୁମାର ପାଢୀ, ନିଲାଞ୍ଚଳ ମଣ୍ଡଳ, କେଶବ ଦାଶ, ମନୋଜ ନାହାକ, ବିପିନ୍ ଦଳେଇଙ୍କ ସମେତ ଅଞ୍ଚଳର ବହୁ ପୁରୁଖା ଓ ଆଗଧାଡିର ଦଳୀୟ ନେତା ଉପସ୍ଥିତ ଥିଲେ ।

**ନିତି ଭାରତୀ** | କ୍ରୋଧ ଅଧିକ କ୍ରୋଧକୁ ଏବଂ କ୍ଷମା ଓ ପ୍ରେମ ଅଧିକ କ୍ଷମା ଓ ପ୍ରେମକୁ ବହନ କରି ଆଣିଥାଏ। - **ମହାବୀର ଜୈନ**

NITIDIN
ନିତିଦିନ
ଶନିବାର, ୨୧ ଫେବୃଆରୀ ୨୦୨୬

# ପରୀକ୍ଷା ଋତୁ



ଅଧ୍ୟାପକ ବନବିହାରୀ ଦାଶ

ପରୀକ୍ଷା ନାଁ ଶୁଣିଲେ 'ଫେଲ୍' କଥାଟା ଅନେକଙ୍କୁ ଭୟଭୀତ କରିଥାଏ। ପରୀକ୍ଷା ବ୍ୟବସ୍ଥାକୁ ଏଥିପାଇଁ ଅନେକ ସମାଲୋଚନାର ଶିକାର ହେବାକୁ ପଡ଼େ। ଫେଲ୍ ହେବା ଭୟରେ ଅନେକ ପରୀକ୍ଷାର୍ଥୀ ଖରାପ ପ୍ରଦର୍ଶନ କରନ୍ତି। ପରୀକ୍ଷା ଫଳ ବାହାରିବା ପରେ ଅନେକ ଭୁଲ୍ ପଦକ୍ଷେପ ମଧ୍ୟ ନେଇଥାନ୍ତି। 'ପରୀକ୍ଷା' ଶବ୍ଦଟି ସଂସ୍କୃତ ବ୍ୟାକରଣ ଅନୁସାରେ 'ପରି' ଉପସର୍ଗ ଓ ମୂଳ ଶବ୍ଦ 'ଈକ୍ଷା'ର ମିଳନରେ ତିଆରି ହୋଇଛି। 'ପରି' ଉପସର୍ଗର ଅର୍ଥ ହେଉଛି ଚାରିଆଡ଼, ପୂର୍ଣ୍ଣ ଓ ସମୀପ ଏବଂ 'ଈକ୍ଷା'ର ଅର୍ଥ ଦେଖିବା, ନିରୀକ୍ଷଣ କରିବା। ଅର୍ଥାତ୍ କୌଣସି ବ୍ୟକ୍ତିର ଜ୍ଞାନ, କୌଶଳ ଓ ଗୁଣକୁ ଚାରି ପାଖରୁ ମୂଲ୍ୟାୟନ କରିବାକୁ ବୁଝାଏ। 'ପରୀକ୍ଷା' ଶବ୍ଦ ଆମ ଭାରତୀୟ ପ୍ରାଚୀନ ପରମ୍ପରାରେ ହଜାର ହଜାର ବର୍ଷରୁ ପ୍ରଚଳିତ। ଏହା କିଛି ନୂଆକଥା ନୁହେଁ। ରାମାୟଣ, ମହାଭାରତ ଯୁଗରେ ପ୍ରଭୁ ରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ଗୁରୁକୁଳ ଶିକ୍ଷା ବିଷୟରେ ଆମେ ସମସ୍ତେ ଜାଣୁ। ପ୍ରାଚୀନ ଭାରତରେ ଶିକ୍ଷାର ସ୍ୱରୂପ ଆଜିକାଲିକା ଲିଖିତ ପରୀକ୍ଷାଠାରୁ ସମ୍ପୂର୍ଣ୍ଣ ଅଲଗା ଥିଲା ଏବଂ ଏହା ସମ୍ପୂର୍ଣ୍ଣ ବ୍ୟବହାରିକ ଥିଲା। ସେହି ସମୟରେ ଶିକ୍ଷାଦାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚରିତ୍ର ନିର୍ମାଣ ଓ ଦକ୍ଷତା ବିକାଶ। ବର୍ତ୍ତମାନ ନୂଆ ଶିକ୍ଷା ନୀତି-୨୦୨୦ରେ ଏହି ବିଷୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି।

ପ୍ରାଚୀନ ଭାରତୀୟ ପରୀକ୍ଷା ପଦ୍ଧତିର ମୁଖ୍ୟ ବିଷୟଗୁଡ଼ିକ ଥିଲା ନିରନ୍ତର ମୂଲ୍ୟାୟନ। ବିଦ୍ୟାର୍ଥୀର ଦୈନିକ ଦିନଚର୍ଯ୍ୟା ଓ କାର୍ଯ୍ୟକଳାପକୁ ଗୁରୁ ତନ୍ନ ତନ୍ନ କରି ଅବଲୋକନ କରୁଥିଲେ। ପ୍ରାଚୀନ ଭାରତର ଅନ୍ୟତମ ପ୍ରସିଦ୍ଧ ପରୀକ୍ଷା ଥିଲା ତର୍କ ବିତର୍କ; ଏଥିରେ ବିଦ୍ୟାର୍ଥୀ ବିଦ୍ୱାନର ସଭାରେ ତର୍କ ଦ୍ୱାରା ଲବ୍ଧଜ୍ଞାନକୁ ଉପସ୍ଥାପନ କରୁଥିଲେ। ବ୍ୟବହାରିକ ଜ୍ଞାନକୁ ପ୍ରଦର୍ଶନ କରିବା ବାଧ୍ୟତାମୂଳକ ଥିଲା। ଲିଖିତ ପରୀକ୍ଷାର ମହତ୍ତ୍ୱ ଯଥେଷ୍ଟ କମ୍ ଥିଲା। ବେଦ ବେଦାନ୍ତ, ଅସ୍ତ୍ରବିଦ୍ୟା, ଚିକିତ୍ସା ଶାସ୍ତ୍ର ଭଳି ଶିକ୍ଷାର ସମସ୍ତ ବିଭାଗରେ ପ୍ରାୟୋଗିକ ଦିଗକୁ ଅଧିକ ମହତ୍ତ୍ୱ ପ୍ରଦାନ କରାଯାଉଥିଲା। କେବଳ ସେତିକି ନୁହେଁ, ଭାରତର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ନାଳନ୍ଦା ଓ ତକ୍ଷଶିଳାରେ ପଢ଼ିବା ପାଇଁ ଆଶାୟୀମାନଙ୍କର ଅତି କଠିନ ମୂଲ୍ୟାୟନ କରାଯାଉଥିଲା।

ଆଧୁନିକ ପରୀକ୍ଷା ବ୍ୟବସ୍ଥାର ଜନକ ଭାବେ ଆମେରିକାର ଜଣେ ତଥାକଥିତ ବ୍ୟବସାୟୀ ହେନ୍‌ରୀ ଫିସଲ୍‌ଙ୍କୁ ନାମିତ କରାଯାଏ। ପୁନଶ୍ଚ, ଆଧୁନିକ ପରୀକ୍ଷା ପ୍ରଣାଳୀରେ ନୂଆ ବ୍ଲୁମ୍‌ଙ୍କ ଟ୍ୟାକ୍ସୋନମି କେବଳ ଘୋଷାବିଦ୍ୟାକୁ ଜୋର୍ ନଦେଇ ବୁଝିବା, ପ୍ରୟୋଗ, ତର୍ଜମା ଓ ସର୍ଜନାକୁ ଗୁରୁତ୍ୱ ପ୍ରଦାନ କରିଥାଏ। ଆଧୁନିକ ପରୀକ୍ଷା ପ୍ରଣାଳୀ ଆମ ଦେଶରେ ବ୍ରିଟିଶମାନଙ୍କ ଦ୍ୱାରା ୧୮୦୬ ମସିହାରେ ସିଭିଲ୍ ସର୍ଭିସ୍ ପାଇଁ ପ୍ରଚଳନ କରାଯାଇଥିଲା। ୧୮୫୮ ମସିହାରେ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଦ୍ୱାରା ସମଗ୍ର ଦେଶରେ ଏହାର ପ୍ରଚଳନ କରାଯାଇଥିଲା। ୧୮୫୦ ମସିହାରେ ଭାରତବର୍ଷରେ ଇଂରେଜମାନଙ୍କ ଦ୍ୱାରା ଲିଖିତ ପରୀକ୍ଷା ଆରମ୍ଭ ହୋଇଥିଲା। ୧୮୯୦ ମସିହାରେ ପ୍ରଥମ ମାଟ୍ରିକ ପରୀକ୍ଷା ଆରମ୍ଭ କରାଯାଇ ସ୍କୁଲ ଶିକ୍ଷାରେ ଏକ ନୂଆ ଅଧ୍ୟାୟ ଯୋଡ଼ା ଯାଇଥିଲା। ଅବଶ୍ୟ ଆଧୁନିକ ପରୀକ୍ଷା ପ୍ରଣାଳୀ ଚୀନ୍‌ର ଅବଦାନ। ଏହାର ୧୪୦୦ ବର୍ଷ ଆଗରୁ ୬୦୫ ମସିହାରେ ଚୀନ୍‌ରେ ସିଭିଲ୍ ସର୍ଭିସ୍ ସେବା ପାଇଁ ଏହାର ପ୍ରଚଳନ କରାଯାଇଥିଲା।

ପରୀକ୍ଷା ସମ୍ବନ୍ଧରେ ଅନେକ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମନୀଷୀଙ୍କ ମତ ପ୍ରଣିଧାନଯୋଗ୍ୟ। ମୋଟାମୋଟି କହିବାକୁ ଗଲେ, ପ୍ରାୟ ସବୁ ପ୍ରସିଦ୍ଧ ବ୍ୟକ୍ତିବିଶେଷ ଲିଖିତ ପରୀକ୍ଷାକୁ ପ୍ରକୃତ ଜ୍ଞାନର ପରିମାପକ ଭାବେ ବିବେଚନା କରି ନାହାନ୍ତି। ବୈଜ୍ଞାନିକ ଉଦ୍ଭାବନ ଓ ସୃଜନଶୀଳତା ପରୀକ୍ଷାଠାରୁ ବହୁ ଊର୍ଦ୍ଧ୍ୱରେ। ଆଇନ୍‌ଷ୍ଟାଇନ୍ କୁହନ୍ତି, ବିଦ୍ୟାଳୟର ପରୀକ୍ଷା ଚାପରେ ତାଙ୍କୁ ପାଠ୍ୟ ବିଷୟଗୁଡ଼ିକ ଅଧିକ ବୋର୍ ଲାଗୁଥିଲା ଏବଂ ବିଷୟଗୁଡ଼ିକ ପ୍ରତି ଆଗ୍ରହ କମି ଯାଉଥିଲା। ପରୀକ୍ଷା ଛାତ୍ର ମଧ୍ୟରେ ଥିବା ଜ୍ଞାନ ପିପାସାକୁ ନଷ୍ଟ କରି ପକାଏ ବୋଲି ସେ ମତ ଦେଇଥିଲେ। କମ୍ ମାର୍କ୍ ରଖୁଥିବା ଅନେକ ଛାତ୍ରଛାତ୍ରୀ ବହୁତ ବଡ଼ ବଡ଼ ବୈଜ୍ଞାନିକ ଭାବେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧୀ ମଧ୍ୟ କହିଛନ୍ତି, ବିଦ୍ୟାର୍ଥୀର ଉପଯୁକ୍ତ ସାମର୍ଥ୍ୟ ମାପିବାରେ ବର୍ତ୍ତମାନର ପରୀକ୍ଷା ପଦ୍ଧତି ସମ୍ପୂର୍ଣ୍ଣ ଅସଫଳ। ତାଙ୍କ ମତରେ, ପ୍ରକୃତ ଶିକ୍ଷାର ଲକ୍ଷ୍ୟ ହେଉଛି ଚରିତ୍ର ନିର୍ମାଣ। ପ୍ରକୃତ ଶିକ୍ଷା ମନୁଷ୍ୟକୁ ଆତ୍ମନିର୍ଭର କରିଥାଏ। ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ



ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣିଧାନଯୋଗ୍ୟ ଅଟେ। ଏଥିରେ ପରୀକ୍ଷାକୁ ଏକ ନିରନ୍ତର ପ୍ରକ୍ରିୟା ରୂପେ ଗ୍ରହଣ କରାଯାଇଥିବା ବେଳେ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା କ୍ଷେତ୍ରରେ ଥିବା ଅନେକ ପ୍ରତିବନ୍ଧକକୁ ଦୂରେଇ ଦିଆଯାଇଛି। ଇଂରେଜମାନଙ୍କ ପ୍ରଚଳିତ ପରୀକ୍ଷାସର୍ବସ୍ୱ ପଦ୍ଧତିରେ ମାର୍କ ଓ ର୍ୟାଙ୍କକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ଏବଂ ଏହି ବ୍ୟବସ୍ଥା ଘୋଷାବିଦ୍ୟାକୁ ପ୍ରୋତ୍ସାହନ ନ ଦେଇ ଇନୋଭେସନ୍ ବା ନବସୃଜନକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି।

ଆମ ଦେଶରେ ବିଗତ କିଛି ଦିନ ହେବ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ 'ପରୀକ୍ଷା ପେ ଚର୍ଚ୍ଚା' ବେଶ୍ ଲୋକପ୍ରିୟତା ହାସଲ କରିଛି। ୨୦୧୮ ମସିହାରୁ ଏହା ବିଗତ ନଅ ବର୍ଷ ଧରି ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ପ୍ରେରଣାର ଉତ୍ସ ପାଲଟିଛି।

'ପରୀକ୍ଷା ପେ ଚର୍ଚ୍ଚା'ର ନବମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ- ଏଆଇର ଉପଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଏଆଇ ଆମ ଦକ୍ଷତା ବିକାଶରେ ସହାୟକ ହୋଇ ପାରିବ, କିନ୍ତୁ ଆମର ଶୃଙ୍ଖଳା ଓ ସୃଜନଶୀଳତାକୁ ପୂରଣ କରି ପାରିବ ନାହିଁ। ଜୀବନରେ ପ୍ରକୃତ ସଫଳତା କଠିନ ପରିଶ୍ରମରୁ ହିଁ ମିଳିଥାଏ। ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ସ୍ୱପ୍ନ ଦେଖିବା ପାଇଁ କହିଛନ୍ତି। ସ୍ୱପ୍ନ ନ ଦେଖିବା ଏକ ଅପରାଧ ଅଟେ। ନିଜକୁ ପରୀକ୍ଷା କରିବା ପାଇଁ ପରୀକ୍ଷା ହୋଇଥାଏ। ପ୍ରକୃତ ଶିକ୍ଷା କେବଳ ପରୀକ୍ଷା ପାଇଁ ନୁହେଁ, ବରଂ ଜୀବନ ପାଇଁ ଆବଶ୍ୟକ। ପିଲାମାନଙ୍କୁ ସେମାନଙ୍କ କ୍ଷମତା, ସାମର୍ଥ୍ୟ ଏବଂ ଆଗ୍ରହ ଅନୁଯାୟୀ ପ୍ରସ୍ଫୁଟିତ ହେବାକୁ ସୁଯୋଗ ଦେବା ଲାଗି ପ୍ରଧାନମନ୍ତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି।

ପରୀକ୍ଷା ବିଷୟରେ ପ୍ରଧାନମନ୍ତ୍ରୀ ଏକ ଲୋକପ୍ରିୟ ପୁସ୍ତକ ଏକ୍‌ଜାମ୍ ୱାରିଅର ବା ପରୀକ୍ଷା ଯୋଦ୍ଧା ୨୦୧୮ ମସିହାରେ ପ୍ରକାଶ କରିଛନ୍ତି। ଏଥିରେ ଛାତ୍ରଛାତ୍ରୀମାନଙ୍କ ପାଇଁ ୨୮ଟି ଓ ଅଭିଭାବକଙ୍କ ପାଇଁ ୬ଟି ମନ୍ତ୍ର ଅଛି। ଏହା ୧୩ଟି ଭାରତୀୟ ଭାଷାରେ ବର୍ତ୍ତମାନ ବଜାରରେ ଉପଲବ୍ଧ ରହିଛି। ଏହି ପୁସ୍ତକ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସାଧାରଣତଃ ହାଇସ୍କୁଲ ପିଲାମାନଙ୍କ ମଧ୍ୟରେ ପରୀକ୍ଷାକୁ ନେଇ ଥିବା ଭୟକୁ ଦୂର କରିବା ପାଇଁ ପ୍ରୟାସ କରିଛନ୍ତି।

ପରୀକ୍ଷା ସମୟରେ ଦେଖା ଦେଉଥିବା ଶାରୀରିକ ଓ ମାନସିକ ବିକାଶଗୁଡ଼ିକୁ ସୁଧାରିବା ପାଇଁ ପ୍ରାଣାୟାମ ଓ ଯୋଗର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ପରୀକ୍ଷା ଚାପର ଅମୋଘ ଅସ୍ତ୍ର ହେଉଛି ସୂର୍ଯ୍ୟ ନମସ୍କାର। ଏହା ଛଡ଼ା ତାଡ଼ାସନ, ବୃକ୍ଷାସନ, ପାଦହସ୍ତାସନ, ପଦ୍ମାସନ, ବଜ୍ରାସନ, ଗୋମୁଖାସନ, ମକରାସନ, ଭୁଜଙ୍ଗାସନ, ଧନୁରାସନ, ପବନମୁକ୍ତାସନ, ଚକ୍ରାସନ, ସର୍ବାଙ୍ଗାସନ ଓ ଶବାସନ; ପୁନଶ୍ଚ ପ୍ରାଣାୟାମ ମଧ୍ୟରେ ଭ୍ରାମରି, କପାଳଭାତି, ଅନୁଲୋମ ବିଲୋମ ଇତ୍ୟାଦି ରହିଛି। କିନ୍ତୁ ଏସବୁ ଆସନ, ପ୍ରାଣାୟାମ ଜଣେ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ କରିବା ଉଚିତ୍।

**ଜବାହର ନବୋଦୟ ବିଦ୍ୟାଳୟ, ବଲାଙ୍ଗିର, ଓଡ଼ିଶା**
**ମୋ: ୮୨୬୦୪୧୫୯୯୬**

# ଏଆଇ ଭବିଷ୍ୟତ

ଅତୀତରେ ଅନେକ ଯୁଗ-ପରିଭାଷିତକାରୀ ବିପ୍ଳବ ସେଗୁଡ଼ିକୁ ଘୋଷଣା ନ କରି ଉନ୍ମୋଚିତ ହୋଇ ଯାଇଛି ଏବଂ ସେସବୁ ମଧ୍ୟ ସଂଘଟିତ ହୋଇଛି ଲୋକମାନେ କାର୍ଯ୍ୟକ୍ଷେତ୍ରଠାରୁ ଆରମ୍ଭ କରି ପରିବେଶଠାରୁ ମାନବିକତା ପର୍ଯ୍ୟନ୍ତ ଉପରେ ସେଗୁଡ଼ିକର ସମ୍ଭାବ୍ୟ ପ୍ରଭାବକୁ ଆକଳନ କରିବା ବିନା। ଶିଳ୍ପ ବିପ୍ଳବ ହେଉ କି ନିକଟ ଅତୀତର ଆଇଟି ଏବଂ ଡିଜିଟାଲ ବିପ୍ଳବ, ଲୋକମାନେ ସେଗୁଡ଼ିକର ମଧ୍ୟବର୍ତ୍ତୀକାଳୀନ ଏବଂ ଦୀର୍ଘକାଳୀନ ପ୍ରଭାବକୁ ଲକ୍ଷ୍ୟ କରିବା ଆଗରୁ ବିଭିନ୍ନ ଜିନିଷଗୁଡ଼ିକ କିପରି କରାଯାଏ, ଏସବୁ ହେଉଛନ୍ତି ତା'ର ଦୃଷ୍ଟାନ୍ତ। କିନ୍ତୁ ସମ୍ଭବତଃ ଏହା ଏକବିଂଶ ଶତାବ୍ଦୀରେ ଉନ୍ମୋଚିତ ହେଉଥିବାରୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ତରଙ୍ଗ ବୈଜ୍ଞାନିକ, ଦାର୍ଶନିକ, ବ୍ୟବସାୟୀ ଗୋଷ୍ଠୀ ଏବଂ ସରକାରମାନଙ୍କ ମଧ୍ୟରେ ଏକ ଅଧିକ ଉଲ୍ଲେଖନୀୟ ପରିମାଣର ପ୍ରତିକ୍ରିୟା ସୃଷ୍ଟି କରିଛି। ଏଆଇର ଉଦ୍ଭାବନ ବର୍ତ୍ତମାନ ଏତେ ମାତ୍ରାରେ ଜନ ମାନସକୁ ଆଚ୍ଛାଦିତ କରି ସାରିଛି ଯେ ଏହା ଆଉ ବିଫଳ ବା ପଛଘୁଞ୍ଚା ଦେବାର ପ୍ରଶ୍ନ ଉଠୁନାହିଁ। ପରନ୍ତୁ ଏହି ବିଶାଳ ମାନବ-ପରିଚାଳିତ ଯାନ୍ତ୍ରିକ ବୁଦ୍ଧିମତ୍ତା ଆନ୍ଦୋଳନର ଏକ ଅଂଶ ହେବାର ସୁଯୋଗକୁ କରାୟତ୍ତ କରିବା ପାଇଁ ସ୍ଫୂର୍ତ୍ତିର ଆବଶ୍ୟକତା ରହିଛି ଏବଂ ଭାରତ ଦେଶର ରାଜଧାନୀରେ ଏଆଇ ସମ୍ମିଳନୀ ଅନୁଷ୍ଠିତ କରି ହୁଏତ ତାକୁ ହାସଲ କରିଥାଇ ପାରେ। ଏକ ନିଚ୍ଛକ ଭାରତୀୟ ଶୈଳୀରେ ଏହି ଆୟୋଜନ ଭୁଲ୍ ତ୍ରୁଟିରୁ ବାଦ୍ ପଡ଼ି ନଥିଲା ଏବଂ ତାହା ପ୍ରାକୃତିକ ମାନବୀୟ ନିର୍ବୋଧତାକୁ ଦର୍ଶାଇ ଥାଏ- ଏକ ଶକ୍ତି ଯାହା ଅନେକ ହଜାର ବର୍ଷ ଧରି ସମାଜରେ ରହି ଆସିଛି। କଥା ହେଉଛି, ଏଆଇ ହୁଏତ ଦିନେ ଭାରତର ସବୁ ବଡ଼ ସହର ନଗରରେ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥାକୁ ଠିକ୍ କରିଦେଇପାରେ, ଯାହାକି ଦେଖା ଯାଇଥିଲା ସମ୍ମିଳନୀରେ ଯୋଗ ଦେବା ପାଇଁ ଭାରତ ମଣ୍ଡପମ୍‌ରେ ପହଞ୍ଚିବା ପାଇଁ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବଡ଼ ବଡ଼ ପ୍ରଯୁକ୍ତି ବିଶେଷଜ୍ଞ, ଶେଖ୍ ଏବଂ ଉଦ୍ୟୋଗର କ୍ୟାପ୍‌ଟେନ୍‌ମାନେ ପହଞ୍ଚିବା ବେଳେ।

ଏଆଇର ଶକ୍ତି ଅମାପ, ଯେଉଁଥି ପାଇଁ ଏହା ପ୍ରଚୁର ପରିମାଣରେ ଧନର ଅଧିକାରୀ ସମ୍ଭ୍ରାନ୍ତ ଶ୍ରେଣୀଙ୍କୁ ପ୍ରଯୁକ୍ତି ପ୍ରେମୀଙ୍କର ସମର୍ଥନ ପାଇଁ ଆକର୍ଷିତ କରି ଆଣୁଛି ଏବଂ ସେମାନଙ୍କର ଆବିଷ୍କାର ମଧ୍ୟ ଢେର୍ ମହତ୍ତ୍ୱପୂର୍ଣ୍ଣ। ଏହି ଗ୍ରହର ମଣିଷମାନଙ୍କ ପାଇଁ ଏଆଇ କ'ଣସବୁ କରି ପାରିବ, ସେଭଳି କଳ୍ପନା ବିଭୋରିତ ଅବସ୍ଥାରେ ଦିନ କାଟି ଚାଲିଥିବା ବେଳେ ସେମାନେ ହୁଏତ ସମୟ ପାଇ ନାହାନ୍ତି ଗୁରୁତର ଭାବରେ ବିଚାର କରିବାକୁ ମେସିନ୍ ଏବଂ ଆଲ୍‌ଗୋରିଦମ୍‌ଗୁଡ଼ିକର ଭୟଙ୍କର ପରିଣତି ସମ୍ପର୍କରେ ଯେତେବେଳେ କି ଏହାର କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ଯୁଦ୍ଧର ବିଭୀଷିକା ମଧ୍ୟ ସାମିଲ। ଏହି ସମ୍ମିଳନୀର ଏକ ବ୍ୟାପକ ଲକ୍ଷ୍ୟ ମଧ୍ୟ ହେଉଛି ସୁରକ୍ଷାର ବଳୟଟିଏ କିପରି ନିର୍ମାଣ କରାଯିବ ଯଦ୍ଦ୍ୱାରା ଏଆଇ ସମ୍ପୂର୍ଣ୍ଣ ଭାବରେ ଯନ୍ତ୍ର-କୈନ୍ଦ୍ରିକ ନହୋଇ ଏହାକୁ ମାନବ-କୈନ୍ଦ୍ରିକ କରାଯିବା ପାଇଁ ସମ୍ବେଦନଶୀଳ ଏବଂ ପ୍ରତିକ୍ରିୟାଶୀଳ କରି ରଖାଯାଇ ପାରିବ। ସମସ୍ତଙ୍କ ପାଇଁ କଲ୍ୟାଣ ବହନ କରି ଆଣିବା ସହିତ ସେମାନଙ୍କର ସୁଖ ଏବଂ ବିଶ୍ୱର ସମସ୍ତଙ୍କ ନିମନ୍ତେ ଏକ ସଦୁଦ୍ଦେଶ୍ୟର ଲକ୍ଷ୍ୟ କ୍ଷେତ୍ରରେ ଅବଦାନ ରଖିବାକୁ ଏଆଇକୁ ସକ୍ଷମ କରାଇବା ଏକ ମହତ କାର୍ଯ୍ୟ, କିନ୍ତୁ ମାନବ ସମାଜର ଇତିହାସ ଦୃଷ୍ଟିରୁ ବିବେଚନା କଲେ ଦେଖାଯାଏ ଯେ ଏଥିରେ ବ୍ୟତିକ୍ରମ ରହିବ ହିଁ ରହିବ, ଯେମିତି ଆମେ ବର୍ତ୍ତମାନ ଦେଖି ସାରିଲୁଣି ଡିପ୍‌ଫେକ୍ ଏବଂ ସୁସ୍ପଷ୍ଟ ମନଗଢ଼ା ବିଷୟବସ୍ତୁରେ। ଏଆଇ ଦୌଡ଼ରେ କେତେ ଟ୍ରିଲିଅନ୍ ଡଲାର ବର୍ତ୍ତମାନ ସୁଦ୍ଧା ନିବେଶ କରାଯାଇ ସାରିଲାଣି ଏବଂ କିପରି ଭାରତରେ ବ୍ୟକ୍ତିବିଶେଷ ତଥା ରାଜନୀତିକ ଦଳମାନେ ସେମାନଙ୍କର ଅନୁଗାମୀମାନଙ୍କୁ ନିୟୋଜିତ ରହିବା ପାଇଁ ଏହି ପ୍ରଯୁକ୍ତିକୁ କାମରେ ଲଗାଇଲେଣି, ତାହା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ଆମେରିକାର ଆଗଧାଡ଼ିର ବିଶ୍ୱସ୍ତରୀୟ ବୈଷୟିକ ଅନୁଷ୍ଠାନମାନଙ୍କ ବାଦ୍ ଭାରତର କର୍ପୋରେଟ୍ ସଂସ୍ଥାମାନଙ୍କ ପକ୍ଷରୁ ଭାରତର ସମ୍ପ୍ରସାରଣଶୀଳ ଏଆଇ ପାରିବେଶିକ ବ୍ୟବସ୍ଥାରେ ପୁଞ୍ଜିନିବେଶ କରିବା ପାଇଁ ଯେତିକି ସଂଖ୍ୟାରେ ପ୍ରସ୍ତାବମାନ ଆସିଛି, ତାହା ହୃଦୟକୁ ଆନନ୍ଦରେ ବିଗଳିତ କରିଦେବା ଭଳି।

ତେବେ ଏସବୁ ଭିତରେ ଭାରତ ଯେଉଁ କ୍ଷେତ୍ରରେ ନିଶ୍ଚିତ ଭାବରେ ପ୍ରତିକ୍ରିୟା ପ୍ରକାଶ କରିବା ଉଚିତ, ତାହା ହେଉଛି- ସମ୍ମିଳନୀର କୁପରିଚାଳନା ଦିଗଟି ଯେପରି ଏଆଇ ପ୍ରକଳ୍ପଗୁଡ଼ିକ ଉପରକୁ ସଂକ୍ରମିତ ନହୁଏ ଏବଂ ଏହା ଯେପରି ନିଚ୍ଛକ ଭାରତୀୟ ଅମଲାତାନ୍ତ୍ରିକ ବ୍ୟବସ୍ଥା ଓ ପ୍ରବାଦାତ୍ମକ ନାଲିଫିତାବାଦ ଯୋଗୁଁ ହାତଛଡ଼ା ହୋଇ ନଯାଏ, ବିଶେଷକରି ଶକ୍ତି-କ୍ଷୁଧାର୍ତ୍ତ କାର୍ଯ୍ୟକ୍ରମଗୁଡ଼ିକୁ ଆହାର ଯୋଗାଇବା କ୍ଷେତ୍ରରେ। ଏଥିପାଇଁ ଯେପରି ପର୍ଯ୍ୟାପ୍ତ ବିଦ୍ୟୁତ୍ ଶକ୍ତି ଏବଂ ଜଳ ଯୋଗାଇ ଦିଆଯାଏ, ତାହା ଭାରତର ପ୍ରମୁଖ କର୍ତ୍ତବ୍ୟ ହେବା ଆବଶ୍ୟକ, କାରଣ ଏହା ହୋଇ ନପାରିଲେ ସମସ୍ତଙ୍କ ପାଇଁ ଜୀବନକୁ ସୁଖକର କରିବା କ୍ଷେତ୍ରରେ ଏଆଇ ସକ୍ଷମ ହେବନାହିଁ। ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ପହଞ୍ଚକୁ ଗଣତାନ୍ତ୍ରିକ କରିବା ପାଇଁ ଏଆଇ କ'ଣସବୁ କରି ପାରିବ, ତାହା ବିବେଚନା କଲେ, ଏହାର ସମ୍ମୁଖ ଭାଗର ନମୁନାକୁ ମଧ୍ୟ ସାମିଲ କରି ଯେଉଁମାନେ ଭାରତକୁ ଏଆଇ ପାଇଁ ଢାଞ୍ଚା ନିର୍ମାଣ କରିବା ଯାତ୍ରାରେ ଆଗେଇ ନେଉଛନ୍ତି, ସେମାନଙ୍କୁ ଆଲିଙ୍ଗନ ସହିତ ସ୍ୱାଗତ କରାଯିବା ଉଚିତ। ନିଜର ୟୁପିଆଇ ଦେୟ ପ୍ରଦାନ ବ୍ୟବସ୍ଥାକୁ ବିକଶିତ କରିବା ଭଳି ବଡ଼ ବଡ଼ କାର୍ଯ୍ୟ କରିବା ସହିତ ଅଭ୍ୟସ୍ତ ହୋଇ ସାରିଥିବା ଦେଶ ପାଇଁ ଏହାର ଲାଭ ଢେର୍ ଅଧିକ ହେବାର ଆଶା ରହିଛି। ଏହି ଅବସରରେ ଭାରତ ମଧ୍ୟ ଅନେକ ସଂଖ୍ୟକ ଦେଶଙ୍କ ସହିତ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ କରିବାର ସୁଯୋଗ ଲାଭ କରିଛି, ଯାହା ଆଗାମୀ ଦିନମାନଙ୍କରେ ଏହା ପାଇଁ ପ୍ରଭୂତ ଲାଭ ଅର୍ଜନକାରୀ ହେବାକୁ ଯାଉଛି।

# ନିଜ ଭାଷା, ନିଜର ଗର୍ବ



ସରୋଜ କୁମାର ଦେହୁରୀ

ପ୍ରତି ବର୍ଷ ଫେବୃଆରୀ ୨୧ ତାରିଖକୁ ସମଗ୍ର ବିଶ୍ୱରେ 'ଆନ୍ତର୍ଜାତିକ ମାତୃଭାଷା ଦିବସ' ରୂପେ ପାଳନ କରାଯାଏ। ଭାଷା ହେଉଛି ମାନବ ସମାଜର ଆତ୍ମା। ଏହା କେବଳ ଭାବବ୍ୟକ୍ତିର ମାଧ୍ୟମ ନୁହେଁ, ଏହା ଆମ ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ପରିଚୟର ଭିତ୍ତିସ୍ତମ୍ଭ। ୧୯୫୨ ମସିହାରେ ବଂଲା ଭାଷାର ସ୍ୱୀକୃତି ପାଇଁ ହୋଇଥିବା ଆନ୍ଦୋଳନରେ ସହିଦ ଛାତ୍ରଛାତ୍ରୀଙ୍କ ସ୍ମୃତିରେ ଏହି ଦିବସର ଆରମ୍ଭ। ୧୯୯୯ ମସିହାରେ ୟୁନେସ୍କୋ (ୟୁନାଇଟେଡ୍ ନେସନସ୍ ଏଜୁକେସନାଲ, ସାଇଣ୍ଟିଫିକ୍ ଆଣ୍ଡ୍ କଲ୍‌ଚରାଲ୍ ଅର୍ଗାନାଇଜେସନ୍) ଏହାକୁ ଆନ୍ତର୍ଜାତିକ ମାନ୍ୟତା ଦେଇଥିଲା, ଯାହା ଭାଷା ବିବିଧତାର ସୁରକ୍ଷାକୁ ବିଶ୍ୱ ମଞ୍ଚରେ ଗୁରୁତ୍ୱ ଦେଇଛି।

ବିଶ୍ୱରେ ପ୍ରାୟ ସାତ ହଜାରରୁ ଅଧିକ ଭାଷା ପ୍ରଚଳିତ। ଇଂରାଜୀ, ଚୀନ୍, ସ୍ପେନୀୟ, ଆରବୀ, ହିନ୍ଦୀ, ଫରାସୀ, ରୁଷୀୟ ଓ ପର୍ତ୍ତୁଗୀଜ ପରି ଭାଷାଗୁଡ଼ିକ ବିଶ୍ୱବ୍ୟାପି ଭାବରେ ପ୍ରଚଳିତ ଓ ଆନ୍ତର୍ଜାତିକ ସମ୍ପର୍କ, ବାଣିଜ୍ୟ, ବିଜ୍ଞାନ, ପ୍ରଯୁକ୍ତି ଓ ଶିକ୍ଷାରେ ମୁଖ୍ୟ ଭୂମିକା ନିର୍ବାହ କରୁଛନ୍ତି। ସଂଯୁକ୍ତ ରାଷ୍ଟ୍ର ସଂଘର ଛଅଟି ଆଧିକାରିକ ଭାଷା- ଇଂରାଜୀ, ଫ୍ରେଞ୍ଚ୍, ସ୍ପାନିଶ୍, ଆରବୀ, ଚୀନ୍ ଓ ରୁଷ୍- ବିଶ୍ୱ ଶାସନ ଓ ରାଜନୈତିକ ଆଲୋଚନାର ମୂଳ ଆଧାର। କିନ୍ତୁ ଦୁଃଖର ବିଷୟ,

**ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ**

ଅନେକ ଛୋଟ ଓ ଜନଜାତି ଭାଷା ଆସ୍ତେ ଆସ୍ତେ ଲୋପ ହେଉଛି। ଏକ ଭାଷା ନଷ୍ଟ ହେଲେ ତାହା ସହିତ ଜଡ଼ିତ ଜ୍ଞାନ, ସଂସ୍କୃତି ଓ ଜୀବନ ଦର୍ଶନ ମଧ୍ୟ ନଷ୍ଟ ହୋଇଯାଏ।

ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ମହତ୍ତ୍ୱ ବିଶେଷ ଉଲ୍ଲେଖନୀୟ। ଓଡ଼ିଆ ଭାଷା ଭାରତର ପ୍ରାଚୀନ ଭାଷାମାନଙ୍କ ମଧ୍ୟରୁ ଗୋଟିଏ ଓ ୨୦୧୪ ମସିହାରେ ଏହା 'ଶାସ୍ତ୍ରୀୟ ଭାଷା'ର ମାନ୍ୟତା ପାଇଛି। ସମୃଦ୍ଧ ସାହିତ୍ୟ ପରମ୍ପରା, ଶ୍ରୀଜଗନ୍ନାଥ ସଂସ୍କୃତି ସହ ପ୍ରଗାଢ଼ ସମ୍ପର୍କ, ଲୋକସାହିତ୍ୟ ଓ ପାଲା-ଦାସକାଠିଆ ପରମ୍ପରା ଓଡ଼ିଆକୁ ଏକ ବିଶିଷ୍ଟ ଅସ୍ତିତ୍ୱ ଦେଇଛି। ସାରଳା ଦାସଙ୍କ 'ମହାଭାରତ', ଉପେନ୍ଦ୍ର ଭଞ୍ଜଙ୍କ ରଚନା ସମୂହ, ଫକୀର ମୋହନ ସେନାପତିଙ୍କ ଉପନ୍ୟାସ ଓ ଗଙ୍ଗାଧର ମେହେରଙ୍କ ସାହିତ୍ୟ ସୃଷ୍ଟି ଓଡ଼ିଆ ଭାଷାର ଗୌରବକୁ ବଢ଼ାଇଛି। ଓଡ଼ିଶାର ପର୍ବପର୍ବାଣି, ଲୋକଗୀତ ଓ ନୃତ୍ୟ ମାଧ୍ୟମରେ ଏହି ଭାଷା ପିଢ଼ି ପରେ ପିଢ଼ି ଜୀବନ୍ତ ରହି ଆସିଛି। ଓଡ଼ିଶା ଭାଷା ଓ ସଂସ୍କୃତିର ଏକ ବିବିଧତାପୂର୍ଣ୍ଣ ରାଜ୍ୟ। ଏଠାରେ ଅନେକ ଆଦିବାସୀ ଜାତି ଓ ତାଙ୍କର




ନିଜସ୍ୱ ଭାଷା ରହିଛି। ସାନ୍ତାଳୀ, କୁଇ, ମୁଣ୍ଡାରୀ, ହୋ, ଓରାଁଓ, ସଉରା, କନ୍ଧ ଇତ୍ୟାଦି ଆଦିବାସୀ ଭାଷାଗୁଡ଼ିକ ଆମର ସାଂସ୍କୃତିକ ଧନ ସମ୍ପଦ। ଏହି ଭାଷାମାନଙ୍କର ନିଜସ୍ୱ ଲିପି, ଲୋକସାହିତ୍ୟ, ଗୀତ, କାହାଣୀ ଓ ପରମ୍ପରା ରହିଛି। କିନ୍ତୁ ଆଧୁନିକତା ଓ ସହରୀକରଣର ପ୍ରଭାବରେ ଅନେକ ଆଦିବାସୀ ଭାଷା ଲୋପ ପାଇବା ଭଳି ସଙ୍କଟରେ ଅଛି।

ବର୍ତ୍ତମାନର ଯୁବ ପିଢ଼ି ମଧ୍ୟରେ ମାତୃଭାଷା ପ୍ରତି ଅନାଗ୍ରହ ଦେଖା ଯାଉଛି। ଇଂରାଜୀ ଓ ଅନ୍ୟାନ୍ୟ ବିଦେଶୀ ଭାଷା ଶିଖିବା ଆବଶ୍ୟକ ହେଲେ ସୁଦ୍ଧା ନିଜ ଭାଷାକୁ ଅବହେଳା କରିବା ଚିନ୍ତାଜନକ। ଅନେକ ଯୁବକ-ଯୁବତୀ ଘରେ ମଧ୍ୟ ଓଡ଼ିଆରେ କଥା ହେବାକୁ ପରିହାର କରୁଛନ୍ତି; ସାମାଜିକ ବାର୍ତ୍ତାଳାପ ମାଧ୍ୟମରେ ମଧ୍ୟ ମାତୃଭାଷାର ବ୍ୟବହାର କମି ଯାଇଛି। ଯଦି ଏହି ପ୍ରବୃତ୍ତି ବଜାୟ ରୁହେ, ତା'ହେଲେ ଆମର ସାଂସ୍କୃତିକ ଭିତ୍ତି ଦୁର୍ବଳ ହୋଇଯିବ।

ସେହିପରି ଆମର କର୍ତ୍ତବ୍ୟ ହେଉଛି ମାତୃଭାଷାକୁ ଦୈନନ୍ଦିନ ଜୀବନରେ ଅଧିକ ବ୍ୟବହାର କରିବା। ଘରେ, ସ୍କୁଲରେ ଓ ସମାଜରେ ଓଡ଼ିଆକୁ ସମ୍ମାନ ଦେବା ଆବଶ୍ୟକ। ଶିଶୁମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା, ଓଡ଼ିଆ ପୁସ୍ତକ ପଢ଼ିବା ଓ ଡିଜିଟାଲ୍ ମାଧ୍ୟମରେ ଓଡ଼ିଆ ବିଷୟବସ୍ତୁ ବଢ଼ାଇବା ଆବଶ୍ୟକ। ଆନ୍ତର୍ଜାତିକ ମାତୃଭାଷା ଦିବସ ଆମକୁ ସ୍ମରଣ କରାଇ ଦିଏ ଯେ ଭାଷାର ବିବିଧତା ହେଉଛି ବିଶ୍ୱର ସମ୍ପଦ। ନିଜ ମାତୃଭାଷାକୁ ସମ୍ମାନ କରିବାର ଅର୍ଥ ନିଜ ମୂଳକୁ ସୁରକ୍ଷିତ ରଖିବା। ଆସନ୍ତୁ, ଏହି ଦିନରେ ଆମେ ସଂକଳ୍ପ କରିବା- ନିଜ ଭାଷାକୁ ଭଲ ପାଇବା, ସୁରକ୍ଷା କରିବା ଓ ପରମ୍ପରାକୁ ଆଗକୁ ନେବା।

**ତେଲକୋଇ, କେନ୍ଦୁଝର**
**ମୋ: ୭୨୦୫୧୪୧୭୨୨**

# ନିଆଁରୁ ଧୂଆଁ



ବିଜୟ ଦାସ

'ନିଆଁ ନଥିଲେ ଧୂଆଁ ନାହିଁ' କଥାଟି ସର୍ବଜନ ବିଦିତ। ଧୂଆଁ ଉଠିଛି ମାନେ ନିଶ୍ଚୟ ନିଆଁ ଲାଗିଥିଲା। କଥାଟି ସାହିତ୍ୟ ଓ ବ୍ୟବହାରିକ ଅର୍ଥରେ ଗୋଟିଏ ଘଟଣା ପଛରେ କିଛି ତ ସମ୍ପର୍କିତ କାହାଣୀ ରହିଛି। ଅତଏବ ନିଆଁ ଓ ଧୂଆଁ ପରସ୍ପର ସମ୍ପର୍କିତ। ଏଠାରେ ଧୂଆଁ ବା ଧୂମାୟିତ ଅବସ୍ଥା ପବନର। ସେଥିପାଇଁ ତ ଧୂଳି ଧୂଆଁ ବି କୁହାଯାଏ। ଯାହା ଗୋଟିଏ ପଟେ ପବନରେ ଅନ୍ଧାର ସୃଷ୍ଟି କରେ, ଅନ୍ୟ ପଟେ କିଛି ଅଘଟଣର ବାସ୍ନା ଦିଏ। ହଁ, କୁହୁଡ଼ି ବି ଧୂଆଁ ପରି। କିନ୍ତୁ ଧୂଆଁ ତ ଧୂଆଁ। ଧୂଳି କି କୁହୁଡ଼ି ଧୂଆଁ ନୁହେଁ। ପୁଣି ଏ ଧୂଆଁ ଉଠିଛି ମାନେ ନିଆଁ ବି ପୁନଃ ସାମ୍ନାକୁ ଆସିପାରେ। ଯେତେବେଳେ କୌଣସି ଖବର ଉଡ଼ାଖବର ହୋଇଯାଏ ଏବଂ ସେ ଖବରର ସତ୍ୟାସତ୍ୟ ସାମ୍ନାକୁ ଆସି ନଥାଏ, ସେତେବେଳେ ସମସ୍ତେ ଉତ୍ସୁକ ଥାଆନ୍ତି ସଠିକ୍ ତଥ୍ୟ ନିମନ୍ତେ।

ଲିଭି ଯାଇଥିବା ଅଗ୍ନି କୁଣ୍ଡରୁ ଧୂଆଁ ନିର୍ଗତ ହୋଇ ଆକାଶରେ ମିଳେଇ ଯାଏ, ପବନରେ ବିଞ୍ଚି ହୋଇଯାଏ। ନିଆଁଟି ନିର୍ବାପିତ ହୋଇ ପାଉଁଶ ଛାଡ଼ି ଦେଇଯାଏ। ଅନେକ ଏହିପରି ଖବର ମଧ୍ୟ ଲୋକଲୋଚନକୁ ନଆସି ଚାପି ହୋଇଯାଏ। କେବଳ ନିଆଁ ଥିଲା ବୋଲି ଏକ ଆକଳନ କରାଯାଏ। ସାମ୍ପ୍ରତିକ ପରିସ୍ଥିତିରେ ଅନେକ ସଙ୍ଗୀନ ଘଟଣା ଖୁବ୍ ଚର୍ଚ୍ଚିତ ହୋଇଥାଏ ଓ ପରେ ପରେ ନିର୍ବାପିତ ହେଉଥାଏ। ଏହାର ଫଳ ସ୍ୱରୂପ, ଘଟଣା ପରର କଥା କାହାଣୀ ହୋଇ ରହିଯାଏ। ଏହାର ପ୍ରଥମ କାରଣ ହେଉଛି, ଆଉ କେଉଁ ସ୍ଥାନରେ ଧୂଆଁ ଉଠୁଥାଏ ଓ ସଭିଏଁ ପୂର୍ବ ଘଟଣାକୁ ଭୁଲି ଯାଆନ୍ତି। ପୂର୍ବ ଘଟଣାର ବ୍ୟବଚ୍ଛେଦ ହେଉଛି କି ନା, ସେକଥା କେହି ଜାଣି ପାରନ୍ତି ନାହିଁ। ଏହାର ବହୁ ଦିନ ପରେ ଛାନ୍‌ଭିନ୍ ହୋଇଥିବାର ପ୍ରମାଣ ନ୍ୟାୟିକ ସିଦ୍ଧାନ୍ତରୁ ଜଣାପଡ଼େ।

ବିଳମ୍ବିତ ନ୍ୟାୟର ଅର୍ଥ ନ୍ୟାୟ ନୁହେଁ (ଜଷ୍ଟିସ୍ ଡିଲେଡ୍ ଇଜ୍ ଜଷ୍ଟିସ୍ ଡିନାଏଡ୍) ବୋଲି କଥାଟିଏ ଅଛି। ଏଥିରେ ସମୟ ବିଳମ୍ବିତ ହେଲେ ଧୂଆଁ ସବୁ କାହାଣୀ ଫର୍ଦ୍ଦରେ ଅଳିନ୍ଦ ହୋଇ ଝୁଲୁଥାଏ। ପ୍ରମାଣ ଓ ତଥ୍ୟର ବିକୃତ ଚେହେରାରୁ ଜଣାପଡ଼େ ବା ଏମିତି ବି ହୋଇପାରେ ଯେ ଏ ଯେଉଁ ଧୂଆଁ ଉଠିଛି, ଏଥିରେ ନିଆଁ ହିଁ ନଥିଲା। ଅତଏବ, ଏ ଧୂଆଁର ପରିଚୟ ବଦଳି ଯାଏ ଓ କାହିଁକି କେଜାଣି, କେମିତି କେଜାଣି ତାହା ଧୂଳି ଧୂଆଁ ବୋଲି ପରିଚୟ ପାଇଯାଏ। ଅସଲ କଥା ହେଉଛି, ସମୟ ଅବଧି ଲମ୍ବା ହେଲେ ପ୍ରମାଣ ସବୁ ନଷ୍ଟ ହେଉଥାଏ। ଏପରିକି ତଦନ୍ତ ସମୟରେ ମଧ୍ୟ ପ୍ରମାଣ ସବୁର ଚେହେରା ବଦଳି ଯାଏ। କଥା ହେଉଛି, ଧୂଆଁ ଉଠିବାର ସମସ୍ତେ ଜାଣନ୍ତି ଓ କେତେକ ଦେଖିଛନ୍ତି ମଧ୍ୟ। କିନ୍ତୁ ନିଆଁକୁ ନ ଦେଖିଥିବାରୁ ନିଆଁର ଅସ୍ତିତ୍ୱ ଉପରେ ସନ୍ଦେହ ଆସି ଯାଇଛି। ଏହା ମଧ୍ୟ ଧ୍ରୁବ ସତ୍ୟ ଯେ ନିଆଁ ନଥିଲେ ଧୂଆଁ ନାହିଁ। ତଥାପି ପ୍ରମାଣ ଅଭାବରୁ ନିଆଁ ହାୱା ହୋଇଯାଏ।

ସତରେ ନିଆଁ ଦେଖି ନଥାନ୍ତୁ ପଛେ, ଧୂଆଁ ଦେଖିଥିବା ସାକ୍ଷୀମାନେ ସାମ୍ନାକୁ ଆସନ୍ତି ନାହିଁ। ଏଠାରେ ଭୟ ଥାଏ, କାଳେ ନିଆଁ ଲାଗିଯିବ ତାଙ୍କ ଘରେ, ନିଆଁକୁ ଦୋଷୀ ବୋଲି ସାକ୍ଷୀ ଦେଇଥିବାରୁ। କିଛି କ୍ଷେତ୍ରରେ ହୁଏତ ସତ୍ୟାସତ୍ୟ ବାହାରକୁ ଆସେ। ଆଉ କିଛି ଘଟଣାରେ 'ଯାହା ହେବାର ତ ହେଲାଣି, ତାକୁ ଘାଣ୍ଟି ଲାଭ କ'ଣ'ର ଦର୍ଶନ ବେଶ୍ ରୋଚକ ହୁଏ। ଆସାମୀ ଖସିଯାଏ ଓ ପୁନର୍ବାର ନିଆଁ ଲଗେଇବାର ପ୍ରୟାସ କରେ ବାରମ୍ବାର। ଆମର ତଦନ୍ତ ଅଧିକାରୀମାନେ ବିଳମ୍ବ କଲେ ଆଉ ପାଉଁଶ ତଳର ନିଆଁକୁ ଦେଖି ପାରନ୍ତି ନାହିଁ ବା ପ୍ରମାଣ ସ୍ୱରୂପ ଛବି ଉତ୍ତୋଳନ କରନ୍ତି ନାହିଁ। ପ୍ରମାଣ ନଷ୍ଟ କରିବାକୁ ବେଶ୍ ତତ୍ପର ଥାଆନ୍ତି ଆସାମୀର ପ୍ରିୟଜନମାନେ। ଏଠାରେ ତତ୍କାଳ ପଦକ୍ଷେପ ଜରୁରୀ ନୁହେଁ କି!

ଗୁପ୍ତ ସମ୍ପର୍କର କାହାଣୀ, ଯାହାକି ଯୌନ ସମ୍ବନ୍ଧୀୟ, ଏଥିରେ କଥା ତ ଉଠେ, ପୁଣି ଥମିଯାଏ। ବୟଫ୍ରେଣ୍ଡରୁ ଧରମ ଭାଇର ପରିଚୟ ଦେଉଥିବା କୌଣସି ମହିଳାର ଯୌନ ସମ୍ପର୍କିତ ଘଟଣା, ଯାହା କି ଅନୈତିକ, ତାହା ଧୂଆଁ ତ ସୃଷ୍ଟି କରେ, ମାତ୍ର ନିଆଁର ଟେର୍ କେହି ପାଆନ୍ତି ନାହିଁ। ବନ୍ଦ କୋଠରୀ ଭିତରେ ତାହା ନିର୍ବାପିତ ହେଉଥାଏ। ଯଦିଓ ପ୍ରାପ୍ତବୟସ୍କ ଓ ବୟସ୍କାଙ୍କ ଭିତରେ ସମ୍ବନ୍ଧ ଆଇନ ଅନୁସାରେ ବୈଧ, ତଥାପି ସାମାଜିକ ନିୟମ କାନୁନ୍‌ରେ ବର୍ଜିତ। ଆଜିର ପରକୀୟା ପ୍ରୀତି ପ୍ରଥାରେ ଅନୁଶାସନ ନଥିଲେ ବି ସାମାଜିକ ସ୍ତରରେ ଦୁଇଟି ଭଗ୍ନ ପରିବାରର ସ୍ୱରୂପ ଦେଖିବାକୁ ମିଳେ। ଏବେ ଏବେ ଅନେକ ଖବର ଧୂଆଁ ପରି ବ୍ୟାପି ଯାଉଛି। ସେଥିରେ ଯିଏ ଅଗ୍ନି ସଂଯୋଗ କରୁଛି, ସେ ହେଉଛି ସୁନ୍ଦରୀ ବାରନାରୀ, ଅର୍ଥାତ୍ ପୁରୁଷମାନଙ୍କୁ ଆକର୍ଷିତ କରି ସେମାନଙ୍କଠାରୁ ଧନ ଲୁଟ୍ କରିବାର ରାଣୀ ମହୁମାଛି। ଏମନ୍ତ ଘଟଣାରେ କେହି ପୁରୁଷ ବନ୍ଧୁଙ୍କର ହାତ ଯେ ନାହିଁ, ସେକଥା ନୁହେଁ। ଫଳତଃ ଧୂଆଁକୁ ଚାପି ଦେଇ କୌଣସି ପୁରୁଷକୁ ସର୍ବସ୍ୱାନ୍ତ କରିବା ବା ମୃତ୍ୟୁର ରାସ୍ତା ଦେଖାଇବା ହେଉଛି ଶେଷ ଭାଗଶେଷ।

ଦୁର୍ଘଟଣା ଘଟେ ବାଟରେ ଘାଟରେ। ଏଠାରେ କେବଳ ପଥଚାରୀର ଦୁର୍ଘଟଣାରେ ଗୋଟିଏ କଥା ଉଠେ, ଯାନବାହନ ଚାଳକର ହିଁ ଭୁଲ୍, କିନ୍ତୁ ରାସ୍ତାର ନିୟମ ନ ମାନି ପଥଚାରୀ ଯଦି ଭୁଲ୍ କରିଥାଏ? ସେ କଥାକୁ ହେଟ ନଜର କରି କେବଳ ବାହନ ଚାଳକକୁ ଆମେ ଦୋଷ ଦେଇ ଦେଉ। ସେହିପରି ଦୁଇଚକିଆ ଆରୋହୀର ଦୋଷ ନାହିଁ କେବଳ ଭାରିଯାନ ଚାଳକର ଦୋଷ ବୋଲି 'ହୋ' ଉଠେ, ଯଦିଚ ଦୁଇଚକିଆ ଚାଳକର ବାମରୁ ଡାହାଣ, ଡାହାଣରୁ ବାମକୁ ଅକସ୍ମାତ୍ ବକ୍ରାହାର କାରନାମାକୁ ଆମେ ହେଟନଜର କରିଥାଉ। କିନ୍ତୁ ନିଆଁ ଲଗେଇ ଥିବା ଲୋକ ଖସିଯାଏ, ଧୂଆଁରୁ କେବଳ ବାରି ହେଉଥାଏ ଏକ ନିରୀହ ମଣିଷ।

# ଧୂଆଁରୁ ନିଆଁ

ସର୍ବଦା ଧୂଆଁରୁ ନିଆଁ ଲାଗିଥିଲା ବୋଲି କହିହେବ ନାହିଁ। ଧରନ୍ତୁ କଞ୍ଚା କାଠରେ ଅଗ୍ନି ସଂଯୋଗ କରୁଛନ୍ତି, ତା'ହେଲେ ମଧ୍ୟ ନିଆଁ ନ ଲାଗି ଧୂଆଁ ଉଠିବ। ହଁ କଥାଟି ସତ ଯେ ଅଗ୍ନି ସଂଯୋଗ ହୋଇଛି, ହେଲେ ଏକଥା ମଧ୍ୟ ସତ୍ୟ ଯେ ନିଆଁ ଲାଗି ନାହିଁ ବା ନିଆଁ ଲାଗିଥିଲା ବୋଲି ସତ୍ୟତା ନାହିଁ। ଏହି ଧୂଆଁରୁ ନିଆଁକୁ ଚିହ୍ନଟ କରିବା ଠିକ୍ ନୁହେଁ। ଯେ ପର୍ଯ୍ୟନ୍ତ ମୂଳ ଉତ୍ସରେ ନିଆଁ କାଠ କି କୁଟା, କୋଇଲାକୁ ଜାଳି ପାଉଁଶ ନ କରିଛି, ସେ ପର୍ଯ୍ୟନ୍ତ କହି ପାରିବା ନାହିଁ ଯେ ଧୂଆଁ ଉଠିଛି ମାନେ ନିଆଁ ଲାଗିଥିଲା। ବେଳେବେଳେ ଦୂର କୁହୁଡ଼ି ମଧ୍ୟ ଧୂଆଁ ପରି ପ୍ରତୀୟମାନ ହୋଇଥାଏ। ସେଠାରେ ନିଆଁ ନଥାଏ କି ଧୂଆଁ ବି ନଥାଏ।




ରନ୍ଧନ ଗ୍ୟାସ୍ ବା କିରୋସିନି, ପେଟ୍ରୋଲ, ଡିଜେଲ୍ ପରି ବସ୍ତୁର ସଂସ୍ପର୍ଶରେ ଆସି ନିଆଁ ବେଶୀ ଧୂଆଁ ସୃଷ୍ଟି କରେ ନାହିଁ। ତା' ନହେଲେ କାଠିକୁଟା କୋଇଲା କି କଞ୍ଚା ପତ୍ରରେ ଅଗ୍ନି ସଂଯୋଜିତ ହେଲେ ପ୍ରଥମେ ଧୂଆଁ ଉଠେ ଓ ପରେ ପରେ ନିଆଁର ଶିଖା ଦେଖାଯାଏ। ଆମେ ଅଗ୍ନିରୁ ଧୂଆଁ କଥା କହିଲେ, କିନ୍ତୁ ଜଳରୁ ମଧ୍ୟ ଧୂଆଁ ସୃଷ୍ଟି ହେବାର ଭ୍ରମ ଆମ ସମସ୍ତଙ୍କ ଦୃଷ୍ଟିରେ ଓ ସ୍ମୃତିରେ ରହିଛି। ପୋଖରୀ କି ନଈ ଉପରେ ଯେଉଁ ଧୂଆଁର ଭ୍ରମ ଆମେ ଦେଖୁ, ତାହା ତ ଜଳୀୟ ବାଷ୍ପର ଆସ୍ତରଣ! ମାଟି ଉପରେ କୁହୁଡ଼ି, ନଈରେ ବାଷ୍ପ ଇତ୍ୟାଦିକୁ ଦେଖି କେବେହେଁ ସିଦ୍ଧାନ୍ତକୁ ଆସି ପାରିବା ନାହିଁ ଯେ ଧୂଆଁରୁ ନିଆଁର ଅସ୍ତିତ୍ୱ ରହିଛି।

ଏହାର ଏକ ସମାନ୍ତରାଳ ସାମଞ୍ଜସ୍ୟ ଆମ ସମାଜରେ ଦେଖିବା। ଅନେକ ସମୟରେ କୁହେଳି କୁଜ୍‌ଝଟିକା ପରି ଧୂମାୟିତ ବାତାବରଣରୁ ଜଳ ପରି ପବିତ୍ର ଓ ନିର୍ମଳ ମଣିଷ ଦୁଷ୍ଟ ମଣିଷ ବା ନିଆଁମାନବର ଆଖ୍ୟା ପାଏ। କିଛି କିଛି ଘଟଣାରେ ସରଳ ମଣିଷମାନେ ଛନ୍ଦିହୋଇ ପଡ଼ନ୍ତି ବାଦବିବାଦରେ ବା ଅପକର୍ମରେ। ଏଥକୁ ତଥ୍ୟକୁ ମୋଡ଼ିମାଡ଼ି କିଛି ସ୍ୱାର୍ଥାନ୍ୱେଷୀ ତଦନ୍ତକାରୀ ନିରପରାଧକୁ ଅପରାଧୀ ସଜାଇ ଦିଅନ୍ତି। ଆମେ ଯେତେ ବୈଦ୍ୟୁତିକ ଯନ୍ତ୍ରପାତିର ବା ଆଧୁନିକ ଛାନ୍‌ଭିନ୍ ଯନ୍ତ୍ରର ସାହାଯ୍ୟ ନେଲେ ବି ମଣିଷ ହାତରେ ସେସବୁ ଖେଳନା। ତାକୁ ପରିଚାଳନା କରୁଥିବା ମାଷ୍ଟର ଯେଉଁ ନିଆଁର କଥା ସାମ୍ନାକୁ ଆଣେ, ତାହା ବିସ୍ମୟକର। ଗାଡ଼ି ଅଛି ଭଦ୍ରକରେ, ଚାଲାଣ କଟିଛି କଟକରେ; ମୋଟର ସାଇକେଲ ହେଉଛି ବାଲେଶ୍ୱରର, ସେହି ନମ୍ବରର ଚାଲାଣ କଟିଛି କାର୍ ହିସାବରେ ବ୍ରହ୍ମପୁରରେ। ଏପରି ଧୂମାୟିତ ତଥ୍ୟରୁ କ'ଣ ନିଆଁର ସଠିକ୍ ପରିଚୟ ମିଳି ପାରୁଛି!

ବେଳେବେଳେ ନିଆଁଠାରୁ ଧୂଆଁର ଗୁରୁତ୍ୱ ବେଶୀ ହୋଇଥାଏ। ଯେପରିକି ଧୂପର ଧୂଆଁ। ଧୂପ କାଠିରୁ ଧୂଆଁ ହିଁ କାମ୍ୟ ନିଆଁ ନୁହେଁ। ସେହିପରି ଝୁଣା ଧୂଆଁ ହିଁ କାମ୍ୟ, ସେଠାରେ ନିଆଁର ସ୍ଥିତି ଦୟନୀୟ। ପୁଣି 'ଧୂଆଁ ତଡ଼ିଦିଏ ମଶା ଡାଆଁଶ' ପରି କବିତା ଆମେ ପଢ଼ିଛେ। ଏଣୁ ସର୍ବଦା ଧୂଆଁ ଏକ ନିଃଶ୍ୱାସ ପ୍ରଶ୍ୱାସ ନିରୋଧକ ବା ଦୃଷ୍ଟି ଶକ୍ତିର ବାଧକ ନୁହେଁ। ଏହା ମଧ୍ୟ ସୁଗନ୍ଧିତ ହୋଇଥାଏ ଓ ଦୃଷ୍ଟି ମାର୍ଜନାର କାରଣ ବି ହୋଇପାରେ। ଅନେକ ସମୟରେ କୌଣସି ବିଦ୍ରୋହ ବା ମେଳିର ଅଶାନ୍ତ ବାତାବରଣକୁ ଶାନ୍ତ କରିବାକୁ ଯାଇ ସୁରକ୍ଷା ବଳ ଧୂଆଁ ହାବେଳିର ପ୍ରୟୋଗ କରି ଥାଆନ୍ତି। ଏଠାରେ ଧୂଆଁରେ ନିଆଁକୁ ଅର୍ଥାତ୍ ବିଦ୍ରୋହକୁ ନିର୍ବାପିତ କରିବା ପ୍ରକ୍ରିୟା ବୋଲି କହି ପାରିବା। ନିଷ୍ଠେ ଧୂଆଁରୁ ନିଆଁ ଖୋଜିବା ନୁହେଁ, ନିଆଁକୁ ଧୂଆଁ ଦ୍ୱାରା ଦମନ କରିବା ଏକ ଅଦ୍ଭୁତ କଥା ନୁହେଁ କି?

କୌଣସି ଅଘଟଣରେ ବା ମାନସିକ ଚାପରୁ ନିଷ୍ଠେ କୋହ ଜାତ ହୁଏ। ଏହା ଏକ ଧୂମାଭ ଅବସ୍ଥା। କୋହ ଯଦି ଧୂଆଁ, ତା'ହେଲେ ଲୁହ ସେହି ଅନ୍ତରର ନିଆଁର ନିର୍ଯ୍ୟାସ। ଏଥର ବନାଗ୍ନିର କଥାକୁ ଆସିବା। ଅଗମ୍ୟ ଦୁର୍ଗମ ବନାଞ୍ଚଳରେ ଧୂଆଁରୁ ଅଗ୍ନି ଠାବ କରିବା ସହଜ ହୁଏ। ଏଣୁ ଧୂଆଁ ଏଠି ପଥ ପ୍ରଦର୍ଶକ। କୁହୁଳି ଉଠୁଥିବା ବନାଗ୍ନିରେ କୁଣ୍ଡଳୀ ହୋଇ ଉଠୁଥିବା ଧୂଆଁର ଊର୍ଦ୍ଧ୍ୱ ଗତି ନିଷ୍ଠେ ବନରକ୍ଷୀ, ବନ କର୍ମଚାରୀ ଓ ବନବାସୀମାନଙ୍କ ପାଇଁ ସତର୍କ ଘଣ୍ଟି ସ୍ୱରୂପ କାର୍ଯ୍ୟ କରେ।

ଧୂଆଁର ଅନ୍ଧାର ଓ ଅନ୍ଧକାରରୁ ସୂର୍ଯ୍ୟ ବୋଲି ଏକ ନାଟକ ଥିଲା ଆମର। ଏହାର ଅବତାରଣା ଏଇଥିପାଇଁ ଯେ ଯେତେ ଯେତେ ସମସ୍ୟା, ଯେତେ ଯେତେ ଦୁର୍ଦ୍ଦଶା ସବୁ ଧୂଆଁ ସଦୃଶ, ଅନ୍ଧାରର ଭ୍ରମ ସୃଷ୍ଟି କରେ। ସେ ନିଷ୍ଠେ ନିଜର ସ୍ଥିରତାକୁ ପରୀକ୍ଷା କରୁଥାଏ। ଶେଷରେ ଧୂଆଁ ଉଭେଇ ଯାଏ ତ ଅନ୍ଧାର ଅପସରି ଯାଏ। ନିଜର ଭାଗ୍ୟର ସୂର୍ଯ୍ୟ ସେହି ଅନ୍ଧାର ଫାଙ୍କରୁ ତୀବ୍ର ଦେଖାଯାଏ। ଏଥିରେ ପ୍ରୟାସ କେବଳ ଭାଗ୍ୟ ସୂର୍ଯ୍ୟର ନୁହେଁ, ନିଜର ସ୍ଥିତପ୍ରଜ୍ଞତାର ଓ ଅଧ୍ୟବସାୟର।

**ପୋଖରୀପୁଟ, ଭୁବନେଶ୍ୱର**
**ମୋ: ୯୩୪୮୮୯୩୭୫୨**

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଭୂ-ଗର୍ଭ କୋଇଲା ଖଣି ପାଇଁ ଅସୁରକ୍ଷିତ ତାଳଚେର



**ତାଳଚେର,୨୦।୨/ଏନ୍ଏନ୍ଏସ୍:** ତାଳଚେର ଭୂ-ଗର୍ଭ କୋଇଲା ଖଣି ଯୋଗୁଁ ସହରବାସୀ ନିଜର ଧନଜୀବନ ନେଇ ଏବେ ଆଶା ଆଶଙ୍କାରେ କାଳତିପାତ କରୁଛନ୍ତି। କେତେବେଳେ କେଉଁ ସମୟରେ ଯେ ଅଘଟଣ ଘଟିବ ସେହି ଚିନ୍ତା ଅଞ୍ଚଳବାସୀଙ୍କୁ ଘାରୁଛି। ବିଗତ ଦିନ ଗୁଡ଼ିକରେ ଅନେକ ସ୍ଥାନ ଦବିଯିବା, ଗର୍ତ୍ତସୃଷ୍ଟି ହେବା, କାନ୍ଥଫାଟିବା ଘଟଣାମାନ ଲୋକଙ୍କ ଅଶଙ୍କାକୁ ଘନୀଭୂତ କରିଛି। ନିୟମ ଅନୁଯାୟୀ ଭୂଗର୍ଭ କୋଇଲା ଖଣିରୁ କୋଇଲା ଉତ୍ତୋଳନ ପରେ ଆବଶ୍ୟକ ବାଲି ଭର୍ତ୍ତି କରାଯିବା କଥା କିନ୍ତୁ ତାହା ସଠିକଭାବେ କାର୍ଯ୍ୟକାରୀ ହେଉନଥିବାରୁ ଏଭଳି ଘଟଣାମାନ ଘଟୁଛି ବୋଲି ବାରମ୍ବାର ସହରବାସୀ ଅଭିଯୋଗ କରୁଛନ୍ତି। ତାଳଚେର କୋଇଲା ଖଣି ଅନ୍ତର୍ଗତ ଚମ୍ପାପଶି, ଢ଼େରା, ନନ୍ଦିରା, ଦେଉଳବେଡ଼ା, ହାଣ୍ଡିଧୁଆଁ ଭୂଗର୍ଭ କୋଇଲା ଖଣି ଅଟେ। ତେବେ ଏଥି ମଧ୍ୟରୁ ହାଣ୍ଡିଧୁଆଁ, ଦେଉଳବେଡ଼ା ଓ ଚମ୍ପାପଶି ଖଣିଗୁଡ଼ିକ ଉପରେ ସହର ଜନବସତି ଗଢ଼ି ଉଠିଛି। ୧୯୨୧ ମସିହାରୁ ଭିଲିୟର୍ସ ନାମକ କୋଇଲା ଖଣି ପ୍ରଥମେ ତାଳଚେର ହାଣ୍ଡିଧୁଆଁ କୋଇଲା ଖଣିକୁ ଶୁଭାରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ଦେଶର କୋଇଲା ଖଣି ଜାତୀୟକରଣ ହେବାପରେ ଏହି ଖଣି ଗୁଡ଼ିକୁ କୋଇଲା ଉତ୍ତୋଳନ କରି ବେଶ ଲାଭବାନ୍ ହୋଇଥିଲେ। ଦେଶରେ କୋଇଲାର ଚାହିଦା ବୃଦ୍ଧି ପାଇବାରୁ ଅଧିକ କୋଇଲା ଉତ୍ପାଦନ ନିମନ୍ତେ ଭୂଗର୍ଭ କୋଇଲା ଖଣି ପରିବର୍ତ୍ତେ ପୋଖରୀଆ କୋଇଲା ଖଣିର ପରିକଳ୍ପନା କରାଯାଇ କାର୍ଯ୍ୟକ୍ଷମ ହେଲା। ଏହି ସମୟରେ ଭୂଗର୍ଭର କୋଇଲା ଶେଷ ହୋଇବସିବା ବେଳେ ଏହାକୁ ବନ୍ଦ କରି ଦିଆଯାଇଥିଲା। ଚମ୍ପାପଶି ଓ ଦେଉଳବେଡ଼ା କୋଇଲା ଖଣି ଯୋଗୁଁ ସହରରେ ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବାରୁ ଅଞ୍ଚଳବାସୀ ବ୍ୟାପକ ଜନଆନ୍ଦୋଳନ କରିଥିଲେ। ଲିଙ୍ଗରାଜ ରୋଡ଼୍, ହାଣ୍ଡିଧୁଆଁ, ବାଇପାସ୍, ହାଟତୋଟା, ନବମିଶ୍ର କଲୋନୀ ଓ ତାଳଚେର ଟାଉନ ଥାନା ସମ୍ମୁଖରେ ଏହି ମାଟି ଦବି ଗର୍ତ୍ତ ସୃଷ୍ଟି ହୋଇଥିଲା। ଭୂଗର୍ଭର କୋଇଲା ଖଣି ଯୋଗୁଁ ଏପରି ମାଟି ଦବିବା ଘଟଣା ହେଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଥିଲା ବେଳେ ଏମସିଏଲର ଖଣି କାର୍ଯ୍ୟ ଯୋଗୁଁ ଏହି ମାଟି ଦବିବା ଘଟଣା ହୋଇ ନାହିଁ, ଭୂତଳ ଖଣିରେ ବୋର୍ଡ଼ ଓ ପିଲାର୍ ପ୍ରଣାଳୀ କାର୍ଯ୍ୟ ହୋଇଥାଏ ବୋଲି ଏମସିଏଲ କହିଥିଲେ ମଧ୍ୟ ଏହା ଅଞ୍ଚଳବାସୀଙ୍କୁ ସନ୍ତୁଷ୍ଟ କରିପାରି ନଥିଲା। ଏଥିଯୋଗୁଁ ତାଳଚେର ବନ୍ଦ ପାଳନ କରାଯିବା ସହିତ ପ୍ରତିବାଦ କରାଯାଇଥିଲା। ତେବେ ତାଳଚେର ଭୂକମ୍ପନ ଜୋନରେ ଆସୁଥିବାରୁ ଭୂ-ତଳ କୋଇଲା ଖଣି ଗୁଡ଼ିକରେ ଆବଶ୍ୟକ ବାଲି ଭର୍ତ୍ତିକରି ଅଞ୍ଚଳବାସୀଙ୍କୁ ସୁରକ୍ଷା ଯୋଗାଇ ଦେବା ଜରୁରୀ ହୋଇପଡ଼ିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପାଉଛି।

# ବିଦ୍ୟାଳୟରେ ସୁରକ୍ଷା ସଚେତନତା



**ଯାଜପୁର,୨୦।୨/ଏନ୍ଏନ୍ଏସ୍:** ରୁଚିକା ସମାଜ ମଙ୍ଗଳ ସଂଗଠନ ଓ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ବୈଷ୍ଣବ ଦତ୍ତ ଉଚ୍ଚ ବିଦ୍ୟାଳୟରେ ଶିଶୁମାନଙ୍କର ଯୌନ ସୁରକ୍ଷା ନିମନ୍ତେ ସଚେତନତା କାର୍ଯକ୍ରମ ଆରମ୍ଭ ହୋଇଯାଇଛି। ଆଜିକାଲି ଯୌନ ଅପରାଧ ଓ କିଶୋରୀ ମାତୃତ୍ୱ ବଢ଼ିବାରେ ଲାଗିଛି ଏସବୁକୁ ନିୟନ୍ତ୍ରଣ ଏବଂ ଶିଶୁମାନେ କିପରି ସୁରକ୍ଷା ବଳୟ ଭିତରେ ରହିପାରିବେ ସେହି ପରୀପ୍ରେକ୍ଷୀରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜିଲ୍ଲା ସଂଯୋଜିକା ସୁଭସ୍ମିତ ମହାନ୍ତି ସ୍ୱାଗତ ଭାଷଣ ଜଣାଇବା ସହ କାର୍ଯକ୍ରମର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଶିଶୁ ସୁରକ୍ଷା ସମିତିର ସଦସ୍ୟ ତପନ କୁମାର ପାତ୍ର ଶିଶୁ ଅଧିକାର ଓ ନିରାପତ୍ତା ବିଷୟରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା କମିଟିର ଅଧକ୍ଷା ରେଣ୍ଡୋନା ଜେନା କିଶୋରୀ ମାତୃତ୍ୱର ପ୍ରଭାବ କିପରି ପଡୁଛି, ସ୍ୱାସ୍ଥ୍ୟ,ଶିକ୍ଷା, ସାମାଜିକ କ୍ଷେତ୍ରରେ ଆଦି କଣ ସମସ୍ୟା ସୃଷ୍ଟି ହେଉଛି ସେ ସବୁ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ପରୀପ୍ରେକ୍ଷୀରେ ଓକିଲ ପାର୍ଥ ସାରଥୀ ରାୟ ଶିଶୁ ଯୌନ ଅପରାଧ କଣ ଓ କି ପ୍ରକାର ଆଇନ୍ ବ୍ୟବସ୍ଥା ରହିଛି ଓ ପିଲାମାନେ କିଛି ସମସ୍ୟାର ସମ୍ମୁଖୀନ ହେଲେ କାହାକୁ ଜଣାଇବେ ସେଥି ପାଇଁ କଣ ସୁବିଧା ରହିଛି ଏସବୁ ଦିଗରେ ଜ୍ୱଳନ୍ତ ଉଦାହରଣ ଦେଇ ଆଲୋଚନା କରିଥିଲେ। ପରେ ରୁଚିକା ସମାଜ ମଙ୍ଗଳ ସଂଗଠନର ଜିଲ୍ଲା ସଂଯୋଜିକା ଶୁଭାସ୍ମିତା ମହାନ୍ତି କିପରି ଖେଳ ଓ ଚିତ୍ର ମାଧ୍ୟମରେ ଆମେ ପିଲାମାନଙ୍କୁ କାଉନସେଲିଂ କରି ସେମାନଙ୍କ ଉପରେ ଘଟୁ ଥିବା ସମସ୍ୟା ଗୁଡ଼ିକୁ ଚିହ୍ନଟ କରି ପାରିବା ସେ ସବୁ ଉପରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ପିଲା ମାନଙ୍କ ସହ ଆଲୋଚନା କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଉତ୍ସାହିତ କରିବା ସହ ଏହି ସବୁ ଦିଗରେ ସଚେତନ ହେଲେ ସବୁ ଶିଶୁମାନେ ଭବିଷ୍ୟତରେ ଏକ ସୁରକ୍ଷା ବଳୟ ଭିତରେ ରହି ପାରିବେ ଏବଂ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ହରିସାମନ୍ତ ସ୍କୁଲରେ ପ୍ରାୟ ୫୦ରୁ ଅଧିକ ଅଂଶୀଦାର ଯୋଗ ଦେଇଥିଲେ।

# ପାର୍କିଂ ସ୍ଥଳ ସାଜିଛି ଥାନା ସମ୍ମୁଖ ରାସ୍ତା

**ତାଳଚେର,୨୦।୨/ଏନ୍ଏନ୍ଏସ୍:** ପାର୍କିଂ ସୁବିଧାକୁ ନେଇ ସରକାର ଯେତେ ଟାଣିଓଟାରି ହେଉଥିଲେ ମଧ୍ୟ ସଫଳତାର କାର୍ଯ୍ୟଧାରା ସୋପାନ ସେତିକି ପଛଘୁଞ୍ଚା ଦେଉଥିବା ଅଭିଯୋଗ ହେଉଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ତାଳଚେର ଥାନା ସମ୍ମୁଖ ରାସ୍ତାରେ। କେବଳ ରବିବାର ଦିନଟି ଛାଡ଼ିଦେଲେ ଆଉ ଛଅ ଦିନ ଏହି ରାସ୍ତାଟି ଗହଳ ଚହଳ ହୋଇଥାଏ। ସେହି ରାସ୍ତାଦେଇ ଛୋଟ ଛୋଟ ପିଲା ଟ୍ୟୁସନ୍, ସ୍କୁଲ, କଲେଜ, ମାର୍କେଟ ଓ ସକାଳ ୧୦ଘଟିକା ବାଜିଲେ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ଲୋକମାନେ ଯାତାୟତ କରୁଛନ୍ତି। ଏହି ଅଫିସ୍ ସମ୍ମୁଖ ବା କାର୍ଯ୍ୟାଳୟର ୨ଶହ ମିଟର୍ ପର୍ଯ୍ୟନ୍ତ ଗାଡ଼ି ଗୁଡ଼ିକ ଏଣେତେଣେ ମନଇଚ୍ଛା ପାର୍କିଂ କରୁଥିବା ଯୋଗୁଁ ରାସ୍ତା ଏକ ପ୍ରକାର ସଂକୀର୍ଣ୍ଣ ଅବସ୍ଥାରେ ପରିଣତ ହୋଇଯାଉଛି। କିଛି ବ୍ୟକ୍ତି କାର୍ଯ୍ୟାଳୟକୁ ବିଭିନ୍ନ କାମନେଇ ଆସୁଥିବା ବେଳେ ଏମାନେ ନିଜର ଗାଡ଼ିଗୁଡ଼ିକ କାର୍ଯ୍ୟାଳୟ ସମ୍ମୁଖରେ ରଖୁଥିବା ମଧ୍ୟ ଦେଖାଯାଇଛି। ଏଠି କଥା ଆସେକି ପ୍ରଶାସନ ପକ୍ଷରୁ ପାର୍କିଂ କରିବାକୁ ନେଇ ଅନ୍ୟ ଲୋକଙ୍କୁ ତାଗିଦ୍ କରୁଥିବା ବେଳେ ଖୋଦ ନିଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଏପରି ଅବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ? ବିଶେଷ କଥା ହେଉଛି ଆଗାମୀ ଦେଶର ଭବିଷ୍ୟତ କୁହାଯାଉଥିବା ଛାତ୍ରଛାତ୍ରୀମାନେ ପାଠ ଅଧ୍ୟୟନ କରିବା ସମୟ ଓ ଘରକୁ ଫେରିବା ସମୟରେ ପାର୍କିଂ ହେତୁ ଏହି ରାସ୍ତାଟି ସଙ୍କୁଚିତ ହେଉଥିବା ଯୋଗୁଁ ଦୁର୍ଘଟଣାର ଆଶଙ୍କା ଦେଖାଦେବା ସହ ଯାତାୟତରେ ବାଧା ଉପୁଜୁଛି ବୋଲି ଅଭିଭାବକ ମହଲରେ ଏହାକୁ ନେଇ ଘୋର ନିନ୍ଦା କରାଯାଇଛି। ତେବେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ଧ୍ୟାନଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ରାମ ମନ୍ଦିରର ୮ମ ବାର୍ଷିକ ଉତ୍ସବ



**କଙ୍କଡ଼ାହାଡ଼,୨୦।୨/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ ଅଧିନସ୍ଥ ତୋରଡ଼ାନାଳି ଗ୍ରାମରେ ଅବସ୍ଥିତ ରାମ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ଏଥି ଲାଗି ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ଗାଁ ପୋଖରୀରୁ ଜଳପୂର୍ଣ୍ଣ କଳସ ଧରି ଏକ କଳସ ଯାତ୍ରା ବାହାରି ଗାଁ ପରିକ୍ରମା ସାରି ମନ୍ଦିରରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଆଗରେ ବାଜା ବାଣ ସାଉଣ୍ଡ ନାମ ସଙ୍କୀର୍ତ୍ତନ ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା ପରିବେଶ। କଳସ ଯାତ୍ରା ସମୟରେ ଗାଁ ଦାଣ୍ଡରେ ମହିଳାମାନଙ୍କ ବନ୍ଦାପନା ଦୃଶ୍ୟ ସ୍ୱତନ୍ତ୍ର ନିଆରା ରହିଥିଲା। ମନ୍ଦିରର ବାର୍ଷିକ ଉତ୍ସବ ଲାଗି ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ବିଭିନ୍ନ ପ୍ରାନ୍ତରୁ ଆସିଥିବା ନିମନ୍ତ୍ରିତ ଅତିଥି ଭକ୍ତମାନଙ୍କ ସମାଗମରେ ମନ୍ଦିର ପରିସର ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ହୋମଯଜ୍ଞ ସ୍ଥଳରେ ଅନକୁଳ ନାୟକ, ଅଠାଣି ନାୟକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂଜକ ଭବାନୀ ଶଙ୍କର ପଣ୍ଡା, ଅଚ୍ୟୁତ ପଣ୍ଡା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଉତ୍ସବରେ ପଞ୍ଚାୟତ ସରପଞ୍ଚ ରୋଜାଲିନ ସାହୁ, ସମିତି ସଭ୍ୟା ପ୍ରତିନିଧି ରୁଦ୍ର ମୋହନ ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି କାହ୍ନୁ ଚରଣ ସାହୁ, ରୋହିତ ପରିଡା ପୃଥ୍ୱୀରାଜ ସାହୁ, ରାଜୀବ ନାୟକ, ସୁଶାନ୍ତ କୁମାର ସାହୁ, ଚୈତନ୍ୟ ସାହୁ, ନେହେରୁ ସାହୁ ତୀର୍ଥବାସୀ ଦଳେଇ ସମେତ ରାମେଶ୍ୱର ମନ୍ଦିରର ସମସ୍ତ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ପାଳିତ ହୋଇଥିଲା ରାମ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ।

# ଡାକ୍ତର ନନ୍ଦ ମହାନ୍ତିଙ୍କ ପରଲୋକ

**ଯାଜପୁର,୨୦।୨/ଏନ୍ଏନ୍ଏସ୍:** ବିରଜା ମନ୍ଦିର ନିକଟରେ ରୋଗୀ ଚିକିତ୍ସା କରୁଥିବା ଜଣାଶୁଣା ଚିକିତ୍ସକ ଡାକ୍ତର ନନ୍ଦ କିଶୋର ମହାନ୍ତି(୭୬)ଙ୍କ ବୁଧବାର ଅପରାହ୍ନରେ ନିଜ ଗାଁ କପିଳେଶ୍ୱର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ମହାନ୍ତି ଜଣେ ଜନପ୍ରିୟ ଚିକିତ୍ସିକ ଥିଲେ। ଅମାୟିକ ଓ ଭଦ୍ର ସ୍ୱାଭାବର ନନ୍ଦବାବୁ ପ୍ରତ୍ୟେକ ଦିନ କ୍ଲିନିକକୁ ଆସି ଶହ ଶହ ରୋଗୀଙ୍କୁ ଚିକିତ୍ସା କରିବା ସହିତ ତାଙ୍କର ଆଚର ବ୍ୟବହାର, ରୋଗାକ୍ରାନ୍ତ ଯୋଗୁ ମାନସିକ ସ୍ତରରେ ଭାଙ୍ଗିପଡିଥିବା ଅନେକ ରୋଗୀଙ୍କୁ ସେ ଉତ୍ସାହିତ କରି ସୁସ୍ଥ କରାଇଥିବାର ଅନେକ ନଜିର ମଧ୍ୟ ରହିଛି । ଯାଜପୁର ବ୍ଲକ ଅନ୍ତର୍ଗତ କପିଳେଶ୍ୱର ଗ୍ରାମର ସ୍ୱର୍ଗତ ଗଣେଶ ପ୍ରସାଦ ମହାନ୍ତିଙ୍କର ଜ୍ୟୋଷ୍ଠ ପୁତ୍ର ଡାକ୍ତର ମହାନ୍ତିଙ୍କ ପ୍ରାଥମିକ ଶିକ୍ଷା ଗ୍ରହଣ ବାରିପଦା ଠାରେ ହୋଇଥିବା ବେଳେ ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ବିଜୟ ମହାନ୍ତିଙ୍କର ସେ ଜଣେ ଘନିଷ୍ଠ ବନ୍ଧୁ ଥିଲେ। ତାଙ୍କ ବିୟୋଗ ଖବରପାଇ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଛନ୍ତି ।

## ଠିକା କାମକୁ ନେଇ ସ୍କୁଲ୍‌ରେ ଝୁଲିଲା ତାଲା

# ହୋଇ ପାରିଲାନି ପାଠପଢ଼ା, ଖରାରେ ସିଝିସିଝି ଘରକୁ ଫେରିଲେ ପିଲା



**ଆଳି,୨୦।୨/ଏନ୍ଏନ୍ଏସ୍:** ବିଦ୍ୟାଳୟ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ବିଦ୍ୟାଳୟର ମୁଖ୍ୟ ଫାଟକରେ ଝୁଲିଲା ତାଲା। ବିଦ୍ୟାଳୟରେ ତାଲା ଝୁଲିବା ପରେ ପାଠ ପଢ଼ାରେ ବ୍ୟାହତ ସୃଷ୍ଟି ହେବା ସହିତ ପ୍ରଶାସନର ହସ୍ତକ୍ଷେପ ପରେ ବିଦ୍ୟାଳୟ ଫାଟକରୁ ତାଲା ତଡା ହେବା ପରେ ବିଦ୍ୟାଳୟ ଖୋଲିଥିଲା ମାତ୍ର ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଖରାରେ ସିଝି ଭୋକରେ ଆଉଟୁ ପାଉଟୁ ହୋଇ ଘରକୁ ଫେରିଥିଲେ। ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ମାଳପାଟଣା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ଆଳି ବ୍ଲକ୍ ପକ୍ଷରୁ ଅର୍ଥ ଅନୁମୋଦନ ହୋଇଥିଲା। ଏହି କାମ ଆରମ୍ଭ ହୋଇଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ଅଗୋଚରରେ କାମ ହେଉଥିବାରୁ ସ୍କୁଲ କମିଟି ଶ୍ରେଣୀ ଗୃହରେ ତାଲା ପକାଇ କାମ ବନ୍ଦ କରି ଦେଇଥିଲେ। ଏହି ଘଟଣା ପରେ କାମ କରୁଥିବା ଗୋଷ୍ଠୀର ଜଣେ ବ୍ୟକ୍ତି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଲା ପକାଯିବା ବିଷୟରେ ପଚାରିବା ସହ ଅଫିସର ତାଲା ପକାଇଦେବେ ବୋଲି କହିବା ପରେ ଗୁରୁବାର ରାତିରେ ତାଲା ପକାଇ ଦେଇଥିଲେ। ଶୁକ୍ରବାର ଦିନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ପିଲାମାନେ ସ୍କୁଲକୁ ଆସିବା ପରେ ସ୍କୁଲ ଅଫିସରେ ଦୁଇଟି ତାଲା ପଡ଼ିଥିବା ଦେଖିଥିଲେ। ଅଫିସରେ ତାଲା ପଡିଥିବାରୁ କୌଣସି ଶ୍ରେଣୀ ଗୃହ ଖୋଲାଯାଇ ପାରିନଥିଲା। ଯାହାଫଳରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ଖରାରେ ବସି ରହିଥିଲେ। ସ୍କୁଲରେ ପାଠପଢା ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ଅଫିସ କାର୍ଯ୍ୟ ମଧ୍ୟ ବନ୍ଦ ହୋଇଯାଇଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ଖରାରେ ସିଝୁଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ଅଫିସ ଦୁଆରେ ବସି ରହିଥିଲେ। ଖବରପାଇ ଆଳି ବ୍ଲକ୍ ଏବିଇଓ ଜ୍ୟୋତିପୁଷ୍ପା ମହାନ୍ତି ପହଞ୍ଚିବା ପରେ ଘଟଣା ସମ୍ପର୍କରେ ଆଲୋଚନା ପରେ ଆଳି ପୁଲିସ ଓ ଆର୍ଆଇ ପହଞ୍ଚି ଘଟଣାରେ ତଦନ୍ତ କରି ଅଫିସ ଗୃହରେ ତାଲା କଟାଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଏ ନେଇ ଆଳି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

# ବ୍ଲକ୍ କଂଗ୍ରେସ ପକ୍ଷରୁ କାହ୍ନୁ ଲେଙ୍କାଙ୍କୁ ଶ୍ରଦ୍ଧାଞ୍ଜଳି



**ଯାଜପୁର,୨୦।୨/ଏନ୍ଏନ୍ଏସ୍:** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନେତୃ ମଣ୍ଡଳୀମାନ ଉପସ୍ଥିତ ହୋଇ ସ୍ୱର୍ଗତ ଲେଙ୍କାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ। ସେ ଖୁବ୍ କମ ବୟସରେ ରାଜନୀତିରେ ପଦାର୍ପଣ କରିଥିଲେ। ୧୯୭୧ ମସିହାରେ ପ୍ରଥମଥର ପାଇଁ ବିଧାସଭାଙ୍କୁ ନିର୍ବାଚିତ ହୋଇଥିଲେ। ସେ ବିଧାନସଭାକୁ ୩ଥର ନିର୍ବାଚିତ ହୋଇଥିବା ବେଳେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଓ କେନ୍ଦ୍ରର ରେଳ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବରେ କାର୍ଯ୍ୟ କରି ଜଣେ ଆଗଧାଡ଼ିର ନେତାଥିଲେ। ଏଥି ସହିତ ଗିରିଧାରି ଗମାଙ୍ଗଙ୍କ ମନ୍ତ୍ରୀ ମଣ୍ଡଳରେ ମଧ ମନ୍ତ୍ରୀ ଥିଲେ। ୨୦୦୦ ମସିହା ପରଠାରୁ ସେ ରାଜନୀତିରୁ ଅବସର ଗ୍ରହଣ କରି ଜୟଗୁରୁ ଧର୍ମରେ ତାତ୍ତ୍ୱିକ ହିସାବରେ ନିରାଡମ୍ବର ଜୀବନ ଅତିବାହିତ କରିଥିଲେ ବୋଲି ଉପସ୍ଥିତ ବକ୍ତାମାନେ ସ୍ମୃତିଚାରଣ କରିବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତୀ କାମନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ଶିଶିର ନାୟକ, ଦୁର୍ଯ୍ୟୋଧନ ବେହେରା, ଦିଲ୍ଲୀପ ଦାସ, ଭାସ୍କର ମହାନ୍ତି, ଆଲୋକ ବେହେରା, ବିଭୂତି ମହାପାତ୍ର, ଅବଦୁଲ ସଲିମ, ନିକୁଞ୍ଜ ସାମଲ, ଅର୍ଜିତ ନାୟକ, ଗୋବିନ୍ଦ ସାହୁ , ବିଜୟ ମହାପାତ୍ର, ଅବଦୁଲ ରୌଫ, ଅକ୍ଷୟ ଶତପଥି, ପୂର୍ଣ୍ଣ ଜେନା, ରଘୁନାଥ ସାହୁ, ନକୁଳ ଦେବ ସାହୁ, ଅବୁତାନ ଖାନ୍ ପ୍ରଭୃତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଗହୀରମଥାରୁ ଟ୍ରଲର୍ ଜବତ, ୮ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୨୦।୨/ଏନ୍ଏନ୍ଏସ୍:** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ମା' ଦେବୀ-୧୨ ନାମକ ଟ୍ରଲରକୁ ଜବତ କରିଥିଲେ। ସେଥିରୁ ୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ସହ ଗୋଟିଏ ଲେଖାଏଁ ଜିପିଏସ, ଭିଏଚଏଫ ଓ ଫିସଫାଇଣ୍ଡର ସହ ୧୨ଟି ଜାଲ ଏବଂ ୩ କ୍ୱିଣ୍ଟାଲ ୮୦କେଜି ମାଛ ଜବତ କରିଥିଲେ। ଗିରଫ ମତ୍ସ୍ୟଜୀବୀମାନେ ହେଲେ ବାପି ତରାଇ, ରାମଚନ୍ଦ୍ର ମଲିକ, ସଞ୍ଜୟ ବେହେରା, ପ୍ରହଲ୍ଲାଦ ପରିଡା, ରୋହିତ ମଲିକ, ମହେଶ୍ୱର ପରିଡା, ଆଦିକନ୍ଦ ମାଝୀ ଓ ଶରତ ମଲିକ। ଗିରଫ ମତ୍ସ୍ୟଜୀବୀମାନେ ଭଦ୍ରକ ଜିଲ୍ଲା ବିଭିନ୍ନ ଥାନା ଅଞ୍ଚଳର। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବନବିଭାଗ ସୂତ୍ରରୁ ସୂଚନା ମିଳିଛି ।



# ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ନିମନ୍ତେ ପ୍ରାକ୍-ପ୍ରସ୍ତୁତି



**କେନ୍ଦ୍ରାପଡ଼ା,୨୦।୨/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କିତ ପ୍ରାକ-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ଜରୁରୀ କାଳୀନ ଆଧିକାରୀ ନିତ୍ୟନନ୍ଦ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମନୋରଞ୍ଜନ ରାଉତ, ସମେତ ସମସ୍ତ ବିଡିଓ ଏବଂ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ବୈଠକରେ ପାନୀୟଜଳ ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି ସେହିପରି ବ୍ୟାପକ ସୁବ୍ୟବସ୍ଥିତ ଜଳଛତ୍ର, ପଶୁପକ୍ଷୀଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା, ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଅଂଶୁଘାତ ମୁକାବିଲା ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥା, ଛାତ୍ରଛାତ୍ରୀମାନଙ୍କୁ ନିୟମିତ ବ୍ୟବଧାନରେ ପାନୀୟଜଳ ପିଇବାକୁ ପରାମର୍ଶ, ଶିକ୍ଷାନୁଷ୍ଠାନ ମାନଙ୍କରେ ପାଣି ପିଇବା ପାଇଁ ସ୍ୱତନ୍ତ୍ର ପାଣି ବେଲ,୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ଓଆରଏସ ଯୋଗାଣ ବ୍ୟବସ୍ଥା, ସରକାରୀ ସମୟ ସାରଣୀ ଅନୁଯାୟୀ ଶ୍ରମିକମାନଙ୍କ କାର୍ଯ୍ୟ ସୁନିଶ୍ଚିତ କରିବା, ଅଙ୍ଗନବାଡି ମାନଙ୍କରେ ପଙ୍ଖା, ପାନୀୟଜଳ ସୁନିଶ୍ଚିତ, ସମସ୍ତ ଯାତ୍ରୀବାହୀ ବସ ମାନଙ୍କରେ ପାନୀୟଜଳ ଓ ଓଆର୍ଏସ୍ ମହଜୁଦ ରଖିବା, ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବା ସହିତ ବ୍ୟାପକ ସଚେତନତା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ନିଜ ନିଜ କାର୍ଯ୍ୟାଳୟର ପୁରୁଣା ପାଣି ଟାଙ୍କି ସଫେଇ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ୧୭ ଦଫା ଦାବି ନେଇ କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ



**କାମାକ୍ଷାନଗର,୨୦।୨/ଏନ୍ଏନ୍ଏସ୍:** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଡ଼ାକରାରେ ୧୭ ଦଫା ଦାବିନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି କାମାକ୍ଷାନଗର ଓ ପରଜଙ୍ଗ କେନ୍ଦୁପତ୍ର ରେଞ୍ଜର କର୍ମଚାରୀମାନେ। ଉଭୟ ରେଞ୍ଜର କର୍ମଚାରୀମାନେ କାମାକ୍ଷାନଗର ଜିରିଡାମାଳି ଠାରେ ଥିବା ପରଜଙ୍ଗ ରେଞ୍ଜ କାର୍ଯ୍ୟାଳୟ ଓ କାମାକ୍ଷାନଗର ରେଞ୍ଜ କାର୍ଯ୍ୟାଳୟ ଆଗରେ କରୁଛନ୍ତି ଆନ୍ଦୋଳନ। ତୋଳାଳୀମାନଙ୍କର କେରି ଦର ବୃଦ୍ଧି, ସିଜିନାଲ କର୍ମଚାରୀମାନଙ୍କର ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ଦର ବୃଦ୍ଧି, କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ବନ୍ଦ କରିବା, ପ୍ରସ୍ତାବିତ ୫-୬ଟି ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ କରାଯିବା, କେନ୍ଦୁପତ୍ରରେ ଜିଏସ୍‌ଟି ହ୍ରାସ ପରେ ବିକ୍ରି ମୂଲ୍ୟ ବୃଦ୍ଧି ପାଇଁ ସମୀକ୍ଷା କରାଯାଉ, ବୋନସ ପ୍ରଦାନ ଶତକଡା ହିସାବରେ ଗତବର୍ଷ ଠାରୁ ଅଧିକ ବୃଦ୍ଧି କରାଯାଉ, ମୃତକ ପରିବାରଙ୍କ ମୃତ୍ୟୁ କାଳୀନ ସହାୟତା ୨ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ, ବିଭିନ୍ନ ଡିଭିଜନରେ ଖାଲି ପଡିଥିବା ସିଜିନାଲ କର୍ମଚାରୀଙ୍କ ସ୍ଥାନ ପ୍ରମୋସନ ଭିତ୍ତିରେ ପୂରଣ କରିବା ଭଳି ୧୭ ଦଫା ଦାବିରେ କରୁଛନ୍ତି ଆନ୍ଦୋଳନ।୨ଦିନ ଧରି ଚାଲିବ ଏହି ଆନ୍ଦୋଳନ ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର କରିବାକୁ ଦେଇଛନ୍ତି ଚେତାବନୀ। ଏଠାରେ ପରଜଙ୍ଗ ରେଞ୍ଜର ରେଞ୍ଜ ସମ୍ପାଦକ ରଞ୍ଜନ ନାଏକ, ଡିଭିଜନ କୋଷାଧକ୍ଷ ହରିଶ୍ଚନ୍ଦ୍ର ବିଶ୍ୱାଳ, ଭୀମସେନ ସାହୁ, ସୁରେଶ ଚନ୍ଦ୍ର ବିଶ୍ୱାଳ, କାମାକ୍ଷାନଗର ରେଞ୍ଜ ହେଡ ଚେକର ମକରଧ୍ୱଜ ସାହୁ, ନରେଶ ମହନ୍ତ, ଧ୍ୱଳେଶ୍ୱର ପ୍ରଧାନ, ଅମ୍ବୁଜ ସାହୁ, ଅଞ୍ଜଳି ସିଙ୍ଗ, ବିନତି ମହାନ୍ତ, ସବିତା ଦେହୁରୀ, ଧନେଶ୍ୱର ନାୟକ, ପ୍ରଶାନ୍ତ ପ୍ରଧାନ, ଦୟାନିଧି ବିଶ୍ୱାଳ, ନବକିଶୋର ବେହେରା, ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ଶତାଧିକ କର୍ମଚାରୀ କରିଛନ୍ତି ଆନ୍ଦୋଳନ।

# ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ହୋଟେଲ ପରିଚାଳନା ପ୍ରତିଷ୍ଠାନ ପରିଦର୍ଶନ



**ଖୋର୍ଦ୍ଧା,୨୦।୨/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହି ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ହୋଟେଲ ପରିଚାଳନା ପ୍ରତିଷ୍ଠାନ (ଆଇଏଚ୍ଏମ୍) ଏବଂ ଜଟଣୀ ସ୍ଥିତ 'ସାଇ ଏକ୍ସପର୍ଟ' ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀରେ ପଢୁଥିବା ପିଲାଙ୍କ ସମେତ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ପୃଷ୍ଠପୋଷକତା, ଆଶୀର୍ବାଦ ଏବଂ 'ଗ୍ରୀନ୍ ପ୍ୟାସେଜ୍' ଯୋଜନାରେ ସହାୟତା ପାଉଥିବା ସମୁଦାୟ ୨୨ ଜଣ ପିଲା ସାମିଲ ହୋଇଥିଲେ। ହୋଟେଲ ପରିଚାଳନା ପ୍ରତିଷ୍ଠାନର ଅଧ୍ୟକ୍ଷା ସାରଦା ଘୋଷ ପିଲାମାନଙ୍କୁ ସ୍ୱାଗତ କରିବା ସହ ସଠିକ୍ କର୍ମନିଯୁକ୍ତି ଭିତ୍ତିକ ଶିକ୍ଷା ଗ୍ରହଣ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ପିଲାମାନେ କିପରି ଦିଗହରା ନହୋଇ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବେ ଏବଂ ସମାଜ ପାଇଁ ଦାୟିତ୍ୱବାନ ହେବେ, ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ପ୍ରତିଷ୍ଠାନର ପରାମର୍ଶଦାତା ଅବିନାଶ ଦାଶ ଏବଂ ପରାମର୍ଶଦାତ୍ରୀ ଜ୍ୟୋତିର୍ମୟୀ ପଣ୍ଡା ହୋଟେଲ ପରିଚାଳନା ପାଠ୍ୟକ୍ରମର ବିଭିନ୍ନ ଦିଗ ଏବଂ ଏଥିରେ ଥିବା ସୁଯୋଗ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରାଇଥିଲେ। ଏହି ପରିଦର୍ଶନ ସମୟରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ବାଗ୍ମୀଶ୍ରୀ ଦାଶ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ ଏବଂ ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ଣରେ ପିଲାମାନେ ଜଟଣୀ ସ୍ଥିତ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ନିଜର ଜ୍ଞାନ ଆହରଣ କରିଥିଲେ।

### ଭଦ୍ରେଶ୍ୱର ପୁଲିସର ଟାଳଟୁଳ ନୀତି

# ନ୍ୟାୟ ନପାଇ ହତାଶ ହେଲେ ଅଭିଯୋଗକାରୀ

**କୁଆଁପାଳ,୨୦।୨/ଏନ୍ଏନ୍ଏସ୍:** ଭଦ୍ରେଶ୍ୱର ପୁଲିସର ଟାଳଟୁଳ ନୀତି ଯୋଗୁଁ ଜଣେ ଅଭିଯୋଗକାରୀ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ଗୋପାଳପୁର ଗ୍ରାମର ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ବ୍ୟକ୍ତିଗତ ଜମି (ଖାତା ନଂ- ୯୮୦/୨୯୬, ପ୍ଲଟ ନଂ- ୨୨୭) ଉପରେ ସେହି ଗ୍ରାମର ଜ୍ଞାନେନ୍ଦ୍ର ବିଶ୍ୱାଳ ଜୋରଜବରଦସ୍ତ ଦୁଇ ଟ୍ରାକ୍ଟରରୁ ଅଧିକ ଘରଛପର କୁଟା ଜମା କରି ଅବରୋଧ କରିଛନ୍ତି। ଏ ସମ୍ପର୍କରେ ଗ୍ରାମର ଭଦ୍ରଲୋକଙ୍କ ଜରିଆରେ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଅପରପକ୍ଷ କୌଣସି କଥା ନଶୁଣିବାରୁ ଜିତେନ୍ଦ୍ର ଗତ ୧୭ ତାରିଖରେ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଉଭୟ ପକ୍ଷଙ୍କୁ ୧୮ ତାରିଖ ସନ୍ଧ୍ୟାରେ ଥାନାକୁ ଡକାଇଥିଲେ। ଧାର୍ଯ୍ୟ ସମୟରେ ଗ୍ରାମର ୫ ଜଣ ଭଦ୍ରଲୋକ ଓ ତଦନ୍ତକାରୀ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଉପସ୍ଥିତ ଭଦ୍ରଲୋକମାନେ କୁଟାଗଦା ହଟାଇବାକୁ ପରାମର୍ଶ ଦେଇଥିଲେ ହେଁ ଅପରପକ୍ଷ ଏହାକୁ ଗ୍ରହଣ କରିନଥିଲେ। ତେବେ ଦାୟିତ୍ୱରେ ଥିବା ପୁଲିସ ଅଧିକାରୀ ଅଭିଯୋଗକାରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅପରପକ୍ଷକୁ ସୁହାଇଲା ଭଳି କଥା କହିଥିବା ଜିତେନ୍ଦ୍ର ଅଭିଯୋଗ କରିଛନ୍ତି। ପୁଲିସର ଏଭଳି ପାତରଅନ୍ତର ନୀତି ଯୋଗୁଁ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ। ନ୍ୟାୟ ନପାଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଏ ସମ୍ପର୍କରେ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଅଭିଯୋଗକାରୀ ସୂଚନା ଦେଇଛନ୍ତି।

# ଜଳିଗଲା ୪ ବଖରା

**କୋଣାର୍କ,୨୦।୨/ଏନ୍ଏନ୍ଏସ୍:** ଶୁକ୍ରବାର ସନ୍ଧ୍ୟାରେ କୋଣାର୍କ ଥାନା ଅନ୍ତର୍ଗତ ଅବଧାନ ପଞ୍ଚାୟତ ବାଘଗୋରଡ଼ି ଗ୍ରାମରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଗ୍ରାମର କଣ୍ଠ ପ୍ରଧାନ ଓ କମଳାକାନ୍ତ ପ୍ରଧାନଙ୍କ ଘରେ ଅଚାନକ ନିଆଁ ଲାଗି ୪ ବଖରା ଚାଳ ଘର ସହ ସମସ୍ତ ଗୃହୋପକରଣ ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ ଏହି ଘଟଣା ପରିବାର ପାଇଁ ବଡ଼ ବୋଝ ସଦୃଶ ହୋଇଛି। ବିଶେଷ କରି ଆସନ୍ତା ମାର୍ଚ୍ଚ ୨୨ ତାରିଖରେ ଝିଅର ବିବାହ ଥିବାରୁ ପରିବାର ପକ୍ଷରୁ ସାଇତି ରଖାଯାଇଥିବା ସମସ୍ତ ସୁନା ଅଳଙ୍କାର, ନଗଦ ଟଙ୍କା ଏବଂ ନୂତନ ବସ୍ତ୍ର ଆଦି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି।

## ପ୍ରଥମ ପୃଷ୍ଠାରୁ

# ସବୁ ବର୍ଗଙ୍କୁ ଆଖି ...

୩୭୧ କୋଟି ଟଙ୍କା, ଜରୁରୀକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା ପାଇଁ ୧୯୮ କୋଟି ଟଙ୍କା, ଆଶାକର୍ମୀଙ୍କ କଲ୍ୟାଣ ନିମନ୍ତେ 'ସ୍ୱାସ୍ଥ୍ୟ ସହାୟ' ଯୋଜନା ଅଧୀନରେ ୧୮୩ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ରାଜ୍ୟର ସମସ୍ତ ମେଡିକାଲ କଲେଜରେ ରକ୍ତଭଣ୍ଡାର ପ୍ରତିଷ୍ଠା, ସମସ୍ତ ରକ୍ତଭଣ୍ଡାରର ଉନ୍ନତିକରଣ ଏବଂ ଆଧୁନିକୀକରଣ ପାଇଁ 'ଅଟଳ ରକ୍ତ ଦାନ ଅଭିଯାନ' କରାଯାଇଛି। ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ପାଇଁ ୩୧୧ କୋଟି ଟଙ୍କା ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ବ୍ୟକ୍ତି, ଟ୍ରାନ୍ସଜେଣ୍ଡର ବ୍ୟକ୍ତି ଏବଂ ଭିକାରୀଙ୍କ ପାଇଁ ଆବାସିକ ଏବଂ ସହାୟକ ସୁବିଧା ପାଇଁ ୧୦୯ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ମହିଳା ଏବଂ ଶିଶୁ କେନ୍ଦ୍ରିକ ନୀତି ଏବଂ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରାଯାଇ ୧୮,୯୫୭ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲାବେଳେ ମମତା ଯୋଜନା ପାଇଁ ୩୨୦ କୋଟି ଟଙ୍କା, ସୁଭଦ୍ରା ଯୋଜନା ପାଇଁ ୧୦,୧୪୫ କୋଟି ଟଙ୍କା, 'ସମୃଦ୍ଧ ଅଙ୍ଗନୱାଡି ଯୋଜନା' -୬୩୫ କୋଟି ଟଙ୍କା, ସମନ୍ୱିତ ବାତ୍ସଲ୍ୟ ସଦନ- ୬୨ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା- ୫୫୨ କୋଟି ଟଙ୍କା ଓ ଓଡିଶା ପୁଷ୍ଟି ମିଶନ – ୧୦୦ କୋଟି ଟଙ୍କା ମିଳିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମଗ୍ର ଶିକ୍ଷାକୁ ରାଜ୍ୟ ସହାୟତା ୧୧୩୧ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲାବେଳେ ସମଗ୍ର ଶିକ୍ଷା- ୩୮୦୫ କୋଟି ଟଙ୍କା, ଗଙ୍ଗାଧର ମେହେର ଶିକ୍ଷାମାନଙ୍କ ବୃଦ୍ଧି ଯୋଜନା -୩୮୫ କୋଟି, ଓଡିଶା ଆଦର୍ଶ ବିଦ୍ୟାଳୟ –୧୨୨୪ କୋଟି ଟଙ୍କା, ମଦ୍ରାସା ଶିକ୍ଷା ପାଇଁ -୨୩ କୋଟି ଟଙ୍କା, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ
କାର୍ଯ୍ୟକ୍ରମ-୧୦୧୦ କୋଟି, ଐତିହ୍ୟ ବିଦ୍ୟାଳୟ-୧୩୧ କୋଟି ଟଙ୍କା, ପଞ୍ଚସଖା ଶିକ୍ଷା ସେତୁ -୨୩୪ କୋଟି ଟଙ୍କା ବ୍ୟବସ୍ଥା ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଜେଟ୍ କେବଳ ଏକ ଆର୍ଥିକ ଦସ୍ତାବିଜ ନୁହେଁ, ବରଂ ରାଜ୍ୟର ପ୍ରତିଟି ଶ୍ରେଣୀର ଆଶା ଓ ଆକାଂକ୍ଷାର ପ୍ରତିଫଳନ। ଆମର ଲକ୍ଷ୍ୟ ସ୍ପଷ୍ଟ। ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ବିକାଶର ସୁଫଳ ପହଞ୍ଚାଇବା। ଅନ୍ନଦାତାଙ୍କ ସମୃଦ୍ଧି, ନାରୀଶକ୍ତିଙ୍କ ସଶକ୍ତିକରଣ ଓ ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରି 'ଅନ୍ତ୍ୟୋଦୟ'ର ସ୍ୱପ୍ନକୁ ସାକାର କରିବା ପାଇଁ ବଜେଟ୍ ସଂକଳ୍ପବଦ୍ଧ। ଏକ ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା ଗଠନର ଏହି ମହାଯଜ୍ଞରେ ଆମେ ସମସ୍ତେ ସହଭାଗୀ ହେବା ବୋଲି ସେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ...

କାର୍ଯ୍ୟ କରିବ। ସେହିପରି ଜୀବନଶୈଳୀ ମାର୍ଗଦର୍ଶନ ଏବଂ ପରାମର୍ଶ ସହାୟତା ସହିତ ସମସ୍ତ ବୟସ ବର୍ଗର ମହିଳାଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ପୁଷ୍ଟିକର ଖାଦ୍ୟ, ମାନସିକ ସୁସ୍ଥତା ଏବଂ ଅର୍ଥନୈତିକ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ 'ସୁଭଦ୍ରା ୱେଲନେସ୍ ସେଣ୍ଟର' ପ୍ରତିଷ୍ଠା କରାଯିବ ବୋଲି ଶ୍ରୀ ମାଝୀ ସ୍ପଷ୍ଟ କରିଛନ୍ତି।

# ବିକଶିତ ନିଆଳି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ: ବିଧାୟକ



**କଣ୍ଟାପଡ଼ା,୨୦।୨/ଏନ୍ଏନ୍ଏସ୍:** ଫୁଲନଖରା-ନିଆଳୀ ମାଧବ ରାସ୍ତା ୪-ଲେନ୍ ବିଶିଷ୍ଟ ହେବା ସହ ଅଞ୍ଚଳର ଏକାଧିକ ମଠ ଓ ମନ୍ଦିରର ଉନ୍ନତିକରଣ କରାଯିବ। ନିଆଳୀ ନିର୍ବାଚନ ମଣ୍ଡଳୀ ଏବେ ପ୍ରଗତି ପଥରେ ଆଗେଇ ଚାଲିଥିବା ବେଳେ ଏକ 'ବିକଶିତ ନିଆଳୀ' ଗଠନ ପାଇଁ ଅଞ୍ଚଳର ସମସ୍ତ ଜନସାଧାରଣ ସହଯୋଗର ହାତ ବଢ଼ାଇବାକୁ ନିଆଳୀ ବିଧାୟକ ଛବି ମଲ୍ଲିକ ଅନୁରୋଧ କରିଛନ୍ତି। କୁରାଙ୍ଗ ଶାସନ ସ୍ଥିତ ଏକ ଘରୋଇ ରିସର୍ଟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ବିଧାୟକ ଶ୍ରୀ ମଲ୍ଲିକ ନିଜର ୨୦ ମାସର କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ହିସାବ ଦେଇଛନ୍ତି। ବିଶେଷକରି କଣ୍ଟାପଡ଼ା ବ୍ଲକର ୧୪ଟି ପଞ୍ଚାୟତ ପାଇଁ ୧୧ କୋଟି ୭୪ ଲକ୍ଷ ୭୯ ହଜାର ୨୯୫ ଟଙ୍କାର ଅନୁଦାନ ରାଶି ଆସିଥିବା ବେଳେ ସେଥିମଧ୍ୟରୁ ୭ କୋଟି ୯୦ ହଜାର ୪୧୪ ଟଙ୍କା ବିନିଯୋଗ ହୋଇସାରିଛି। ବାକି ୩ କୋଟି ୮୪ ଲକ୍ଷ ୭୨ ହଜାର ୨୪୫ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ବିଭିନ୍ନ କାରଣରୁ ବାକି ରହିଥିବା ସେ ସୂଚନା ଦେଇଛନ୍ତି। ଶ୍ରୀ ମଲ୍ଲିକ ଆହୁରି ମଧ୍ୟ କହିଛନ୍ତି ଯେ ଫୁଲନଖରାଠାରୁ ନିଆଳି ମାଧବ ପର୍ଯ୍ୟନ୍ତ ରାସ୍ତାକୁ ୪-ଲେନ୍ ବିଶିଷ୍ଟ କରିବା ପାଇଁ ସରକାର ବିଧିବଦ୍ଧ ଭାବେ ଘୋଷଣା କରିସାରିଛନ୍ତି। ଏଥିସହ ପ୍ରାଚୀ ନଦୀର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସମସ୍ତ ସଫଳତାର ଶ୍ରେୟ ସେ ନିଆଳୀ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଦେବା ସହ ବିକାଶ ପ୍ରକ୍ରିୟାରେ ସାମିଲ ହେବାକୁ ନିବେଦନ କରିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସମ୍ପାଦକ ଅଶୋକ କୁମାର ରଥ, ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ପାତ୍ର, କଣ୍ଟାପଡ଼ା ସରପଞ୍ଚ ନିର୍ମଳ କୁମାର ସାହୁ, ସମିତି ସଭ୍ୟ ପବିତ୍ର ମୋହନ ସ୍ୱାଇଁ ଏବଂ ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ପଞ୍ଚାୟତ ନିର୍ବାହୀ ଅଧିକାରୀ



**ଟାଙ୍ଗୀ,୨୦।୨/ଏନ୍ଏନ୍ଏସ୍:** ସରକାରୀ ଚାକିରି କରି ମୋଟା ଅଙ୍କର ଦରମା ପାଉଥିଲେ ମଧ୍ୟ କିଛି ଅସାଧୁ କର୍ମଚାରୀଙ୍କ ଲାଞ୍ଚ ପ୍ରତି ମୋହ କମୁନାହିଁ। ଆଜି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତର ନିର୍ବାହୀ ଅଧିକାରୀ (ପିଇଓ) ଭରତ ଭୂଷଣ ମିଶ୍ର ଜଣେ କର୍ମଚାରୀଙ୍କ ଚାକିରି ସମୟସୀମା ବଢ଼ାଇବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଜାଲରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଭଟିମୁଣ୍ଡା ପଞ୍ଚାୟତରେ ପାଣି ମଟର ଚଳାଉଥିବା କର୍ମଚାରୀ ନବ କିଶୋର ପୃଷ୍ଟିଙ୍କର ୬୦ ବର୍ଷ ଚାକିରି କାଳ ଶେଷ ହୋଇଥିଲା। ତାଙ୍କୁ ପୁନଃ ନିଯୁକ୍ତି କରାଇ ଦେବା ପାଇଁ ଅଧିକାରୀ ଶ୍ରୀ ମିଶ୍ର ବାରମ୍ବାର ୫ ହଜାର ଟଙ୍କା ଲାଞ୍ଚ ମାଗୁଥିଲେ। ଏ ନେଇ ନବ କିଶୋରଙ୍କ ପୁଅ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ, ଆଜି କଟକ ବାଦାମବାଡ଼ି ଅଞ୍ଚଳରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ବିଭାଗୀୟ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଅଧିକାରୀଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଅନେକ ଅଭିଯୋଗ ରହିଥିଲା। ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଆସିଥିବା ୨ ଲକ୍ଷ ୬୭ ହଜାର ୮୫୬ ଟଙ୍କା ଏବଂ ଭତ୍ତା ବାବଦକୁ ଆସିଥିବା ୧ ଲକ୍ଷ ୯୦ ହଜାର ଟଙ୍କା ନେଇ ସେ କାର୍ଯ୍ୟାଳୟକୁ ଆସୁନଥିଲେ। ଏଥିଯୋଗୁଁ ଅନେକ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଅସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବରୁ ହରିଅନ୍ତ ପଞ୍ଚାୟତର ସରପଞ୍ଚ ମଧ୍ୟ ତାଙ୍କ ବିରୋଧରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ (ବିଡିଓ) ନିକଟରେ ଅଭିଯୋଗ କରିଥିଲେ। ଟାଙ୍ଗୀ-ଚୌଦ୍ୱାର ବ୍ଲକର ଅନ୍ୟ ଅସାଧୁ କର୍ମଚାରୀଙ୍କ ବିରୋଧରେ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଅନେକ ଦୁର୍ନୀତି ପଦାକୁ ଆସିବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନରେ ବିଳମ୍ବ

**ଖଣ୍ଡପଡ଼ା,୨୦।୨/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନରେ ଅହେତୁକ ବିଳମ୍ବ ହେଉଥିବାରୁ ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରିଷଦ କର୍ତ୍ତୃପକ୍ଷ କାର୍ଯ୍ୟାଦେଶ ବଣ୍ଟନ ନିମନ୍ତେ ପ୍ରାୟ ଏକ ବର୍ଷ ହେବ ସମୟ ଗଡ଼େଇ ଚାଲିଥିବାରୁ ଲୋକଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଛି। ଏଥିପ୍ରତି ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ପଚାରିବାରୁ, ଖୁବ୍ ଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ କରାଯିବା ସହ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା

**ଚାରିଛକ,୨୦।୨/ଏନ୍ଏନ୍ଏସ୍:** ଚାରିଛକ ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତ ଖୁଲିସ ଗ୍ରାମର ଜଣେ ମହିଳା ନିଜ ଘର ଭିତରେ ଫ୍ୟାନରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତା ମହିଳା ଜଣକ ହେଲେ ଉକ୍ତ ଗ୍ରାମର ପ୍ରତାପ ଖଟୋଇଙ୍କ ପତ୍ନୀ ପୁଷ୍ପଲତା ଖଟୋଇ (୩୨)। ସୂଚନା ଅନୁଯାୟୀ, ଆଜି ସକାଳେ ପରିବାର ଲୋକେ ପୁଷ୍ପଲତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀ ପ୍ରତାପ ଏକ ବେସରକାରୀ ସଂସ୍ଥାରେ ଚାକିରି କରି ରାଜ୍ୟ ବାହାରେ ରୁହନ୍ତି। ପୁଷ୍ପଲତା କୌଣସି ମାନସିକ ଚାପ କିମ୍ବା ଅନ୍ୟ କାରଣରୁ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ଭାଇ ମାନସ ସ୍ୱାଇଁ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ: ନାବାଳକ ଅଭିଯୁକ୍ତ ଗିରଫ



**ବଳଙ୍ଗା,୨୦।୨/ଏନ୍ଏନ୍ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ବଳଙ୍ଗା ପୁଲିସ କେସ୍ ନଂ-୫୫/୨୬ରେ ଏକ ପୋକ୍ସୋ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ଶେଷରେ ଗତକାଲି ବିଳମ୍ବିତ ରାତିରେ ଥାନା ଅଧିକାରିଣୀ ସସ୍ମିତା ସାହୁ ଅଭିଯୁକ୍ତ ନାବାଳକର ଘରେ ଚଢ଼ଉ କରି ତାକୁ ଗିରଫ କରିଥିଲେ। ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ ନ୍ୟାୟାଳୟକୁ ପଠାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ନାବାଳକକୁ ବ୍ରହ୍ମପୁର ସ୍ଥିତ କିଶୋର ସୁଧାର ଗୃହକୁ ପଠାଯାଇଛି। ଅନ୍ୟପଟେ ପୁଲିସ ନାବାଳିକାର ୧୬୪ ଧାରାରେ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଗତ ୧୪ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ରାସନ ସାମଗ୍ରୀ କିଣିବା ପାଇଁ ଦୋକାନକୁ ଯାଇଥିଲେ। ଦୋକାନ ବନ୍ଦ ଥିବାରୁ ସେ ଘରକୁ ଫେରୁଥିବା ସମୟରେ ଦୁଇ ଜଣ ନାବାଳକ ପଛରୁ ଆସି ତାଙ୍କୁ ଜୋରଜବରଦସ୍ତ ଏକ ନିର୍ଜନ ସ୍ଥାନକୁ ଟାଣି ନେଇଥିଲେ। ସେଠାରେ ଅଭିଯୁକ୍ତମାନେ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ତଳେ ଠେଲି ଦେବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲେ। ପୀଡ଼ିତା କୌଶଳକ୍ରମେ ସେମାନଙ୍କ କବଳରୁ ନିଜକୁ ରକ୍ଷା କରି ଘରକୁ ପଳାଇ ଆସିଥିଲେ। ପରେ ସେ ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇବା ପରେ ପୀଡ଼ିତାଙ୍କ ବାପା ମା' ଥାନାରେ ଅଭିଯୋଗ କରିଥିଲେ।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

**ବୋଲଗଡ଼,୨୦।୨/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ୧୦ ଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଫେବୃଆରୀ ୪ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶିବିରରେ ଦୁଇ ଜଣ ପ୍ରଶିକ୍ଷିକା ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ବିଭାଗର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅନୁସୂୟା ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକ ଉପସ୍ଥିତ ରହି ଆତ୍ମରକ୍ଷା କୌଶଳର ଉପକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

# ଦେସ୍ଥଳି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୟାହାଟ,୨୦।୨/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମାନସ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷକ ସମନ୍ୱୟ ସମିତିର ସମ୍ପାଦକ ସରୋଜ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ସେ କହିଥିଲେ ଯେ, ପିଲାଙ୍କ ପାଇଁ ପିତାମାତା ହିଁ ପ୍ରଥମ ଗୁରୁ ଏବଂ ତା'ପରେ ଶିକ୍ଷକ। ପିଲାମାନଙ୍କୁ ଶ୍ରଦ୍ଧା ଓ ସ୍ନେହ ପ୍ରଦାନ କଲେ ସେମାନେ ଆଗ୍ରହର ସହିତ ବିଦ୍ୟାଳୟକୁ ଆସିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସାଧନ କର୍ମୀ ଲିଙ୍ଗରାଜ ସ୍ୱାଇଁ ଯୋଗ ଦେଇଥିବା ବେଳେ ପ୍ରଧାନ ଶିକ୍ଷକ ସୁରଜିତ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପିତାମାତାଙ୍କୁ ଭକ୍ତି ଓ ଗୁରୁଜନମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁଥିବା ପିଲାମାନେ ହିଁ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଖାଉଟି ସଚେତନତା କର୍ମଶାଳା

**ନୟାଗଡ଼,୨୦।୨/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଓଜନ ଓ ମାପ ବିଭାଗ ଏବଂ ଢେଙ୍କେଣା ପଲ୍ଲୀବନ୍ଧୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ନୂଆଗାଁ ବ୍ଲକ ଅନ୍ତର୍ଗତ ମହିପୁର ଜଗନ୍ନାଥ ମନ୍ଦିର ପରିସରରେ ଏକ ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ତଥା ଖାଉଟି ଆନ୍ଦୋଳନର ପ୍ରବକ୍ତା ଗୋଦାବରୀଶ ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନୟାଗଡ଼ ଜିଲ୍ଲା ଓଜନ ଓ ମାପ ବିଭାଗର ଉପ-ନିୟନ୍ତ୍ରିକା ମୋନାଲିସା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଉଟି ଅଧିକାର, ସଚେତନତା ଏବଂ ଅଭିଯୋଗ ଦାଖଲ ପ୍ରକ୍ରିୟା ସମ୍ପର୍କରେ ଉପଭୋକ୍ତାମାନଙ୍କ ସହ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସହ-ନିୟନ୍ତ୍ରିକା ଶର୍ମିଳା ଜେନା ଓଜନ ଓ ମାପରେ ହେଉଥିବା ଠକେଇ ସମ୍ପର୍କିତ ଯନ୍ତ୍ରାଂଶ ପ୍ରଦର୍ଶନ କରିଥିଲେ। ବ୍ୟବସାୟୀମାନେ କିପରି ବିଭିନ୍ନ ଉପାୟରେ ଖାଉଟିମାନଙ୍କୁ ଠକନ୍ତି, ସେ ବିଷୟରେ ସେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଖାଉଟି ସ୍ୱେଚ୍ଛାସେବୀ ଭକ୍ତ ବିହାରୀ ମିଶ୍ର ଆଧୁନିକ ଯୁଗରେ ହେଉଥିବା ଅନ୍‌ଲାଇନ୍ ଠକେଇ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ପଲ୍ଲୀବନ୍ଧୁ ସଂଗଠନର ସମ୍ପାଦକ ଗଣେଶ୍ୱର ପରିଡ଼ା 'ଜାଣିଲେ ଜିତିବା' ନ୍ୟାୟରେ ସଚେତନ ହେବାକୁ ନିବେଦନ କରିଥିଲେ। ନୂଆଗାଁ ପଞ୍ଚାୟତର ସରପଞ୍ଚ ତ୍ରିନାଥ ବେହେରା ଉପସ୍ଥିତ ଖାଉଟିମାନଙ୍କୁ ସଚେତନତା ଦ୍ୱାରା ହିଁ ସୁରକ୍ଷିତ ରହିହେବ ବୋଲି କହିଥିଲେ। ଏହି କର୍ମଶାଳାରେ ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇ ବିଭିନ୍ନ ପ୍ରଶ୍ନ ପଚାରି ନିଜର ସନ୍ଦେହ ଦୂର କରିଥିଲେ। ପରିଶେଷରେ ବିଜୟ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଅନ୍ନ ଅଭିଯାନ କ୍ଷୁଦ୍ର ଶସ୍ୟ ଖାଦ୍ୟ ମେଳା




**ଓଡ଼ଗାଁ,୨୦।୨/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟରେ ନୟାଗଡ଼ ଜିଲ୍ଲା କୃଷି ବିଭାଗ ଏବଂ 'ଆତ୍ମା' ପ୍ରକଳ୍ପ ଆନୁକୂଲ୍ୟରେ ଏକ 'କ୍ଷୁଦ୍ର ଶସ୍ୟ ଖାଦ୍ୟ ମେଳା' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ଗାଁ ବ୍ଲକ କୃଷି ବିଭାଗର ଯାନ୍ତ୍ରିକ ପରିଚାଳକ ଶରତ ଚନ୍ଦ୍ର ଚୌଧୁରୀ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅବନ୍ତୀ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଓ ମାତୃମଞ୍ଚର ସଭ୍ୟାମାନଙ୍କ ଉପସ୍ଥିତିରେ ଏହି ମେଳା ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଏକ ବେସରକାରୀ ସଂସ୍ଥା ପକ୍ଷରୁ ବିଦ୍ୟାଳୟର ୨୫୮ ଜଣ ଛାତ୍ରଛାତ୍ରୀଙ୍କୁ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଯଥା-ମାଣ୍ଡିଆ ବାଲସା, ଗଜା, ସେଓ ଏବଂ ଦହିବୁନ୍ଦି ମାଗଣାରେ ବଣ୍ଟନ କରାଯାଇଥିଲା। ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ ମାଣ୍ଡିଆରେ ପ୍ରଚୁର ପରିମାଣରେ ଚୂନସାର, ଲୌହସାର ଏବଂ ତନ୍ତୁସାର ରହିଥିବାରୁ ଏହା ବୃକକ ଓ ଯକୃତର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ ରକ୍ତରେ ଚର୍ବି ଅଂଶ ହ୍ରାସ କରିବାରେ ସହାୟକ ହୋଇଥାଏ। ଏ ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତୋଷ କୁମାର ସାହୁ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଆଲୋକ ନାୟକ, ଶିକ୍ଷକ ରାଧାଗୋବିନ୍ଦ ନାୟକ, ସନ୍ତୋଷ କୁମାର ନାୟକ, ସୂର୍ଯ୍ୟମଣି ନାୟକ, ଖଗେଶ୍ୱର ବେହେରା ଏବଂ ଶିକ୍ଷୟିତ୍ରୀ ପଦ୍ମିନୀ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# କଣ୍ଟିଲୋ-ଶୁଳିଆ ରାସ୍ତାର ଉନ୍ନତି ପାଇଁ ବିଧାନସଭାରେ ବିଧାୟକଙ୍କ ଦାବି



**କଣ୍ଟିଲୋ,୨୦।୨/ଏନ୍ଏନ୍ଏସ୍:** ଜଗନ୍ନାଥ ସଂସ୍କୃତିର ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ପ୍ରଭୁ ଶ୍ରୀ ନୀଳମାଧବଙ୍କ ବିଜେ ସ୍ଥଳୀ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ବ୍ଲକ ମହକୁମାରୁ କଣ୍ଟିଲୋର ଦୂରତା ମାତ୍ର ୧୩ କିଲୋମିଟର ହୋଇଥିବା ବେଳେ, ଏଥିମଧ୍ୟରୁ ୧୦ କିଲୋମିଟର ପୂର୍ତ୍ତ ବିଭାଗ ଅଧୀନରେ ଏବଂ ବାକି ୩ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଶୁଳିଆ ବସ୍‌ଷ୍ଟାଣ୍ଡଠାରୁ କଣ୍ଟିଲୋକୁ ଲମ୍ବିଥିବା ଏହି ୩ କିଲୋମିଟର ବିଶିଷ୍ଟ ଗ୍ରାମ୍ୟ ଉନ୍ନୟନ ରାସ୍ତାଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାର କଦର୍ଯ୍ୟ ରୂପ ଯୋଗୁଁ ଶ୍ରୀଜିଉଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଦୁର୍ଘଟଣା ଭୟରେ ଅଧିକାଂଶ ଗାଡ଼ିମୋଟର ବାଣପୁର ଓ କଲେଜ ରାସ୍ତା ଦେଇ ଯାତାୟତ କରୁଛନ୍ତି। ଏହି ରାସ୍ତାର ନବୀକରଣ ପାଇଁ ବିଭିନ୍ନ ସମୟରେ ଖବରକାଗଜରେ ଖବର ପ୍ରକାଶ ପାଇବା ସହ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ସ୍ଥାନୀୟ ଜନସାଧାରଣ ଖଣ୍ଡପଡ଼ା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନସାଧାରଣଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଗତକାଲି (ଗୁରୁବାର) ବିଧାନସଭାରେ ଶୂନ୍ୟକାଳ ପ୍ରଶ୍ନ ମାଧ୍ୟମରେ ଏହି ପ୍ରସଙ୍ଗ ଉଠାଇଥିଲେ। ବାଚସ୍ପତିଙ୍କ ଜରିଆରେ ସେ ଶୁଳିଆ-କଣ୍ଟିଲୋ ଗ୍ରାମ୍ୟ ଉନ୍ନୟନ ରାସ୍ତାର ନିର୍ମାଣ, ସମ୍ପ୍ରସାରଣ ଓ ନବୀକରଣ ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ପ୍ରତ୍ୟୁତ୍ତରରେ ମନ୍ତ୍ରୀ ଯଥାଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ଏହି ଉଦ୍ୟମ ପାଇଁ ଅଞ୍ଚଳବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ବିଧାୟକ ଶ୍ରୀ ସ୍ୱାଇଁଙ୍କୁ ସାଧୁବାଦ ଜଣାଇଛନ୍ତି।



150
ନିଜର ଜ୍ଞାନ ଉପରେ ଆବଶ୍ୟକତା ଠାରୁ ବିଶ୍ୱାସ କରିବା ମୂର୍ଖତା ଅଟେ । ଏଠାରେ ସ୍ମରଣ କରାଇଦେବା ଉଚିତ ହେବ ଯେ ଜଣେ ଦୁର୍ବଳ ବ୍ୟକ୍ତି ସବୁଠାରୁ ମଜବୁତ
- ଗାନ୍ଧୀ ବାଣୀ



ନିତିଦିନ NITIDIN

## ସାତ ରଙ୍ଗର ପରଜାପତି



ଦିଲ୍ଲୀପ କୁମାର ସାହୁ

ସାତ ରଙ୍ଗର ପରଜାପତି
ଆଠରଙ୍ଗର ଫୁଲ
ଫଗୁଣ ବୁଣେ ରଙ୍ଗ ମୁରୁଜ
ମହକେ ବଣ ବିଲ ।
ସବୁରି ଆଖି ଯାଏରେ ଲାଖି
ଦେଖି ଏ ଫୁଲ ରୂପ
ପରଜାପତି ତା ପାଇଁ ନିତି
ଲେଖଇ ନୂଆ ଗପ ।
ଏମିତି ରଙ୍ଗ ଏତେ ମହକ
ସୁନ୍ଦର କିଆଁ ଫୁଲ !
କାହିଁକି ଆସି ପରଜାପତି
କରଇ ଏତେ ଗେଲ ?
ସୂରୁଯ ଦିଏ ରଙ୍ଗେଇ ତାକୁ
ପାଖୁଡ଼ା ତାର ହସେ
ପରଜାପତି ପାଗଳ ହୁଏ
ଫୁଲତ ଯେବେ ବାସେ ।
ତା ରୂପ ରଙ୍ଗ ମହକ ତାର
ସଭିଙ୍କୁ ନିଏ ମୋହି
ଦୁନିଆ ଦିଶେ ଭାରି ସୁନ୍ଦର
ତା ରୂପ ରଙ୍ଗ ପାଇଁ ।
ପରଜାପତି ତା ପ୍ରିୟ ଅତି
କଅଁଳ ଡେଣା ମେଲି
ତା' ପାଶେ ଆସି ଦିଏ ଆଉଁସି
କୋଳରେ ତାର ଝୁଲି ।
ଫୁଲ ପାଖୁଡ଼ା ପରଜାପତି
ଆଖି ରୁହଇ ଲାଖି
ଅବୁଝା ମନ ଦେଖେ ସପନ
ସେ ରୂପ ରଙ୍ଗ ଦେଖି ।

**ଶଙ୍କରପୁର, ଚାରବାଟିଆ**
**ମୋ: ୭୦୭୭୨୦୬୯୭୭**

## ରଙ୍ଗିନ ହେଉ ଏ ମନ



କବିତା ମିଶ୍ର

ଆଈ ହସି ହସି କହିଲେ ଅଜାକୁ
ଦୋଳ ଯାତ ଦେଖି ଯିବା
ରାଧା ଗୋବିନ୍ଦଙ୍କ ଯୁଗଳ ମୂରତି
ଖୁସିରେ ବୁଲି ଦେଖିବା ।
ସଜ ହୋଇଗଲେ ଅଜା ଆଈ ଦୁହେଁ
ଯାତରାକୁ ଯିବା ପାଇଁ
ଆଈ ହାତ ଧରି ଅଜା ଚାଲୁଛନ୍ତି
ଗାଆଁ ଦାଣ୍ଡ ଦୁଲୁକେଇ ।
ବାଣ ରୋଶଣିରେ ମେଳନ ପଡ଼ିଆ
ଚକମକ ଦିଶୁଅଛି
ଧାଡ଼ି ଧାଡ଼ି କେତେ ଦୋକାନ ବସିଛି
ଆନନ୍ଦରେ ମନ ମୋହୁଛି ।
ବରା ତରକାରୀ ରସଗୋଲା କିଣି
ଖାଇଲେ ସେ ବୁଲି ବୁଲି
ଚକିରି ଦୋଳିରେ ଅଜା ଆଈ ବସି
ମଜାରେ ଖେଳିଲେ ଦୋଳି ।
ଅଜା ଆଈଙ୍କର ଏତେ ସୁଖ ଦେଖି
ନାତି ନାତୁଣୀ ଘେରିଲେ
ରଙ୍ଗ ଅବିରକୁ ତାଙ୍କ ମୁହେଁ ବୋଳି
ତାଳିମାରି ନାଚି ଥିଲେ ।
ହସି ହସି ଅଜା କହିଲେ ଆଈକୁ
ଆଜିର ପିଲାଙ୍କୁ ଦେଖ
ମଉଜ କରନ୍ତି ମୋ ନାତି ନାତୁଣୀ
ତାଙ୍କୁଠାରୁ ଟିକେ ଶିଖ ।
ସବୁଦିନେ ଆସୁ ଏ ଦୋଳ ଯାତରା
ରଙ୍ଗିନ ହେଉ ଏ ମନ
ରାଧା ବନମାଳୀ ଆଶିଷ ଢାଳନ୍ତୁ
ସୁଖେ କଟିଯାଉ ଦିନ ।

**ସେକ୍ଟର-୩/୫୫**
**ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧**
**ମୋ: ୯୯୩୭୦୩୩୭୫୦**

## ହସିବ ଜନମ ଭୂଇଁ



କନ୍ଦର୍ପ ବେହେରା

ମୁନା ,କୁନା ,କୁନି,
ଟିକି ଚୁନା ,ଚୁନି
ତୁମେ ତ ଅଫୁଟା ଫୁଲ,
ଆଜି ନ ହେଲେ ବି
କାଲିକି ଫୁଟିବ
କିଏ ହେବ ସମତୁଲ ॥
ସଭିଙ୍କ ମନରେ
ହସ ଭରିଦେବ
କରିବ ଦେଶର ହିତ,
ସାରା ଜଗତକୁ
ବାସ ଚହଟାଇ
ରଖିବ ମାନ ମହତ ॥
ଭଲ କାମ କଲେ
ହସିବ ଏ ଦେଶ
ହସିବ ଜନମ ଭୂଇଁ,
କଢିରୁ ତ ଫୁଲ
ହୋଇ ଫୁଟୁଥିବ
ବାସ ଚହଟାଇ ଦେଇ ॥
ମୁନା ,କୁନା ,କୁନି,
ଟିକି ଚୁନା ,ଚୁନି
ପଢାରେ ଦେବ ଧିଆନ,
କାମ କରିଯିବ
ଗାଆଁ ମାଟି ପାଇଁ
ରଖିବ ଦେଶର ମାନ ॥

**ଉଇଁଚା, ରେଢାଖୋଲ,**
**ସମ୍ବଲପୁର**
**ମୋ-୭୦୭୭୫୭୯୩୧**

## ମନକୁ ନିଅଇ କିଣି



ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

ମୋ ଆମ୍ବଗଛରେ ବଉଳ ଆସିଛି
ଦିଶଇ କେଡ଼େ ସୁନ୍ଦର
ସକାଳୁ ସକାଳୁ ମହୁମାଛି ଆସି
ଲଗାଏ କେତେ ହୁନ୍ଦର ।
ବାଦୁଆ କୁହୁଡ଼ି ଦିଏ ତାକୁ ପୋଡ଼ି
ମୁହଁ କରିଦିଏ କଳା
ତଥାପି ବଉଳ ଚଣା ହେବା ପାଇଁ
କରେ ନାହିଁ କେବେ ହେଳା ।
ଚଣା ହୋଇଗଲେ ସବୁଜ ଦିଶଇ
ମନକୁ ନିଅଇ କିଣି
ସେଇ ଚଣା ଦିନେ ଆମ୍ବ ହୋଇଯିବ
କେହି ପାରିବେନି ଜାଣି ।
କଞ୍ଚା ଆମ୍ବ ପାଇଁ ପିଲାମାନଙ୍କର
ଭିଡ଼ ହେବ ଗଛମୂଳରେ
କିଏ ତୋଳୁଥିବ କିଏ ଚାହିଁଥିବ
କିଏ ବସିଥିବ ତଳେ ।
ଗଛର ମାଲିକ ଜଗିବସିଥିବ
ବାଡ଼ିଟିଏ ହାତେ ଧରି
ତାକୁ ଦେଖି ଦେଇ ଦୂରରୁ ପିଲାଏ
ଯାଉଥିବେ କେଣେ ଡରି ।
ଏଇ ପରା ଭାଇ ପ୍ରକୃତି ନିୟମ
ତାକୁ କେ କରିବ ଆନ
ଗଛର ଯତନ ନେଉଥିବା ଆମେ
ସେ ପରା ଆମରି ଧନ ।

**କ୍ୱାର୍ଟର ନମ୍ବର ଆଇ.ଭି ୫୦/୧,**
**ୟୁନିଟ-୩,ଭୁବନେଶ୍ୱର-୧**
**ମୋ: ୬୩୭୨୯୧୫୪୧୮**

## ଆମ ଗର୍ବ, ଆମ ଗୌରବ



### ଦୀନବନ୍ଧୁ ପୋଇ

**ଜନ୍ମ ତାରିଖ: ୨ ଏପ୍ରିଲ, ୧୯୬୯**
**ଜନ୍ମସ୍ଥାନ/ ସ୍ଥାୟୀ ଠିକଣା: ଗୋରଡ଼ାପାଳ, କରମୂଳ, ମହିମାଗାଦି, ଜି: ଢେଙ୍କାନାଳ**
**ମୋ: ୯୯୩୮୮୦୨୪୧୨**

ରାଜ୍ୟର ଜଣେ ଆଗଧାଡ଼ିର ଶିଶୁସାହିତ୍ୟିକ । ଉଭୟ ଗଳ୍ପ ଓ କବିତା କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ଲେଖନୀୟ କୃତିତ୍ୱ ପାଇଁ ସାଂସ୍କୃତିକ କଳା ପରିଷଦ, ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡ଼େମୀ, ମା ନାରାୟଣୀ ସାହିତ୍ୟ ସଂସ୍କୃତି ପରିଷଦ ସମ୍ମାନ ସହ ଅପରାହ୍ଣ ସ୍ପନ୍ଦନ ସମ୍ମାନ, ଟିକି ତାରା ସମ୍ମାନ ଆଦି ପୁରସ୍କାରରେ ସମ୍ମାନିତ । ଜଣେ ଆଦର୍ଶବାଦୀ ଶିକ୍ଷକ ରୂପେ ରାଜ୍ୟସ୍ତରୀୟ ଶିକ୍ଷାଜ୍ୟୋତି ସମ୍ମାନ ଲାଭ କରିଛନ୍ତି ।

**ଆମ ପ୍ରଶ୍ନ:** ପଚାଶ ବର୍ଷ ତଳର ଓଡ଼ିଆ ଶିଶୁସାହିତ୍ୟ ଓ ବର୍ତ୍ତମାନ ଶିଶୁ ସାହିତ୍ୟ ମଧ୍ୟରେ କି ପାର୍ଥକ୍ୟ ଅନୁଭବ କରୁଛନ୍ତି ?

**ଆପଣଙ୍କ ଉତ୍ତର:** ପଚାଶ ବର୍ଷ ତଳେ ରାଜ୍ୟରେ ଶିଶୁସାହିତ୍ୟର ଯଥେଷ୍ଟ ଆଦର ଥିଲା । ସେତେବେଳେ ଲୋକମାନେ ବହି ଓ ପତ୍ରପତ୍ରିକା କିଣି ପଢ଼ିବା ସଙ୍ଗେ ସଙ୍ଗେ ପିଲାମାନଙ୍କୁ ମଧ୍ୟ ତାହା ଯୋଗାଇଦେଉଥିଲେ । ବର୍ତ୍ତମାନ ଇଂରାଜୀ ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ପିଲାମାନଙ୍କ ଶିଶୁସାହିତ୍ୟ ପଠନ ରୁଚି ଦ୍ରୁତ ଗତିରେ ହ୍ରାସ ପାଉଛି । ସେତେବେଳେ ଲେଖକଙ୍କ ସଂଖ୍ୟା ସୀମିତ ଥିଲା ଏବଂ ଅଧିକାଂଶ ଲେଖକ ଲେଖାର ସଂଖ୍ୟା ଅପେକ୍ଷା ମାନ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ବର୍ତ୍ତମାନ କିନ୍ତୁ ଲେଖକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । କିନ୍ତୁ ଅନେକ ଲେଖକ ଲେଖାର ମାନ ବୃଦ୍ଧି ଅପେକ୍ଷା ପ୍ରକାଶନ ସଂଖ୍ୟା ବୃଦ୍ଧିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ପଚାଶ ବର୍ଷ ତଳେ ଯେତିକି ଶିଶୁ ପତ୍ରିକା ପ୍ରକାଶ ପାଉଥିଲା, ସେସବୁ ନିୟମିତ ଥିଲା । ଏବେ ତାହାର ବିପରୀତ ଗତି ଦେଖିବାକୁ ମିଳୁଛି । ପୂର୍ବ ତୁଳନାରେ ଶିଶୁ ପୁସ୍ତକ ସଂଖ୍ୟା ଯଥେଷ୍ଟ ବଢ଼ିଛି । କିନ୍ତୁ ମାନ ଓ ଉପଯୋଗିତା କମି କମି ଚାଲିଛି । ଅବଶ୍ୟ ସେତେବେଳେ ରେଡ଼ିଓ, ଟିଭି, ଖବରକାଗଜ ସୀମିତ ଥିଲା । ଏବେ ଟିଭି, ୱେବସାଇଟ, ଫେସ୍‌ବୁକ୍, ହ୍ୱାଟସଆପ, ଇନଷ୍ଟାଗ୍ରାମ ଓ ଆହୁରି ଅନେକ ସୋସିଆଲ ମିଡ଼ିଆରେ ପିଲାମାନେ ଅନେକ କଥା ଦେଖୁଛନ୍ତି । କିନ୍ତୁ ଶିଶୁସାହିତ୍ୟ କମ୍ ।

## ଶିଶୁଟିଏ ହେବ ବଡ଼

ଆଜି ଯିଏ ଶିଶୁ କାଲି ସିଏ ବଡ଼
କଥାଟି ଅଟଇ ସତ
ଇତିହାସ ପୃଷ୍ଠା ଆଡ଼େଇ ପଢ଼ିଲେ
ମିଳେ ନାମ ଶତ ଶତ ।
ଧରମା, ବାଜିଆ, ଲକ୍ଷ୍ମଣ ଜୟିଆ
ଥିଲେ ଦିନେ ପରା ଶିଶୁ
ତାଙ୍କ ଯଶ କୀର୍ତ୍ତି ଗୁଣ ନୀତିକାନ୍ତି
ଯୋଗୁ ଆଜି ଆମେ ହସୁ ।
ବକ୍ସି ଜଗବନ୍ଧୁ ଆଉ ଗୋପବନ୍ଧୁ
ଥିଲେ ସ୍ୱାଧୀନତା ବୀର
ବୀର ପ୍ରସବିନୀ ଉତ୍କଳ ଜନନୀ
ଦେଇଛି ଜନମ ତାର ।
ଫକିର ମୋହନ ଭୀମ ଗଙ୍ଗାଧର
ଥିଲେ ଯେ ସାହିତ୍ୟ ରଥୀ
ତାଙ୍କରି ଗଳପ, କବିତା ପ୍ରସିଦ୍ଧ
ଜୀବନ୍ତ ଅଛି 'ରେବତୀ' ।
ମୀରା ଲକ୍ଷ୍ମୀବାଇ ଇନ୍ଦିରା ନନ୍ଦିନୀ
ଥିଲେ ମହୀୟସୀ ନାରୀ
ଶିଶୁ ସିଏ ଥିଲେ ଯଶ ଅରଜିଲେ
ଦେଖି ଚମକିଲେ ଅରି ।
ଶିଶୁ ନୁହେଁ ଛୋଟ ସିଏ ନିଶ୍ଚେ ବଡ଼
ହୋଇବ ଏହା ପ୍ରମାଣ
ତାଙ୍କୁ ହସାଇଲେ ସେବା ଯତ୍ନ ଦେଲେ
ଫୁଟାଇବେ ସେ କମାଣ ।



## ଲୋଭର ଫଳ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ସୀତାରାମପୁର ନାମକ ଏକ ଗ୍ରାମ ଥିଲା । ସେଠାରେ ଏକ ବୃଦ୍ଧ ଦମ୍ପତି ରହୁଥିଲେ । ସେମାନେ କାଠ ହାଣି ପରିବାର ପ୍ରତିପୋଷଣ କରୁଥିଲେ । ଦାରିଦ୍ର୍ୟ ସତ୍ତ୍ୱେ, ସେମାନେ ସଚ୍ଚୋଟ ଥିଲେ । ତାଙ୍କ ପଡୋଶୀରେ ଷାଠିଏ ବର୍ଷରୁ ଅଧିକ ବୟସର ଜଣେ ଦୁଷ୍ଟ, ଅତ୍ୟନ୍ତ ଲୋଭୀ ବ୍ୟବସାୟୀ ରହୁଥିଲେ । ସେ ସବୁବେଳେ କାହାକୁ ଠକିବା ପାଇଁ ଚିନ୍ତା କରୁଥିଲେ । ବୃଦ୍ଧ ଦମ୍ପତି ସର୍ବଦା ଭଗବାନଙ୍କ ଭକ୍ତିରେ ବୁଡ଼ି ରହୁଥିଲେ । ଦିନେ ରାତିରେ, ଭଗବାନ ବିଷ୍ଣୁ ସେମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ କହିଲେ, ଭକ୍ତ, ମୁଁ ତୁମ ଭକ୍ତିରେ ପ୍ରୀତ ହେଲି, ତୁମେ କ'ଣ ଚାହୁଁଛ ?'

ବୃଦ୍ଧ ବ୍ୟକ୍ତି ନମ୍ରତାର ସହିତ ଉତ୍ତର ଦେଲେ, 'ପ୍ରଭୁ, ମୋର ବୃଦ୍ଧାବସ୍ଥା ଯୋଗୁଁ ମୁଁ ଆଉ କାଠ ହାଣି ପାରିବି ନାହିଁ । ମୁଁ ଶାରୀରିକ ଦୁର୍ବଳତାରେ ପୀଡିତ । ଏବେ ଆମେ କିପରି ଚଳିବୁ ଯାଣି ପାରୁନି । ଭଗବାନ ଉତ୍ତର ଦେଲେ, ଏଠାରୁ କିଛି ମାଇଲ ଦୂରରେ ଏକ ବଗିଚା ଅଛି । ସେହି ବଗିଚାରେ ରହିବା ଦ୍ୱାରା ବ୍ୟକ୍ତିର ବୟସ ବୃଦ୍ଧି ପାଏ । କିନ୍ତୁ ସେହି ବଗିଚାର ମଧ୍ୟ ଭାଗରେ ଏକ ପୋଖରୀ ଅଛି । ସେଥିରେ ସ୍ନାନ କଲେ ବ୍ୟକ୍ତିର ବୟସ ହ୍ରାସ ପାଏ, ଅର୍ଥାତ୍ ଜଣେ ଶୈଶବକୁ ଫେରିଯାଏ । ଭଗବାନ କହିଲେ, 'ସେହି ପୋଖରୀରେ ତିନୋଟି ବୁଡ଼ ପକାଇ ତୁରନ୍ତ ପଳାଇ ଆସିବ, ନଚେତ୍ ପ୍ରଭାବ ଓଲଟା ହୋଇଯିବ ।' ପରଦିନ, ବୃଦ୍ଧ ଦମ୍ପତି ପୋଖରୀରେ ତିନୋଟି ବୁଡ଼ ପକାଇ ତୁରନ୍ତ ଫେରି ଆସିଲେ ।



ବୁଡ଼ ପକାଇବା ଯୋଗୁଁ ବୃଦ୍ଧ ଦମ୍ପତି ଯୁବକ, ଯୁବତୀ ହୋଇଗଲେ । ଯେତେବେଳେ ପଡୋଶୀ ଲୋଭୀ ବ୍ୟବସାୟୀ ଦେଖିଲେ ଯେ ସେମାନେ ଯୁବକ ହୋଇଯାଇଛନ୍ତି, ସେ ଈର୍ଷା କଲା । ସେମାନଙ୍କ ପାଖକୁ ଯାଇ ସେମାନଙ୍କ ଯୌବନର ରହସ୍ୟ ପଚାରିଲା । ସେମାନେ ବ୍ୟବସାୟୀଙ୍କୁ ସବୁ ସତ କଥା କହିଲେ । ପରଦିନ ସକାଳେ, ବ୍ୟବସାୟୀ ବଗିଚା ଆଡ଼କୁ ଗଲା । ଉଦ୍ୟାନରେ ପହଞ୍ଚି ସେ ପୋଖରୀରେ ବୁଡ଼ିବାକୁ ଲାଗିଲା । ଗୋଟିଏ ବୁଡ଼ରେ ସେ ପଚାଶ ବର୍ଷ ବୟସ୍କ ହୋଇଗଲା, ଦ୍ୱିତୀୟ ବୁଡରେ ଚାଳିଶ, ତୃତୀୟରେ ତିରିଶ ବର୍ଷ ବୟସ୍କ ହୋଇଗଲା । ଏହିପରି, ବ୍ୟବସାୟୀ ବୁଡ଼ି ଚାଲିଲା, ଏବଂ ତାଙ୍କ ବୟସ ଦଶ ବର୍ଷକୁ ହ୍ରାସ ପାଇଲା । ତା'ପରେ ହିଁ ସେ ଚେତା ଫେରି ପାଇଲା । ସେ ପୋଖରୀରୁ ଉଠି ଦୌଡ଼ିବାକୁ ଚେଷ୍ଟା କଲା, କିନ୍ତୁ ଦଶ ବର୍ଷ ହୋଇଥିବାରୁ ସେ ଝୁଣ୍ଟି ପଡ଼ିଗଲା । କିଛି ସମୟ ଧରି ଉଠି ପାରିଲା ନାହିଁ, ବହୁତ ସମୟ ବଗିଚାରେ ରହିବା ଦ୍ୱାରା ତାଙ୍କର ବୟସ ବଢ଼ି ଚାଲିଲା । ବ୍ୟବସାୟୀ ଜଣକ ସତୁରି, ତା'ପରେ ଅଶୀ, ତା'ପରେ ନବେ ବର୍ଷ ବୟସ୍କ ହୋଇଗଲା । ବୟସ ବଢ଼ି ଯିବାରୁ ତାର ମୃତ୍ୟୁ ହେଲା । ଏହିପରି, ଲୋଭୀ ବ୍ୟବସାୟୀର ଅନ୍ତ ଘଟିଲା ।

## ମିଛ ଲାଗିଲେ ବି ସତ



### ଗଛ ପୋଲ

କେନାଲ, ନାଳ, ଝରଣା ବାନଦୀ ଉପରେ ପୋଲ ତିଆରି ହୋଇଥାଏ । କେଉଁଠି କାଠ ପଟାରେ ତ କେଉଁଠି କଂକ୍ରିଟରେ, କେଉଁଠି ପୁଣି ଦଉଡ଼ି ବା ତାରରେ । ବେଳେବେଳେ ତାଳ ବା ନଡ଼ିଆ ଗଛ ଗଣ୍ଡିକୁ ଛୋଟ ନାଳ ଉପରେ ପକାଇ ଲୋକେ ତାହାକୁ ପୋଲ ରୂପେ ବ୍ୟବହାର କରିଥାନ୍ତି । କିନ୍ତୁ ଜୀବନ୍ତ ଗଛକୁ ପୋଲ ରୂପେ ବ୍ୟବହାର କରାଯିବା ସାଧାରଣତଃ ଦେଖାଯାଇନଥାଏ । କିନ୍ତୁ ମେଘାଳୟରେ ରହିଛି ଏଭଳି ପୋଲ । ବିଶେଷ କରି ପୂର୍ବ ଖାସି ପାହାଡ଼ିଆ ଅଞ୍ଚଳରେ ଏସବୁ ପୋଲ ରହିଛି । ଦକ୍ଷିଣ ଏସିଆର କେତେକ ଅଞ୍ଚଳରେ ମଧ୍ୟ ଏଭଳି ପୋଲ ଦେଖିବାକୁ ମିଳେ । ଫିକାସ୍ ଜାତୀୟ ଗଛଗୁଡ଼ିକର ଚେର ଲମ୍ବା ଓ ଶକ୍ତ । ଏହି ଚେର କ୍ରମାଗତ ବଢୁଥାଏ । ପ୍ରାୟ ୫୦ଫୁଟ ପର୍ଯ୍ୟନ୍ତ ଓସାର ଥିବା ଝରଣା ଓ ନାଳରେ ଏଭଳି ପ୍ରାକୃତିକ ପୋଲ ରହିଛି ।

## ପ୍ରାଣୀ ଜଗତ

### ଓଲିଙ୍ଗୋ

ଏହାର ନାମ ଓଲିଙ୍ଗୋ । ଏହା ଏକ ରାକୁନ ଜାତୀୟ ପ୍ରାଣୀ । କେନ୍ଦ୍ରୀୟ ଆମେରିକାରୁ ଦକ୍ଷିଣ ଆମେରିକା ଏବଂ ବ୍ରାଜିଲରେ ଏମାନଙ୍କୁ ଦେଖିବାକୁ ମିଳେ । ବିଷୁବ ମଣ୍ଡଳୀୟ ଅରଣ୍ୟରେ ସେମାନେ ବାସ କରନ୍ତି । ଫଳ ମୂଳ ସେମାନଙ୍କ ମୁଖ୍ୟ ଖାଦ୍ୟ ହୋଇଥିଲେ ମଧ୍ୟ ମଝିରେ ମଝିରେ କୀଟ ପତଙ୍ଗ ସହ ସରୀସୃପ ଜାତୀୟ ଛୋଟ ଛୋଟ ପ୍ରାଣୀଙ୍କୁ ମଧ୍ୟ ଖାଇଥାନ୍ତି । ଅଧିକାଂଶ ସମୟ ସେମାନଙ୍କ ଗଛ ଉପରେ ହିଁ କଟିଥାଏ । କଦବା କେମିତି ସେମାନେ ତଳକୁ ଓହ୍ଲାଇଥାନ୍ତି ।

ଗଛରୁ ଗଛକୁ ଡେଇଁବାରେ ସେମାନେ ଖୁବ୍ ଓସ୍ତାଦ । ଏଭଳି ଡେଇଁବାରେ ସେମାନଙ୍କ ଲମ୍ବା ଲାଞ୍ଜ ଖୁବ୍ ସାହାଯ୍ୟ କରିଥାଏ । ଓଲିଙ୍ଗୋର ଲମ୍ବ ୩୫ରୁ ୪୮ ସେଣ୍ଟିମିଟର ଏବଂ ଓଜନ ୯୦୦ ଗ୍ରାମରୁ ଦେଢ଼ କିଲୋ । ଏମାନେ ପ୍ରାୟ ୫ ବର୍ଷ ବଞ୍ଚିଥାନ୍ତି ।



## ସବୁଠୁ ବୟସ୍କ ପୁରୁଷ

ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତି (ପୁରୁଷ) ହେଉଛନ୍ତି ଜୋଆଓ ମାରିନୋ ନେଟୋ । ୨୦୨୫ ଅକ୍ଟୋବର ୫ ତାରିଖରେ ତାଙ୍କୁ ୧୧୨ ବର୍ଷ ପୂରିଛି ଏବଂ ସେ ୧୧୩ ବର୍ଷରେ ପଦାର୍ପଣ କରିଛନ୍ତି । ପୂର୍ବରୁ ଏହି ରେକର୍ଡ଼ ବ୍ରିଟେନର ଜନ୍ ଟିନିସଉଡ଼ଙ୍କ ନାମରେ ଥିଲା । ସେ ଗତବର୍ଷ ନଭେମ୍ବରରେ ପ୍ରାଣ ହରାଇବା ପରେ ଗିନିଜ ୱାର୍ଲଡ ରେକର୍ଡ଼ସ ପକ୍ଷରୁ ଜୋଆଓ ନେଟୋଙ୍କୁ ବର୍ତ୍ତମାନ ବଞ୍ଚିଥିବା ସବୁଠୁ ବୟସ୍କ ପୁରୁଷ ଘୋଷଣା କରାଯାଇଛି । ଜୋଆଓଙ୍କ ଜନ୍ମ ଏକ କୃଷକ ପରିବାରରେ ହୋଇଥିଲା । ସେ ଜୋସେଫା ଡସ୍ ସନ୍ତୋଷାଙ୍କୁ ବିବାହ କରିଥିଲେ । ୧୯୨୦ ମସିହାରେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ଘଟିଥିଲା । ଏବେ ତାଙ୍କର ୬ଜଣ ପୁଅ ଝିଅ, ୨୨ଜଣ ନାତିନାତୁଣୀ ଏବଂ ୧୫ଜଣ ଅଣନାତିନାତୁଣୀ ଅଛନ୍ତି ।



## ତୁମ ପାଇଁ ବହି



### ନବୀନର ମୟୂର

**ମୂଳ ରଚନା (କନ୍ନଡ଼)- ଏଚ.ଏସ ବ୍ୟାକୋଡ଼**
**ଅନୁବାଦ : ପ୍ରଶାନ୍ତ କୁମାର ମଙ୍ଗରାଜ**
**ପ୍ରକାଶକ: ଶିକ୍ଷାଶ୍ରୀ ପବ୍ଲିକେଶନ, ପୁରୀ**
**ମୂଲ୍ୟ: ୧୦୦ ଟଙ୍କା**

ଏହା ଏକ ଶିଶୁ ଉପନ୍ୟାସ । ଏହାର ମୁଖ୍ୟ ଚରିତ୍ର ହେଉଛି ମୟୂର । ନବୀନ ନାମକ ଛୋଟ ପିଲାଟିଏ ସ୍କୁଲ ଯାଉଥିବା ବେଳେ ଦିନେ କିଛି ମୟୂରଙ୍କୁ ଦେଖିଲା । ଏହାର ଅଳ୍ପ ଦିନପରେ ମୟୂର ଅଣ୍ଡାଟିଏ ପାଇ ଘରକୁ ଆଣିଲା । ଘରେ ଥିବା କୁକୁଡ଼ାର ଯତ୍ନରେ ଅଣ୍ଡାଟି ଫୁଟିଲା ଏବଂ ମୟୂର ଛୁଆ ବଡ଼ ହୋଇ ଦିନେ ଜଙ୍ଗଲକୁ ଉଡ଼ି ଗଲା । ଏ ବିଷୟବସ୍ତୁକୁ ଉପନ୍ୟାସରେ ସୁନ୍ଦର ବର୍ଣ୍ଣନା କରାଯାଇଛି । ଯାହା ଖୁବ୍ ହୃଦୟସ୍ପର୍ଶୀ ।

## କୁନାକୁନିଙ୍କ ଚିତ୍ର





ସ୍ୱସ୍ତିତପା ମେକାପ, କ୍ଲାସ୍-୪, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିମାପଡ଼ା, ଜି:ପୁରୀ



ଏ.ଅଭିଲାଷ ପାତ୍ର, କ୍ଲାସ୍-୪, ପ୍ରଭୁଜୀ ଇଂଲିଶ୍ ମିଡ଼ିୟମ୍ ସ୍କୁଲ, ଭୁବନେଶ୍ୱର



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

# ଡାହାଣୀ କୁପ୍ରଥା ଓ ମହିଳା ନିର୍ଯାତନା ବିରୋଧରେ ଜିଲ୍ଲାସ୍ତରୀୟ ସଚେତନତା



**କେନ୍ଦୁଝର,୨୦।୨/ଏନ୍ଏନ୍ଏସ୍:** ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା ସହ ଡାହାଣୀ ସନ୍ଦେହରେ ହେଉଥିବା ଅମାନୁଷିକ ନିର୍ଯାତନାକୁ ରୋକିବା ପାଇଁ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ୍ରମେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ମହିଳାଙ୍କ ସୁରକ୍ଷା ଓ ଆଇନଗତ ଅଧିକାର ଉପରେ ଗୁରୁତ୍ୱାରୋପ କରି ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଏକ ଗୁରୁତର ଅପରାଧ ବୋଲି କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭା ସ୍ୱାଇଁ କହିଥିଲେ ଯେ ମନରୁ ଅନ୍ଧବିଶ୍ୱାସର ଡର ଦୂର କଲେ ସମାଜରୁ ଏହି ବ୍ୟାଧିକୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିବ। ଆଇନଜୀବୀ ସୁନୀଲ କୁମାର ମହାନ୍ତ ଯୋଗଦେଇ ଓଡ଼ିଶା ଡାହାଣୀ ନିର୍ଯାତନା ନିରୋଧ ଆଇନ-୨୦୧୩ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଜିର ଆଧୁନିକ ଯୁଗରେ ମଧ୍ୟ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସ ସମାଜରେ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଶେଷକରି ଆଦିବାସୀ ବହୁଳ ଅଞ୍ଚଳରେ ଲୋକଙ୍କୁ ସଚେତନ କରିବା ଏବଂ ଶିକ୍ଷାର ପ୍ରସାର କରିବା ଦ୍ୱାରା ହିଁ ଏହି କୁପ୍ରଥାକୁ ମୂଳୋତ୍ପାଟନ କରାଯାଇପାରିବ। ଜରୁରିକାଳୀନ ସ୍ଥିତିରେ ମହିଳାଙ୍କୁ ସହାୟତା ପାଇଁ ୧୮୧, ଶିଶୁଙ୍କ ପାଇଁ ୧୦୯୮ ଓ ପୁଲିସ୍ ସହାୟତା ପାଇଁ ୧୧୨ ନମ୍ବରକୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଗ୍ରାମାଞ୍ଚଳରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ଏହି ସଚେତନତା ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଆଶା, ଅଙ୍ଗନବାଡ଼ି କର୍ମୀ, ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ସିଡିପିଓ, ସୁପରଭାଇଜର୍ ଓ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଳକଷ୍ଟ ଦୂର ପାଇଁ ଭଞ୍ଜସେନା ପକ୍ଷରୁ ଧାରଣା

## ଦାବିପୂରଣ ନହେଲେ ୱାଟ୍‌କୋ ଓ ଆର୍‌ଡବ୍ଲ୍ୟୁଏସ୍ଏସ୍ ଅଫିସ୍ ଅଚଳ ଚେତାବନୀ

**ବାରିପଦା,୨୦।୨/ଏନ୍ଏନ୍ଏସ୍:** ଗ୍ରୀଷ୍ମ ଋତୁ ପ୍ରାରମ୍ଭରୁ ଅନୁଭୂତ ହେଉଥିବା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜଳକଷ୍ଟ ଦୂର ପାଇଁ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ୱାଟ୍‌କୋ ଅଫିସ୍ ଓ ବାରିପଦା ଆରଡବ୍ଲୁଏସ୍ଏସ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏଥିରେ ଅଧକ୍ଷ ସଞ୍ଜୀବ ରାଉତ, ରାକେଶ ମହାନ୍ତି, ଏସ୍‌କେ ରାଜାଖାନ, ଜ୍ୟୋତିରଞ୍ଜନ ପୃଷ୍ଟି, ଦୀପକ କୁମାର ବେହେରା, ସଞ୍ଜୟ ମାହାଣା, ସଞ୍ଜୟ ମହାନ୍ତ, ରୁଦ୍ର ପଟ୍ଟନାଏକ, ମନୋଜ ମହାନ୍ତି, ପ୍ରଦୀପ ପଣ୍ଡା, ସାଫଲ୍ୟ ମିଶ୍ର, ସିଙ୍ଗରାୟ ହେମ୍ବ୍ରମ୍, ସତ୍ୟ ପୃଷ୍ଟି, ସୁମିତ




ରାଉଳ, ଲିପୁନ ପୃଷ୍ଟି, ପ୍ରିୟଂଗୁ ଖଟୁଆ, ଓମ୍ ପ୍ରକାଶ ବାରିକ, ମନୋରଞ୍ଜନ ସାହୁ, ବାପୁନ ସିଂ, ଦୀପକ କୁମାର ପାତ୍ର ଓ ଆଶିଷ ବେହେରା ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତା ସାମିଲ୍ ହୋଇଥିଲେ।

ସେହିପରି ସମାନ ଦାବି ନେଇ ରାଇରଙ୍ଗପୁର ଆରଡବ୍ଲ୍ୟୁଏସ୍ଏସ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରାଯାଇଥିଲା। ଏଥିରେ ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା ଓ ଭାଗବତ ହେମ୍ବ୍ରମ୍‌ଙ୍କ ସହ ବହୁ କର୍ମକର୍ତ୍ତା ସାମିଲ୍ ହୋଇଥିଲେ। ଶେଷରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ମାଧ୍ୟମରେ ଯଥାଶୀଘ୍ର ଲୋକଙ୍କୁ କେବଳ ପ୍ରତିଶ୍ରୁତି ନଦେଇ ଶତପ୍ରତିଶତ ଚେଷ୍ଟା କରି ପାନୀୟଜଳ ଯୋଗାଇବା ଦାବି ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ପାନୀୟଜଳ ଯୋଗାଣରେ ଉଭୟ ବିଭାଗ ବିଫଳ ହେଲେ ଆଗାମୀ ଦିନରେ ଉପରୋକ୍ତ ଅଫିସ୍ ଗୁଡ଼ିକୁ ସମ୍ପୂର୍ଣ୍ଣ ଅଚଳ କରାଯିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ତହସିଲଦାର୍‌ଙ୍କ ଘରେ ଚଢ଼ଉ, ଖାଲି ହାତରେ ଫେରିଲା ଭିଜିଲାନ୍ସ

**ସୋର,୨୦।୨/ଏନ୍ଏନ୍ଏସ୍:** ପଥର ଗାଡ଼ି ଛାଡ଼ିବାକୁ ଲାଞ୍ଚ ନେଉଥିବା ଅଭିଯୋଗରେ ସୋର ତହସିଲଦାର୍ ଦୈତାରୀ ମଲିକଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ମାତ୍ର ତାଙ୍କ ଘର କିମ୍ବା ବାସଭବନରୁ କିଛି ନପାଇ ଭିଜିଲାନ୍ସ ଟିମ୍ ଖାଲି ହାତରେ ଫେରିଥିବା ଜଣାପଡ଼ିଛି। ଏପରିକି ଲାଞ୍ଚ ନେଉଥିବାବେଳେ ଧରାପଡ଼ିଥିବା ଦଲାଲ୍ ମଧ୍ୟ ତହସିଲଦାର୍ ଉକ୍ତ ଟଙ୍କାକୁ ଗ୍ରହଣ କରିନଥିବା କହିଛି।

ଗତ ୧୧ ତାରିଖରେ ବାଗୁଡ଼ି ପଥର ଖାଦାନରୁ ପଥର ଚୋରିର ଖବରପାଇ ତହସିଲଦାର୍ ଶ୍ରୀ ମଲିକ ଚଢ଼ଉ କରିଥିଲେ। ଏହି ସମୟରେ ୫ଟି ବେଆଇନ୍ ପଥର ଗାଡ଼ିକୁ ଜବତ କରି ସୋର ତହସିଲ୍ ପରିସରରେ ରଖିଥିଲେ। ଗାଡ଼ି ଗୁଡ଼ିକୁ ଛାଡ଼ିବା ପାଇଁ ୧ ଲକ୍ଷ ଟଙ୍କା ଦାବି କରିଥିବାବେଳେ ୪୦ ହଜାର ଟଙ୍କା ଟ୍ରକ୍ ମାଲିକ ସଂଘର ଜଣେ କର୍ମକର୍ତ୍ତା ମାଧ୍ୟମରେ ନେଉଥିବା ଅଭିଯୋଗରେ ଗୁରୁବାର ଅପରାହ୍ଣରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ସମୟରେ ଉକ୍ତ ଦଲାଲ୍‌ଙ୍କୁ ସୋର ବସଷ୍ଟାଣ୍ଡ ନିକଟରୁ ଟଙ୍କା ସମେତ ଗିରଫ କରାଯାଇଥିବା ବେଳେ ତହସିଲଦାର୍‌ଙ୍କୁ ତାଙ୍କ ଅଫିସ୍‌ରୁ ଗିରଫ କରାଯାଇଥିଲା। ପରେ ଆୟବର୍ହିଭୂତ ଟଙ୍କା ଠୁଳ ଅଭିଯୋଗରେ ତହସିଲଦାର୍‌ଙ୍କ ସୋର ବାସଭବନ, କାର୍ଯ୍ୟାଳୟ ଓ ଭୁବନେଶ୍ୱରରେ ଥିବା ଭଡ଼ା ଘରେ ଚଢ଼ଉ କରାଯାଇଥିଲା। ମାତ୍ର ଚଢ଼ଉ ପରେ କିଛି ମିଳିନଥିବା ବେଳେ ଗୋଟିଏ ପାସବୁକ୍ ଓ କିଛି କାଗଜପତ୍ର ଭିଜିଲାନ୍ସ ଟିମ୍ ସାଙ୍ଗରେ ନେଇଥିବା ସୂଚନା ମିଳିଛି। ଅନ୍ୟପଟେ ଗିରଫ ହୋଇଥିବା ଦଲାଲ୍ ଜଣଙ୍କ ୪୦ ହଜାର ଟଙ୍କା ତହସିଲଦାର୍‌ଙ୍କ ପାଇଁ ନେଇଥିବା ବେଳେ ତହସିଲଦାର୍ ତାହା ଗ୍ରହଣ ନକରିବାରୁ ଟଙ୍କା ଫେରସ୍ତ ଆଣିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ସୋର ବସଷ୍ଟାଣ୍ଡ ନିକଟରୁ ଧରିଥିବା ସ୍ୱୀକାର କରିଛି। ତେବେ କେଉଁ କାରଣରୁ ତହସିଲଦାର୍‌ଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କଲା ତାହା ସନ୍ଦେହଘେରରେ ରହିଛି।

# ସାଇବର୍ ଠକେଇ, ୨ ଗିରଫ



**ଯୋଡ଼ା,୨୦।୨/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ସାଇବର୍ ଅପରାଧ ରିପୋର୍ଟ ଏବଂ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ଦୋଗଡୁଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ଥାନା ପକ୍ଷରୁ ସାଇବର୍ ଅପରାଧ ମାମଲାରେ ୨ ଜଣଙ୍କୁ ଗିରଫ କରାଯିବା ସହ ୨ ଜଣଙ୍କୁ ଅଟକ ରଖାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଆଶିଷ ଦାସ ଓ ସରଫରାଜ ଆଲାମ୍। ଅଭିଯୁକ୍ତମାନେ ଲକ୍ଷାଧିକ ଟଙ୍କାର ସାଇବର୍ ଠକେଇରେ ସମ୍ପୃକ୍ତି ଥିବା ନେଇ ପୁଲିସ୍ ସୂଚନା ଦେଇଛି। ଏହାସହ ଗିରଫ ବେଳେ ସେମାନଙ୍କଠାରୁ ୪ଟି ମୋବାଇଲ୍ ଓ ବ୍ୟାଙ୍କ ଆକାଉଣ୍ଟ ଆଦି ଜବତ କରାଯାଇଛି। ଏନେଇ ପୁଲିସ୍ ଆଇଟି ଆକ୍ଟ ୨୦୦୦ ଧାରା ୬୬(ଡି) ଏବଂ ବିଏନ୍ଏସ୍‌ର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି। ପୁଲିସ୍‌ର ସୂଚନାନୁଯାୟୀ ଆଶିଷ ଓ ସରଫରାଜ ପଶ୍ଚିମବଙ୍ଗ କଲିକତାରେ ରହୁଥିବା ଆନ୍ତରାଜ୍ୟ ସାଇବର୍ ଲୁଟେରା ଗୌରବ କୁମାରଙ୍କ ଇଶାରାରେ ଗରିବ ମହିଳା, ବେରୋଜଗାରୀ ଯୁବକ ଓ ଆର୍ଥିକ ଦୁର୍ବଳ ଲୋକଙ୍କୁ କିଛି ପ୍ରଲୋଭନ ଦେଖାଇ ସେମାନଙ୍କ ଆକାଉଣ୍ଟ, ଏଟିଏମ୍ କାର୍ଡ ଓ ଚେକ୍ ବୁକ୍ ନେଇ ମଧ୍ୟସ୍ଥି ହୋଇ ହ୍ୟାକର୍‌ଙ୍କୁ ଦେଉଥିଲେ। ହ୍ୟାକର୍‌ମାନେ ନିରୀହ ଲୋକଙ୍କ ଭୁଆଁ ବୁଲେଇ ତାଙ୍କ ଆକାଉଣ୍ଟକୁ ଚଲୁ କରି ମ୍ୟୁଲ୍ ଆକାଉଣ୍ଟକୁ ବ୍ୟବହାର କରୁଥିଲେ। ପରେ ହ୍ୟାକର୍‌ମାନେ ଏଟିଏମ୍ ସାହାଯ୍ୟରେ ଟଙ୍କା ଉଠାଉଥିଲେ। ତେବେ ଜବତ ହୋଇଥିବା ଆକାଉଣ୍ଟରୁ ପାଖାପାଖି ୭୦ରୁ ୮୦ ଲକ୍ଷ ଟଙ୍କାର ଲେନଦେନ ହୋଇଥିବା ପ୍ରାଥମିକ ତଦନ୍ତରେ ଜଣାପଡ଼ିଛି। ଆଗାମୀ ଦିନରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି।

# ସୋର ବ୍ଲକ୍ ଓ ପୌରପାଳିକା ନଗର ସଭାପତିଙ୍କ ନାମ ଘୋଷିତ

**ସୋର,୨୦।୨/ଏନ୍ଏନ୍ଏସ୍:** ବିଜେଡି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାର ସମସ୍ତ ବ୍ଲକ୍ ଓ ନଗର ସଭାପତିଙ୍କ ନାମ ଘୋଷଣା ହୋଇଛି। ଏହିକ୍ରମେ ସୋର ବ୍ଲକ୍ ପାଇଁ ଶଙ୍କର୍ଷଣ ବାରିକ ଓ ନଗର ସଭାପତି ଭାବେ ସୁକାନ୍ତ ମିଶ୍ରଙ୍କ ନାମ ବିଜେଡି ରାଜ୍ୟ ଉପସଭାପତି ଦେବିପ୍ରସାଦ ମିଶ୍ରଙ୍କ ଦ୍ୱାରା ପ୍ରକାଶିତ ହୋଇଛି। ଏହି ଦୁଇ ସଭାପତିଙ୍କୁ ବିଜେଡି କର୍ମୀ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ସ୍ଥାନୀୟ ବିଧାୟକ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।





# ପରକିୟା ପ୍ରୀତି ସନ୍ଦେହରେ ହତ୍ୟା, ହତ୍ୟାକାରୀ ଗିରଫ

**ସୋର,୨୦।୨/ଏନ୍ଏନ୍ଏସ୍:** ସିମୁଳିଆ ଥାନା ଅନ୍ତର୍ଗତ ଛଚିନ୍ଦା ଗ୍ରାମର ଗଜେନ୍ଦ୍ର ପଣ୍ଡା ଜାମୁଝାଡ଼ି ଛକ ନିକଟରେ ଜୟ ମା' ଦୁର୍ଗା ନାମକ ଏକ ହୋଟେଲ୍ କରିଥିଲେ। ଗତ ୧୬ ତାରିଖ ବିଳମ୍ବିତ ରାତିରେ ହୋଟେଲ୍ ଭିତରେ ଗଜେନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ଜିଲ୍ଲା ସାରା ବ୍ୟାପି ଯାଇଥିବାବେଳେ ହତ୍ୟାକାରୀକୁ ଧରିବା ପୁଲିସ୍ ପାଇଁ ବଡ଼ ଚ୍ୟାଲେଞ୍ଜ୍ ହୋଇଥିଲା। ବାଲେଶ୍ୱର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ସିମୁଳିଆ ଆଇଆଇସି ଦେବରାଜ ଜେନାଙ୍କ ସହଯୋଗରେ ଏକ ଟିମ୍ ଗଠନ କରି ଗଜେନ୍ଦ୍ରଙ୍କ ଟଙ୍କା କାରବାର ସହିତ ହୋଟେଲ କର୍ମଚାରୀଙ୍କୁ ପଚାରଉଚୁରା ପରେ ପୁଲିସ୍ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଥିଲା। ବାସୁଦେବପୁର ଅଞ୍ଚଳର ଜଣେ ମହିଳାଙ୍କ ସହିତ ଗଜେନ୍ଦ୍ରଙ୍କ ଅନୈତିକ ସମ୍ପର୍କ ଥିବା ନେଇ ତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ବେହେରା ସନ୍ଦେହ କରି ହତ୍ୟା କରିଥିଲେ। ଏକଥା ସୂର୍ଯ୍ୟକାନ୍ତ ସ୍ୱୀକାର କରିଥିବା ନେଇ ସିମୁଳିଆ ଥାନାରେ ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଅଭିଯୁକ୍ତକୁ ଶୁକ୍ରବାର ହତ୍ୟାସ୍ଥଳୀକୁ ନେଇ ସିନ୍ ରିକ୍ରିଏସନ୍ କରିଥିବାବେଳେ ଗଜେନ୍ଦ୍ରଙ୍କ ପୋଡ଼ିଯାଇଥିବା ସ୍କୁଟିକୁ ମଧ୍ୟ ଜବତ କରାଯାଇଛି।

## ଧୂଷୁରୀ ପୁଲିସ୍-ମେଳଣ କମିଟିର ବୈଠକ

# ବିମାନ ଶୋଭାଯାତ୍ରାରେ ଡିଜେକୁ ନା'

**ଧାମନଗର,୨୦।୨/ଏନ୍ଏନ୍ଏସ୍:** ଚଳିତ ବର୍ଷ ଦୋଳ ମେଳଣରେ ଡିଜେ ଉପରେ କଟକଣା ଲାଗିବା ନେଇ ଧୂଷୁରୀ ପୁଲିସ୍ ଓ ମେଳଣ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଧାମନଗର ଉପଖଣ୍ଡ ପୁଲିସ୍ ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଧୂଷୁରୀ ଥାନା ପରିସରରେ ଏକ ସମନ୍ୱୟ ବୈଠକ ବସିଥିଲା। ଏଥିରେ ପୁଲିସ ପକ୍ଷରୁ ୮ଟି ନିୟମ ନିର୍ଦ୍ଧାରଣ କରାଯାଇଛି। ସରକାରୀ ନିର୍ଦ୍ଦେଶମତେ ମାର୍ଚ୍ଚ ପ୍ରଥମରୁ ପାଳିତ ହେବାକୁ ଥିବା ବିଭିନ୍ନ ହୋଲି ଉତ୍ସବ ଓ ଦୋଳ ମେଳଣ ବିମାନ ଶୋଭାଯାତ୍ରାରେ କୌଣସି ଆୟୋଜକ ଡିଜେ ବଜାଇପାରିବେ ନାହିଁ। ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ଓ ଅଳ୍ପ ଶବ୍ଦର ମାଇକ୍ ବ୍ୟବହାର କରିବେ ଏବଂ ଏଥିପାଇଁ ଆଇନଗତ ଅନୁମତି ନେବେ। ମେଳଣ ଅନୁଷ୍ଠିତ ସ୍ଥାନରେ ଆବଶ୍ୟକ ଆଲୋକ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ପାଇଁ କମିଟି କର୍ମକର୍ତ୍ତା ପୁଲିସ୍ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା, ବିମାନ ଶୋଭାଯାତ୍ରା ଆସୁଥିବା ରାସ୍ତାକୁ ଅବରୋଧ ମୁକ୍ତ କରିବା ସହ ଏହା ପାଖାପାଖି ଦୋକାନ, ମିନା ବଜାର ଓ ଦୋଳି ଆଦି ନପକାଇବାକୁ ନିଷ୍ପତ୍ତି ନିଆଯାଇଛି। ୩ ଦିନ ଧରି



ହେଉଥିବା ବୟାଙ୍ଗଡ଼ିହ ମେଳଣ ପାଇଁ ନସଲାପୁରଠାରୁ ନୂଆହାଟ ପର୍ଯ୍ୟନ୍ତ ରାସ୍ତାରେ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ବନ୍ଦ ରହିବ। ଏହି ସମୟରେ ବାଇପାସ୍ ରାସ୍ତା ବ୍ୟବହାର କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପ୍ରସିଦ୍ଧ ଲୁଣିଆ, ଶହୀଦ ନଗର, କୋରୁଆ, ସୂର୍ଯ୍ୟପୁର, ପାଳସାହି, ଅର୍ଜୁନପୁର ଓ ବୟାଙ୍ଗଡ଼ିହ ପ୍ରମୁଖ ମେଳଣ କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଧନ୍ୟବାଦ ଦେଇଥିଲେ।

## ଶିକାରମୁକ୍ତ ଶିମିଳିପାଳ ପାଇଁ ବନ ବିଭାଗକୁ ବଡ଼ ସଫଳତା

# ୩୯ ଶିକାରୀ ଗିରଫ, ବନ୍ଧୁକ ଓ ଶିକାର ସାମଗ୍ରୀ ଜବତ

**ବାରିପଦା,୨୦।୨/ଏନ୍ଏନ୍ଏସ୍:** ଶିମିଳିପାଳକୁ ଶିକାରମୁକ୍ତ କରିବା ପାଇଁ ସରକାର ଏବଂ ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉଥିଲେ ମଧ୍ୟ ଏହା ବନ୍ଦ ହେଉନାହିଁ। ଏଥିରେ ରୋକ୍ ଲଗାଇବା ପାଇଁ ଶିମିଳିପାଳରେ ଏଆଇ ଟ୍ରାପ୍ କ୍ୟାମେରା ଲଗାଯାଇ ଶିକାରୀଙ୍କ ଗତିବିଧି ଉପରେ ୨୪ ଘଣ୍ଟା ନଜର ରଖାଯାଉଛି। ତେବେ ଟ୍ରାପ୍ କ୍ୟାମେରା ଆଧାରରେ ଇତିମଧ୍ୟରେ ବହୁ ଶିକାରୀ ମଧ୍ୟ ଧରା ହୋଇଛନ୍ତି। ଗୁରୁବାର ରାତି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ୍ ଅଞ୍ଚଳରେ ସାମୁହିକ ଭାବେ ଶିକାର କରିବାକୁ ପ୍ରବେଶ କରିଥିବା ଶିକାରୀ ଦଳଙ୍କ ଗତିବିଧି ଏଆଇ କ୍ୟାମେରାରେ ଟ୍ରାପ୍ ହେବା ପରେ ଶିମିଳିପାଳ ଦକ୍ଷିଣ



କର୍ମଚାରୀଙ୍କ ୨୪ ଘଣ୍ଟାର ଅପରେସନ୍ ପରେ ୩୯ ଜଣ ଶିକାରୀକୁ ଗିରଫ କରାଯାଇଛି। ଏହାସହ ସେମାନଙ୍କ ନିକଟରୁ ୯ଟି ଦେଶୀ ବନ୍ଧୁକ, ୨୦ ଧନୁତୀର, ବିପୁଳ ପରିମାଣର ବନ୍ଧୁକ ପାଉଡର୍ ଓ ବିଭିନ୍ନ ଶିକାର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ବନ ବିଭାଗର ଚଢ଼ଉ ବିଷୟରେ ଜାଣିପାରି ଶିକାରୀମାନେ କୌଣସି ବିରୋଧ ନକରି ଆତ୍ମସମର୍ପଣ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଉଦଳା ଥାନା ଅଧୀନ ଅମ୍ବିକାଦେଇପୁର, ମହାଲିସାହି, ଲୁକୁଇଡ଼ା, ମାଟାକମଟଲା, ଜିତୁସାହି, ଖଲାଡ଼ି ଓ ଲଙ୍ଗାଡ଼ି ଗ୍ରାମର ଶିକାରୀ ବୋଲି ଚିହ୍ନଟ କରାଯାଇଥିବା ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି।

## ବିଜେପିର ମିଶ୍ରଣପର୍ବ

# 'ସାଧାରଣ ଲୋକଙ୍କ ସେବା ପାଇଁ କାର୍ଯ୍ୟକର୍ତ୍ତା ସଙ୍କଳ୍ପ ନିଅନ୍ତୁ'

**ଭଣ୍ଡାରିପୋଖରୀ,୨୦।୨/ଏନ୍ଏନ୍ଏସ୍:** ବିଜେପି କେବଳ କ୍ଷମତା ରାଜନୀତିରେ ବିଶ୍ୱାସ କରେନାହିଁ। ସମାଜର ତଳସ୍ତରରେ ଥିବା ଲୋକଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ବିଜେପିର କାର୍ଯକର୍ତ୍ତାମାନେ ସମର୍ପିତ ଭାବନା ନେଇ କାର୍ଯ୍ୟ କରିବାକୁ ବିଜେପିର ମିଶ୍ରଣପର୍ବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଅନ୍ୟ ନେତୃବୃନ୍ଦ ଆହ୍ୱାନ ଦେଇଛନ୍ତି। ବିଜେପି ସୁବର୍ଣ୍ଣମୁଖୀ ମଣ୍ଡଳ ଅନ୍ତର୍ଗତ ମଞ୍ଜୁରୀରୋଡ଼ ଡାକ୍ତରଖାନା ପଡ଼ିଆରେ ଅନୁଷ୍ଠିତ ମିଶ୍ରଣପର୍ବ କାର୍ଯ୍ୟକ୍ରମ ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସଦ ଶ୍ରୀ ସେଠୀଙ୍କ ସମେତ ଦଳର ଜିଲ୍ଲା ସଭାପତି ଭଗବାନ ପଣ୍ଡା, ଜିଲ୍ଲା ଉପସଭାନେତ୍ରୀ ତପସ୍ୱିନୀ ମହାପାତ୍ର, ବ୍ଲକ୍ ଅଧକ୍ଷା ସୁମତି ସେଠୀ, ଉପାଧକ୍ଷ ପ୍ରଣିତକାନ୍ତି ସାମଲ, ଜିଲ୍ଲାପରିଷଦ



ସଭ୍ୟ ବଦ୍ରି ନାରାୟଣ ରାଉତ, ବରିଷ୍ଠ ନେତା ବସନ୍ତ କୁମାର ରାଉତ, ପୂର୍ବତନ ଜିଲ୍ଲା ସଭାପତି ଅକ୍ଷୟ ସାହୁ, ମଣ୍ଡଳ ସଭାପତି ପ୍ରଣବ ରାଉତ, ପୂର୍ବତନ ବ୍ଲକ୍ ଅଧକ୍ଷା ସଂଘମିତ୍ରା ପଣ୍ଡା, ଗିରିଶ ସାମଲ ଓ ଭଣ୍ଡାରିପୋଖରୀ ମଣ୍ଡଳ ସଭାପତି ତରଣୀସେନ୍ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ କଂଗ୍ରେସ୍‌ର ପୂର୍ବତନ ଜିଲ୍ଲା ସମ୍ପାଦକ ଜଗନ୍ନାଥ ସେନାପତି, ପୂର୍ବତନ ସରପଞ୍ଚ ଲକ୍ଷ୍ମୀ ପ୍ରିୟଦର୍ଶିନୀ ଭାରତୀ, ପୂର୍ବତନ ବିଜେଡି ବ୍ଲକ୍ ଉପସଭାପତି ଜଗନ୍ନାଥ ଭାରତୀଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ୩ଶହରୁ ଅଧିକ ବ୍ୟକ୍ତି ବିଜେପିରେ ସାମିଲ୍ ହୋଇଥିଲେ। ବିଭିନ୍ନ ପଞ୍ଚାୟତ ସଭାପତି ତରଣୀସେନ ପଣ୍ଡା, ପ୍ରବୀଣ ରାଉତ, ବସନ୍ତ ବିଶ୍ୱାଳ, ସନ୍ତୋଷ ବେହେରା, ରାଜେଶ ବିଶ୍ୱାଳ, ସୁଶାନ୍ତ ମହାପାତ୍ର, ପର୍ଶୁରାମ ପରିଡ଼ା, ପ୍ରଦୀପ ପାଢ଼ୀ, ମିହିର ନାୟକ, ପ୍ରଫୁଲ୍ଲ ଓଝା ଓ ମନୋଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ କୈଳାସ ସାହୁ ଅତିଥି ପରିଚୟ ଓ ସୁରେଶ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଦ୍ୟୁମ୍ନ ସେନାପତି ଧନ୍ୟବାଦ ଦେଇଥିଲେ।

# ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ



**କେନ୍ଦୁଝର,୨୦।୨/ଏନ୍ଏନ୍ଏସ୍:** ସରକାରୀ କାର୍ଯ୍ୟଧାରାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ଏକ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। 'ପରିଚାଳନାଗତ ଉତ୍କର୍ଷତା ପାଇଁ ଏଆଇ ଉପକରଣ' ଶୀର୍ଷକ ଏହି କର୍ମଶାଳା ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେସନ୍ ସେଣ୍ଟର୍‌ର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତା ବା ଇଓ ଟୁଲ୍ସର ବ୍ୟବହାର କରି କିଭଳି କାର୍ଯ୍ୟଦକ୍ଷତା ବଢ଼ାଯାଇପାରିବ ସେନେଇ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶେଷକରି ତଥ୍ୟ ବିଶ୍ଳେଷଣ, ଚିଠିପତ୍ର ପ୍ରସ୍ତୁତି ଓ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଡିଜିଟାଲ୍ ମାଧ୍ୟମର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ପ୍ରଶାସନିକ ଅଧିକାରୀଙ୍କୁ ସୋସିଆଲ୍ ମିଡ଼ିଆ ପରିଚାଳନା ପାଇଁ 'ପୋଷ୍ଟମାଇଣ୍ଡ ଏଆଇ' ଭଳି ଆଧୁନିକ ଉପକରଣ ବିଷୟରେ ଅବଗତ କରାଯାଇଥିଲା। ଏହି ଟୁଲ୍ ମାଧ୍ୟମରେ କିଭଳି ସହଜରେ ଆକର୍ଷଣୀୟ କ୍ୟାପ୍ସନ୍ ଲେଖାଯାଇପାରିବ, ଗ୍ରାଫିକ୍ସ ଡିଜାଇନ୍ କରାଯାଇପାରିବ ଓ ଏକାସହ ବିଭିନ୍ନ ସୋସିଆଲ୍ ମିଡ଼ିଆ ପ୍ଲାଟଫର୍ମରେ ସରକାରୀ ସୂଚନା ପ୍ରସାରିତ ହୋଇପାରିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମଦରଧର ମହାଳିକ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

## ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ

# ଶ୍ରୀଲଙ୍କାକୁ ହରାଇ ଫାଇନାଲ୍‌ରେ ଭାରତ



**ବ୍ୟାଙ୍କକ୍,୨୦।୨/ଏଜେନ୍ସି:** ପ୍ରଥମ ସେମିଫାଇନାଲ୍‌ରେ ଶ୍ରୀଲଙ୍କା-ଏ'କୁ ୫ ୱିକେଟ୍‌ରେ ହରାଇ ଭାରତ-ଏ' ଟିମ୍ ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ୨୦୨୬ର ଫାଇନାଲ୍‌ରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ୍‌ରେ ପାକିସ୍ତାନ-ଏ'କୁ ୫୪ ରନ୍‌ରେ ମାତ୍‌ଦେଇ ବାଂଲାଦେଶ-ଏ' ଫାଇନାଲ୍ ସ୍ଥାନ ପକ୍କା କରିଛି। ଟୁର୍ଣ୍ଣାମେଣ୍ଟର ଟାଇଟଲ୍ ମୁକାବିଲା ରବିବାର ବ୍ୟାଙ୍କକ୍‌ରେ ଖେଳାଯିବ। ରବିବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଶ୍ରୀଲଙ୍କା-ଏ' ଟିମ୍ ୧୯.୪ ଓଭର୍‌ରେ ମାତ୍ର ୧୮୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଭାରତ-ଏ' ୧୩.୩ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୧୯ ରନ୍ କରି ବିଜୟୀ ହୋଇଛି। ଭାରତର ବିଜୟରେ କ୍ୟାପ୍‌ଟେନ୍ ରାଧା ଯାଦବ ପ୍ରମୁଖ ଭୂମିକା ତୁଲାଇଥିଲେ। ପ୍ରଥମେ ସେ ୧୯ ରନ୍ ଦେଇ ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ୩୧ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ତାଙ୍କ ବ୍ୟତୀତ ଓପ୍ନର୍ ବ୍ରିନ୍ଦା ଦିନେଶ ୨୦ ବଲ୍‌ରେ ୮ ଚୌକା ସହାୟତାରେ ସର୍ବାଧିକ ୪୨ ରନ୍, ନନ୍ଦିନୀ କଶ୍ୟପ ୧୩ ରନ୍, ଅନୁଷ୍କାର ଶର୍ମା ୨୭ ରନ୍‌ର ଯୋଗଦାନ ଦେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଶଶିନୀ ଗିମ୍‌ହାରି ୨ଟି ଓ ୟଶାନ୍ତି ନିମାନ୍ତିକା ଗୋଟିଏ ୱିକେଟ୍ ନେଇଥିଲେ। ଶ୍ରୀଲଙ୍କା ଟିମ୍ ପକ୍ଷରୁ ଓପ୍ନର୍ ସଞ୍ଜନା କବିନ୍ଦି ସର୍ବାଧିକ ୩୧ ରନ୍ କରିଥିବା ବେଳେ ଶଶିନୀ ଗିମ୍‌ହାରି ୨୨, ସତ୍ୟା ସନ୍ଦିପନୀ ୧୫ ଏବଂ ହନ୍‌ସିମା କରୁଣାରତ୍ନେ ୧୪ ରନ୍‌ର ଯୋଗଦାନ ଦେଇଥିଲେ। ବାକି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଭାରତ ପକ୍ଷରୁ ରାଧା ଯାଦବଙ୍କ ବ୍ୟତୀତ ତନୁଜା କଣ୍ୱର, ପ୍ରେମା ରାୱତ୍ ୨-୨ ଏବଂ ସାଇମା ଠାକୋର, ମିନ୍ନୁ ମଣି ୧-୧ ୱିକେଟ୍ ନେଇଥିଲେ।

**ଦ୍ୱିତୀୟ ସେମିରେ ପାକିସ୍ତାନକୁ ମାତ୍‌ଦେଲା ବାଂଲାଦେଶ**

ଦ୍ୱିତୀୟ ସେମିଫାଇନାଲ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ବାଂଲାଦେଶ-ଏ କ୍ୟାପ୍‌ଟେନ୍ ଫହିମା ଖାତୁନ୍‌ଙ୍କ ୪୦ ରନ୍‌ର ଅପରାଜିତ ଇନିଂସ୍ ବଳରେ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୧୦ ରନ୍ କରିଥିଲା। ଜବାବରେ ପାକିସ୍ତାନ ଟିମ୍ ୧୬.୪ ଓଭର୍‌ରେ ମାତ୍ର ୫୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

## ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍

# ବିଜୟ ସହ ଅଷ୍ଟ୍ରେଲିଆର ଅଭିଯାନ ଶେଷ

### ଓମାନ୍‌କୁ ୯ ୱିକେଟ୍‌ରେ ହରାଇଲା

### ହେଡ୍-ମାର୍ଶଙ୍କ ୯୩ ରନ୍‌ର ଓପ୍ନିଂ ପାର୍ଟନରଶିପ୍

### ଆଦାମ୍ ଜାମ୍ପାଙ୍କୁ ୪ ୱିକେଟ୍



**କାଣ୍ଡି,୨୦।୨/ଏଜେନ୍ସି:** ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପ୍ ୨୦୨୬ ବିଜୟ ସହିତ ଶେଷ କରିଛି। ଟିମ୍ ଶୁକ୍ରବାର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଓମାନ୍‌କୁ ୯ ୱିକେଟ୍‌ରେ ହରାଇ ଦେଇଛି। କାଣ୍ଡିର ପାଲ୍ଲେକେଲ ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ ପାଇଥିବା ଓମାନ୍ ୧୬.୨ ଓଭର୍‌ରେ ୧୦୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ମିଚେଲ୍ ମାର୍ଶ ଓ ଟ୍ରେଭିସ୍ ହେଡ୍ ୯୩ ରନ୍‌ର ପାର୍ଟନରଶିପ୍ କରି କଙ୍ଗାରୁ ଟିମ୍‌କୁ ବିଜୟୀ କରାଇଥିଲେ। ଏହା ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆର ଦ୍ୱିତୀୟ ବିଜୟ। ଗ୍ରୁପ୍-ବି'ରେ କଙ୍ଗାରୁ ଟିମ୍ ପୂର୍ବରୁ ଶ୍ରୀଲଙ୍କା ଏବଂ ଜିମ୍ବାୱେ ଠାରୁ ପରାଜିତ ହୋଇ ବାଦ୍ ପଡ଼ିଥିଲା। ଟିମ୍ ଆୟର୍ଲାଣ୍ଡ ଏବଂ ଓମାନ୍‌କୁ ହରାଇଥିଲେ ମଧ୍ୟ ଏହା ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିବା ପାଇଁ ପର୍ଯ୍ୟାପ୍ତ ନଥିଲା। ୨୦୦୯ ପରେ ଟିମ୍ ପ୍ରଥମ ଥର ଗ୍ରୁପ୍ ପର୍ଯ୍ୟାୟ ମଧ୍ୟ ପାର୍ କରିପାରି ନାହିଁ।

୧୦୫ ରନ୍‌ର ଛୋଟ ଲକ୍ଷ୍ୟକୁ ପିଛା କରୁଥିବା ଅଷ୍ଟ୍ରେଲିଆ ପକ୍ଷରୁ ଟ୍ରେଭିସ୍ ହେଡ୍ ଏବଂ କ୍ୟାପ୍‌ଟେନ୍ ମିଚେଲ୍ ମାର୍ଶ ଜୋରଦାର ଆରମ୍ଭ କରି ୯୩ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ମାର୍ଶ ୨୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ହେଡ୍‌ଙ୍କୁ ଆଉଟ୍ କରି ଶକିଲ୍ ଅହମଦ ଏହି ଯୋଡ଼ି ଭାଙ୍ଗିଥିଲେ। ହେଡ୍ ୧୯ ବଲ୍‌ରେ ୬ ଚୌକା ସହାୟତାରେ ୩୨ ରନ୍ କରିଥିଲେ। ହେଡ୍‌ଙ୍କ ଆଉଟ୍ ପରେ ଜୋଶ୍ ଇଙ୍ଗ୍‌ଲିସ୍ ଓ କ୍ୟାପ୍‌ଟେନ୍ ମାର୍ଶ ୬୨ ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲେ। ମାର୍ଶ ୩୩ ବଲ୍‌ରେ ୭ ଚୌକା ଓ ୪ ଛକା ସହାୟତାରେ ୬୪ ଏବଂ ଇଙ୍ଗ୍‌ଲିସ୍ ୬ ବଲ୍‌ରେ ଦୁଇ ଚୌକା ବଳରେ ୧୨ ରନ୍ କରି ଅପରାଜିତ ଫେରିଥିଲେ। ଏହା ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓମାନ୍‌ର ଆରମ୍ଭ ଭଲ ନଥିଲା। ଆମିର କଲିମ୍ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ହିଁ ଆଉଟ୍ ହୋଇଥିଲେ। ଏହାପରେ କ୍ୟାପ୍‌ଟେନ୍ ଜତିନ୍ଦର ସିଂହ (୧୭) ଓ କରଣ ସୋନାୱାଲେ (୧୨) ଦ୍ୱିତୀୟ ୱିକେଟ୍ ପାଇଁ ୨୭ ରନ୍ ଯୋଡ଼ିଥିଲେ। କରଣଙ୍କୁ ଆଉଟ୍ କରି ନାଥନ୍ ଏଲିସ୍ ଏହି ଯୋଡ଼ି ଭାଙ୍ଗିଥିଲେ। ମଧ୍ୟକ୍ରମରେ ୱାସିମ୍ ଅଲୀ (୩୨) ଓ ହମ୍ମାଦ୍ ମିର୍ଜା (୧୬) କିଛି ସମୟ କ୍ରିଜ୍‌ରେ ଟିକି ରହିଥିଲେ ମଧ୍ୟ ସେମାନଙ୍କୁ ମିଳିଥିବା ଷ୍ଟାର୍ଟକୁ ବଡ଼ ଇନିଂସ୍‌ରେ ପରିବର୍ତ୍ତନ କରିପାରି ନଥିଲେ। ନିମ୍ନକ୍ରମ ସମ୍ପୂର୍ଣ୍ଣ ଭାବେ ଅଷ୍ଟ୍ରେଲିଆ ବୋଲିଂ ଆଗରେ ଧ୍ୱସ୍ତ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆଦମ୍ ଜାମ୍ପା ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ଜାଭିୟର୍ ବାର୍ଟଲେଟ୍ ଓ ଗ୍ଲେନ୍ ମାକ୍ସୱେଲ୍‌ଙ୍କୁ ୨-୨ ସଫଳତା ମିଳିଥିଲା। ସେହିପରି ମାର୍କସ୍ ଷ୍ଟୋଇନିସ୍ ଓ ନାଥନ୍ ଏଲିସ୍ ୧-୧ ୱିକେଟ୍ ପାଇଥିଲେ।

# ଆଫଗାନିସ୍ତାନ ମୁଖ୍ୟ କୋଚ୍ ଟ୍ରଟ୍‌ଙ୍କ ଭାବପୂର୍ଣ୍ଣ ବିଦାୟ



**ଚେନ୍ନାଇ,୨୦।୨/ଏଜେନ୍ସି:** ସୁପର୍-୮ ଦୌଡ଼ରୁ ବାଦ୍ ପଡ଼ିବା ପରେ ଆଫଗାନିସ୍ତାନ ୮୨ ରନ୍‌ରେ କାନାଡାକୁ ହରାଇ ଚଳିତ ଟି-୨୦ ବିଶ୍ୱକପ୍‌ରେ ସକାରାତ୍ମକ ଭାବେ ଅଭିଯାନ ଶେଷ କରିଛି। ତେବେ ଏହି ବିଜୟ ସହିତ ଟିମ୍‌ର ମୁଖ୍ୟ କୋଚ୍ ଜୋନାଥନ୍ ଟ୍ରଟ୍‌ଙ୍କ ଚାରିବର୍ଷର ଲମ୍ବା କାର୍ଯ୍ୟକାଳୟ ସମାପ୍ତ ହୋଇଛି। ଇଂଲଣ୍ଡର ପୂର୍ବତନ ବ୍ୟାଟର୍ ଟ୍ରଟ୍ ମ୍ୟାଚ୍ ପରେ ଭାବୁକ ହୋଇ ଟିମ୍‌କୁ ଅଲ୍‌ବିଦା କହିଛନ୍ତି। ଏହି ଅବସରରେ ତାଙ୍କ ସ୍ୱରରେ ସନ୍ତୋଷ ଏବଂ ଭାବନା ମଧ୍ୟ ଥିଲା।

ଟ୍ରଟ୍ ନିଜ ଭବିଷ୍ୟ ସମ୍ପର୍କରେ କହିଛନ୍ତି, 'ଏହା ହୁଏତ ଠିକ୍ ସମୟ ହୋଇପାରେ କିମ୍ବା ନୁହେଁ, ମୋତେ ଜଣାନାହିଁ। କିନ୍ତୁ ଭବିଷ୍ୟତ ପାଇଁ ସମସ୍ତଙ୍କୁ ଶୁଭକାମନା ଦେଉଛି। ମୁଁ ଏହି ସୁଯୋଗ ପାଇଁ ବହୁ କୃତଜ୍ଞ।' ସେ କହିଥିଲେ, ଏହି ପଦ ପାଇଁ ପ୍ରଥମେ ତାଙ୍କ ଇଂଲଣ୍ଡ ସାଥୀ ଖେଳାଳି ଗ୍ରାହମ୍ ଥୋର୍ପଙ୍କୁ ପ୍ରସ୍ତାବ ମିଳିଥିଲା। ଗ୍ରାହାମ୍ ଥୋର୍ପଙ୍କୁ କୋଚ୍ ହେବାର ଥିଲା ଏବଂ ଦୁର୍ଭାଗ୍ୟକ୍ରମେ ସେ ଏହି ଭୂମିକାକୁ ସ୍ୱୀକାର କରିପାରିନଥିଲେ। ପରେ ମୋତେ ଏହି ପ୍ରସ୍ତାବ ଦିଆଯାଇଥିଲା ଏବଂ ମୁଁ ପୂରା ଜୋଶ୍‌ର ସହ ସ୍ୱୀକାର କରିଥିଲି। ମୁଁ ବାସ୍ତବରେ ସୌଭାଗ୍ୟକ୍ରମେ ଏଠାକୁ ଆସିଥିଲି।

ସାଉଥ୍ ଆଫ୍ରିକାରେ ଜନ୍ମିତ ୪୪ ବର୍ଷୀୟ ଟ୍ରଟ୍‌ଙ୍କ କାର୍ଯ୍ୟକାଳରେ ଆଫଗାନିସ୍ତାନ ଧଳା ବଲ୍ କ୍ରିକେଟ୍‌ରେ ଉଲ୍ଲେଖନୀୟ ପ୍ରଗତି କରିଛି। ଟିମ୍ ୨୦୨୩ ଦିନିକିଆ ବିଶ୍ୱକପ୍ର ସେମିଫାଇନାଲ୍ ନିକଟତ ହୋଇଥିବା ବେଳେ ୨୦୨୪ ଟି-୨୦ ବିଶ୍ୱକପ୍‌ର ନକ୍ ଆଉଟ୍ ରାଉଣ୍ଡରେ ସ୍ଥାନ ହାସଲ କରିଥିଲଣ। ଟ୍ରଟ୍ କହିଛନ୍ତି, ଖେଳାଳିଙ୍କ ବ୍ୟକ୍ତିଗତ ବିକାଶକୁ ଦେଖି ମୋତେ ସବୁଠୁ ବେଶୀ ଖୁସି ମିଳିଛି। ସେ କହିଛନ୍ତି, ମୋ ପାଇଁ ସବୁଠୁ ବଡ଼ କଥା ହେଉଛି, ମୁଁ ଖେଳାଳିଙ୍କ ପଡ଼ିଆ ବାହାରର ବିକାଶକୁ ମଧ୍ୟ ଦେଖିପାରିଥିଲି। ସେମାନଙ୍କ ଜୀବନରେ ପରିବର୍ତ୍ତନ ଆସିଛି। କେବଳ ଖେଳରେ ନୁହେଁ, ବରଂ ସେମାନେ ନିଜ ପରିବାରର ଭାଗ୍ୟ ଓ ଦିଗକୁ ମଧ୍ୟ ପରିବର୍ତ୍ତନ କରିପାରିଛନ୍ତି।

ଟ୍ରଟ୍ କହିଛନ୍ତି, ନିଜ ଦାୟିତ୍ୱ ପୂରା ସଚ୍ଚୋଟତା ଏବଂ ସମର୍ପଣ ଭାଗ ସହିତ ତୁଲାଇଛନ୍ତି। ସେ ପୂରା ପ୍ରୟାସ କରିଥିଲେ ବୋଲି ମଧ୍ୟ କହିଛନ୍ତି। ଚାରିବର୍ଷର ଏହି କାର୍ଯ୍ୟକାଳରେ ଟ୍ରଟ୍ ଆଫଗାନିସ୍ତାନକୁ ଏକ ଶକ୍ତିଶାଳୀ ଏବଂ ପ୍ରତିଦ୍ୱନ୍ଦ୍ୱୀ ଟିମ୍ ଭାବେ ଗଢ଼ିତୋଳିବାରେ ପ୍ରମୁଖ ଭୂମିକା ତୁଲାଇଛନ୍ତି। ଏବେ ତାଙ୍କ ଯିବା ପରେ ଟିମ୍ ଏକ ନୂଆ ଅଧ୍ୟାୟ ଆଡ଼କୁ ବଢ଼ିବ। କିନ୍ତୁ ଟ୍ରଟ୍‌ଙ୍କ କାର୍ଯ୍ୟକାଳର ଛାପ ଦୀର୍ଘ ସମୟ ପର୍ଯ୍ୟନ୍ତ ମନେ ରଖାଯିବ।

# 'ଦ ହଣ୍ଡ୍ରେଡ୍'ରୁ ବି ତଡ଼ା ଖାଇବେ ପାକିସ୍ତାନୀ ?



**ନୂଆଦିଲ୍ଲୀ,୨୦।୨/ଏଜେନ୍ସି:** ଇଂଲଣ୍ଡର ଚର୍ଚ୍ଚିତ ଫ୍ରାଞ୍ଚାଇଜି ଲିଗ୍ 'ହଣ୍ଡ୍ରେଡ୍'କୁ ନେଇ ଏକ ନୂଆ ରିପୋର୍ଟ କ୍ରିକେଟ୍ ଜଗତରେ ହଇଚଇ ସୃଷ୍ଟି କରିଛି। ଖବର ଅନୁସାରେ ଯେଉଁ ଟିମ୍‌ରେ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜିଙ୍କ ଅଂଶଧନ ରହିଛି, ସେମାନେ ଆସନ୍ତା ମାସରେ ହେବାକୁ ଥିବା ନିଲାମୀରେ କୌଣସି ବି ପାକିସ୍ତାନୀ ଖେଳାଳିଙ୍କ ଉପରେ ବୋଲି ଲଗାଇବେ ନାହିଁ। ଜଣେ ଖେଳାଳି ଏଜେଣ୍ଟଙ୍କ ସୂତ୍ରରୁ ବିସିସି ରିପୋର୍ଟରେ ଏହି ଦାବି କରାଯାଇଛି।

ସାରା ବିଶ୍ୱର ଟି-୨୦ ଲିଗ୍‌ରେ ଏହା ପୂର୍ବରୁ ଦେଖାଯାଇଛି ଯେ ଯେଉଁଠି ଭାରତୀୟ ନିବେଶ କିମ୍ବା ଆଇପିଏଲ୍ ମାଲିକମାନଙ୍କ ସିଧା ଭାଗିଦାରୀ ରହିଛି, ସେଠାରେ ପାକିସ୍ତାନୀ ଖେଳାଳିଙ୍କୁ ଏଣ୍ଟ୍ରି ମିଳିନାହିଁ। ଉଦାହରଣ ସ୍ୱରୂପ ପ୍ରଥମ ସିଜନ୍ ପରଠାରୁ ଆଇପିଏଲ୍‌ରେ କୌଣସି ପାକିସ୍ତାନୀ ଖେଳାଳିଙ୍କୁ ସ୍ଥାନ ମିଳିନାହିଁ। ୟୁଏଇର ଆଇଇଏଲ୍‌ଟି୨୦ରେ ମଧ୍ୟ ସମାନ ସ୍ଥିତି। ଏବେ ଦ ହଣ୍ଡ୍ରେଡ୍‌ର ୮ରୁ ୪ ଟିମ୍‌ରେ ଆଇପିଏଲ୍ ଫ୍ରାଞ୍ଚାଇଜି ମାଲିକମାନଙ୍କ ଭାଗିଦାରୀ ହୋଇଛି। ଏହା ୨୦୨୫ ଅକ୍ଟୋବର ୧ ତାରିଖରୁ ପ୍ରଭାବୀ ହୋଇଛି। ଏହି ଟିମ୍‌ଗୁଡ଼ିକ ହେଉଛି ମାଞ୍ଚେଷ୍ଟର୍ ସୁପର୍ ଜାଏଣ୍ଟ୍ସ, ସାଉଦର୍ନ ବ୍ରେଭ୍, ଏମ୍‌ଆଇ ଲଣ୍ଡନ ଏବଂ ସନ୍‌ରାଇଜର୍ସ ଲିଡ୍ସ। ରିପୋର୍ଟ ଅନୁସାରେ ଏହି ଟିମ୍‌ଗୁଡ଼ିକ ପାକିସ୍ତାନୀ ଖେଳାଳିଙ୍କ ଉପରେ ବିଡ୍ ଲଗାଇବେ ନାହିଁ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି, ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ଜଣେ ବରିଷ୍ଠ ଅଧିକାରୀ ଜଣେ ଏଜେଣ୍ଟଙ୍କୁ ସଂକେତ ଦେଇଛନ୍ତି ଯେ ଯେଉଁ ଟିମ୍‌ଗୁଡ଼ିକର ଆଇପିଏଲ୍ ସହିତ କୌଣସି ସମ୍ବନ୍ଧ ନାହିଁ ସେମାନେ କେବଳ ପାକିସ୍ତାନୀ ଖେଳାଳିଙ୍କ ଉପରେ ରୁଚି ଦେଖାଇ ପାରନ୍ତି।

**ଆଠରୁ ଚାରି ଫ୍ରାଞ୍ଚାଇଜିଙ୍କ ଘୋଷଣା !**

ଯଦି ଏହି ରିପୋର୍ଟ ସତ୍ୟ ସାବ୍ୟସ୍ତ ହୁଏ, ତେବେ ଏହି ମାମଲା କେବଳ କ୍ରିକେଟ୍‌ରେ ସୀମିତ ନରହି ଖେଳରେ ନିବେଶ, ଜାତୀୟତା ଏବଂ ନିରପେକ୍ଷ ସୁଯୋଗ ପରି ବଡ଼ ପ୍ରଶ୍ନ ଛିଡ଼ା କରିବ। ଏହା କ'ଣ କେବଳ ବ୍ୟବସାୟିକ ରଣନୀତି ନା ବୈଶ୍ୱିକ କ୍ରିକେଟ୍‌ରେ ବୃଦ୍ଧି ପାଉଥିବା ଖାଇର ସଙ୍କେତ ? ଏବେ ସମସ୍ତଙ୍କ ନଜର ନିଲାମୀ ଉପରେ ରହିଛି। ଏଥିରୁ ପରିଷ୍କାର ହେବ ଯେ ପଡ଼ିଆରେ ପ୍ରତିଭା ଜିତିବ କି ନିବେଶର ପ୍ରଭାବ।

ଗତ ସିଜନ୍‌ରେ ପାକିସ୍ତାନର ମହମ୍ମଦ ଆମିର ଏବଂ ଇମାଦ ୱାସିମ୍ ଦ ହଣ୍ଡ୍ରେଡ୍‌ରେ ଭାଗ ନେଇଥିଲେ। ଏହା ପୂର୍ବରୁ ଶାହିନ୍ ଆଫ୍ରିଦି, ଶାଦାବ୍ ଖାନ୍ ଓ ହାରିସ୍ ରଉଫ୍ ମଧ୍ୟ ଏହି ଲିଗ୍‌ରେ ଖେଳିସାରିଛନ୍ତି।

## ସୁଶୀଲ କୁମାରଙ୍କ ଜାମିନ ଆବେଦନର ଶୁଣାଣି

# ଦିଲ୍ଲୀ ପୁଲିସ୍‌କୁ ଜବାବ ମାଗିଲେ ହାଇକୋର୍ଟ

**ସାଗର ଧନଖଡ଼ ମୃତ୍ୟୁ ମାମଲା**



**ନୂଆଦିଲ୍ଲୀ,୨୦।୧/ଏଜେନ୍ସି:** ପହେଲମାନ ସାଗର ଧନଖଡ଼ ମୃତ୍ୟୁ ମାମଲାରେ ଅଭିଯୋଗ ପହେଲମାନ୍ ସୁଶୀଲ କୁମାରଙ୍କ ଜାମିନ ଆବେଦନକୁ ନେଇ ଦିଲ୍ଲୀ ହାଇକୋର୍ଟ ଦିଲ୍ଲୀ ପୁଲିସକୁ ନୋଟିସ୍ ଜାରି କରିଛନ୍ତି। ହାଇକୋର୍ଟ ଦିଲ୍ଲୀ ପୁଲିସଠାରୁ ଷ୍ଟାଟସ୍ ରିପୋର୍ଟ ମଧ୍ୟ ମାଗିଛନ୍ତି। ଏହି ମାମଲା ଉପରେ ମେ' ୪ରେ ପରବର୍ତ୍ତୀ ଶୁଣାଣି ହେବ। ରୋହିଣୀ କୋର୍ଟ ଫେବୃଆରୀ ୬ରେ ନିୟମିତ ଜାମିନ ଆବେଦନ ଖାରଜ କରିବା ପରେ ସୁଶୀଲ କୁମାର ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲେ। ୨୦୨୧ ମେ'ରେ ହୋଇଥିବା ସାଗର ହତ୍ୟାକାଣ୍ଡର ଅଭିଯୁକ୍ତ ସୁଶୀଲ କୁମାର ଏବେ ଜୁଡ଼ିସିଆଲ୍ କଷ୍ଟଡିରେ ଅଛନ୍ତି।

ଜାତୀୟ କୁସ୍ତି ଚାମ୍ପିଅନ୍ ସାଗର ଧନଖଡ଼ଙ୍କ ହତ୍ୟା ମାମଲାରେ ସୁପ୍ରିମ୍‌କୋର୍ଟ ୨୦୨୫ ଅଗଷ୍ଟ ୧୩ ତାରିଖରେ ମୁଖ୍ୟ ଅଭିଯୁକ୍ତ ସୁଶୀଲ କୁମାରଙ୍କ ଜାମିନ ରଦ୍ଦ କରିଦେଇଥିଲେ। ଏହା ସହିତ ତାଙ୍କୁ ଏକ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାମଲାର ଶୁଣାଣି କରୁଥିବା ଜଷ୍ଟିସ୍ ସଞ୍ଜୟ କରୋଲ୍ ଏବଂ ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ ସାଗର ଧନଖଡ଼ଙ୍କ ପିତାଙ୍କ ଦ୍ୱାରା ଦାୟର ବିଶେଷ ଅନୁମତି ଆବେଦନ (ଏସ୍‌ଏଲ୍‌ପି)କୁ ସ୍ୱୀକାର କରିଥିଲେ। ଆବେଦନରେ ସୁଶୀଲଙ୍କୁ ଜାମିନ ଦେଇଥିବା ଦିଲ୍ଲୀ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ୍ କରାଯାଇଥିଲା।

# ଶାଡ୍‌ଲୀ ଭାନ୍ ଶାଲ୍କୱିକ୍ ସର୍ବାଧିକ ୱିକେଟ୍ ହାସଲକାରୀ

### ପଛରେ ପଡ଼ିଲେ ବୁମ୍‌ରା ଓ ଏନ୍‌ଗିଡିଙ୍କ ପରି ଧୁରନ୍ଧର

**ନୂଆଦିଲ୍ଲୀ,୨୦।୨/ଏଜେନ୍ସି:** ବିଶ୍ୱ କ୍ରିକେଟ୍‌ରେ ଭାରତର ଜସ୍‌ପ୍ରୀତ୍ ବୁମ୍‌ରା ଓ ସାଉଥ୍ ଆଫ୍ରିକାର ଲୁଙ୍ଗି ଏନଗିଡିଙ୍କ ଦବ୍‌ଦବା ଦେଖିବାକୁ ମିଳିଥାଏ। କିନ୍ତୁ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ରେ ଏହି ଦୁଇ ଧୁରନ୍ଧରଙ୍କୁ ପଛରେ ପକାଇ ଆମେରିକାର ଶାଡ୍‌ଲୀ ଭାନ୍ ଶାଲ୍କୱିକ୍ ସମସ୍ତଙ୍କୁ ପ୍ରଭାବିତ କରିଛି। ଶାଡ୍‌ଲୀ ଭାନ୍ ଶାଲ୍କୱିକ୍ ଟୁର୍ଣ୍ଣାମେଣ୍ଟରେ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୱିକେଟ୍ ହାସଲ କରି ଶୀର୍ଷରେ ରହିଛନ୍ତି। ଶାଡ୍‌ଲୀ ଭାନ୍ ଶାଲ୍କୱିକ୍ ଟି-୨୦ ବିଶ୍ୱକପ୍‌ରେ ୪ ମ୍ୟାଚ୍‌ରେ ମୋଟ ୧୩ ୱିକେଟ୍ ଅକ୍ତିଆର କରିଛନ୍ତି। ଶୀର୍ଷ-୫ ବୋଲର୍‌ଙ୍କ ମଧ୍ୟରେ ଶାଲ୍କୱିକ୍‌ଙ୍କ ବ୍ୟତୀତ ବାକି ଚାରିଜଣ ୯-୯ ୱିକେଟ୍ ନେଇଛନ୍ତି। ଏଥିରେ ଦ୍ୱିତୀୟ ସ୍ଥାନରେ ଭାରତର ମିଷ୍ଟ୍ରି ସ୍ପିନର୍ ବରୁଣ ଚକ୍ରବର୍ତ୍ତୀ ରହିଛନ୍ତି। ଏହାପରେ ଜିମ୍ବାୱେର ବ୍ଲେସିଙ୍ଗ୍ ମୁଜରବାନୀ, ସ୍କଟ୍‌ଲାଣ୍ଡର ମାଇକେଲ୍ ଲିସ୍କ ଏବଂ ଆଫଗାନିସ୍ତାନର ଅଜମତୁଲ୍ଲା ଉମରଜଇଙ୍କ ନାମ ରହିଛି।

ଅନ୍ୟପକ୍ଷରେ ଏନ୍‌ଗିଡି ଅଷ୍ଟମ ସ୍ଥାନରେ ଥିବା ବେଳେ ବୁମ୍‌ରା ଶୀର୍ଷ ସୂଚୀରେ ନାହାନ୍ତି। ସାଉଥ୍ ଆଫ୍ରିକୀୟ ବୋଲର୍ ୩ଟି ମ୍ୟାଚ୍‌ରେ ୧୨ ଓଭର୍ ବୋଲିଂ କରି ୮ ୱିକେଟ୍ ନେଇଛନ୍ତି। ବୁମ୍‌ରା ବର୍ତ୍ତମାନର ଟି-୨୦ ବିଶ୍ୱକପ୍‌ରେ ୩ ମ୍ୟାଚ୍ ଖେଳି ୯ ଓଭର୍‌ରେ ମାତ୍ର ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି।



### ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୱିକେଟ୍ ହାସଲକାରୀ

| ବୋଲର୍ | ମ୍ୟାଚ୍ | ଓଭର୍ | ୱିକେଟ୍ | ହାରାହାରି |
|---|---|---|---|---|
| ଶାଡ୍‌ଲୀ ଭାନ୍ ଶାଲ୍କୱିକ୍ | ୪ | ୧୪.୫ | ୧୩ | ୭.୭୭ |
| ବରୁଣ ଚକ୍ରବର୍ତ୍ତୀ | ୪ | ୧୨ | ୯ | ୬.୮୯ |
| ବ୍ଲେସିଙ୍ଗ୍ ମୁଜରବାନୀ | ୩ | ୧୨ | ୯ | ୭.୮୯ |
| ମାଇକେଲ୍ ଲିସ୍କ | ୪ | ୧୬ | ୯ | ୧୩.୫୬ |
| ଅଜମତୁଲ୍ଲାହ ଉମରଜଇ | ୪ | ୧୩.୫ | ୯ | ୧୨.୬୭ |
| ଲୁଙ୍ଗି ଏନ୍‌ଗିଡି | ୩ | ୧୨ | ୮ | ୧୧.୩୮ |
| ଜସ୍‌ପ୍ରୀତ୍ ବୁମ୍‌ରା | ୩ | ୯ | ୪ | -- |

## ଏଏଫ୍‌ସି ମହିଳା ଏସିଆ କପ୍ ୨୦୨୬

# ଭାରତୀୟ ଦଳରେ ୬ ନୂଆ ମୁହଁ





**ନୂଆଦିଲ୍ଲୀ,୨୦।୨/ଏଜେନ୍ସି:** ଅଷ୍ଟ୍ରେଲିଆରେ ଆୟୋଜିତ ହେବାକୁ ଥିବା ଏଏଫ୍‌ସି ମହିଳା ଏସିଆ କପ୍ ପାଇଁ ଶୁକ୍ରବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଦଳରେ ଦୁଇଜଣ ଓଡ଼ିଶା ଖେଳାଳି ଫରୱାର୍ଡ ପ୍ୟାରୀ ଖାଖା ଏବଂ ମିଡ୍‌ଫିଲ୍ଡର୍ ଯଶୋଦା ମୁଣ୍ଡାଙ୍କୁ ସୁଯୋଗ ମିଳିଛି। ଟିମ୍‌ରେ ସାମିଲ ୬ ଜଣ ଖେଳାଳି ଏପର୍ଯ୍ୟନ୍ତ ଭାରତ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି। ସେମାନେ ଅଷ୍ଟ୍ରେଲିଆରେ ନିଜର ଅନ୍ତର୍ଜାତୀୟ ପଦାର୍ପଣ କରିପାରନ୍ତି। ଏହି ଖେଳାଳିମାନେ ହେଲେ ଡିଫେଣ୍ଡର୍ ସରିତା ୟୁମ୍‌ନାମ୍ ଓ ସୁସ୍ମିତା ଲେପ୍‌ଚା, ମିଡ୍‌ଫିଲ୍ଡର ଯଶୋଦା ମୁଣ୍ଡା, ସାନ୍‌ଫିଦା ନୋଙ୍ଗ୍ରୁମ୍ ଓ ଆଭେକା ସିଂହ ଏବଂ ଫରୱାର୍ଡ କାଭିୟା ପାକ୍କିରିସାମୀ। ସେହିପରି ଦଳରେ ସାମିଲ ଗ୍ରେସ୍ ଡାଙ୍ଗ୍‌ମେଇ୍ ୯୧ ମ୍ୟାଚ୍‌ରେ ୨୩ ଗୋଲ୍ ସହିତ ଭାରତର ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଳି ଏବଂ ସର୍ବାଧିକ ସ୍କୋରର୍। ଏହା ସହିତ ୧୯୯୫ରେ ଜନ୍ମଗ୍ରହଣ କରିଥିବା ଅଞ୍ଜୁ ତମାଙ୍ଗ୍ ୩୦ ବର୍ଷ ବୟସରେ ସବୁଠୁ ବରିଷ୍ଠ ଖେଳାଳି।

ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଭାରତ ପର୍ଥ ରେକ୍ଟାଙ୍ଗୁଲାର୍ ଷ୍ଟାଡିୟମ୍‌ରେ ମାର୍ଚ୍ଚ ୪ ତାରିଖରେ ଭିଏତ୍‌ନାମ୍ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହାପରେ ମାର୍ଚ୍ଚ ୭ରେ ସମାନ ଭେନ୍ୟୁରେ ଜାପାନକୁ ଭେଟିବ। ଭାରତର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଚୀନା ତାଇପେଇ ବିପକ୍ଷରେ ହେବ। ମାର୍ଚ୍ଚ ୧୦ରେ ଏହି ମ୍ୟାଚ୍ ୱେଷ୍ଟର୍ଣ୍ଣ ସିଡ୍‌ନୀ ଷ୍ଟାଡିୟମ୍ ଖେଳାଯିବ। ଆମେଲିଆ ଭାଲ୍‌ଭର୍ଡେ ଟିମ୍‌ର ମୁଖ୍ୟ କୋଚ୍ ଥିବା ବେଳେ କ୍ରିସ୍‌ପିନ୍ ଛେତ୍ରୀ ଓ ପ୍ରିୟା ପିଭି ସହାୟକ କୋଚ୍ ଅଛନ୍ତି। ଏହା ବ୍ୟତୀତ ଇଲି ଅଭିଲା ଓମାରିଓ ଆଗୁଇଆର୍ ଗୋଲ୍‌କିପିଂ କୋଚ୍, ଜୋସ୍ ସାଞ୍ଚେଜ୍ ଷ୍ଟ୍ରେଙ୍ଗ୍‌ଥ ଓ କଣ୍ଡିସନିଂ କୋଚ୍ ଅଛନ୍ତି।

**ଭାରତୀୟ ମହିଳା ଟିମ୍**

**ଗୋଲ୍‌କିପର୍:** ପାନ୍ଥୋଇ ଚାନୁ ଏଲାଙ୍ଗ୍‌ବାମ୍, ଶ୍ରେୟା ହୁଡା, ସୌମ୍ୟା ନାରାୟଣସାମୀ।

**ଡିଫେଣ୍ଡର୍:** ଅଷ୍ଟମ ଓରାଓଁ, ଜୁଲି କିଶନ୍, ମାର୍ଟିନା ଥୋକ୍‌ଚୋମ୍, ନିର୍ମଳା ଦେବୀ ଫାଞ୍ଜୋଉବାମ୍, ସଞ୍ଜୁ, ସରିତା ୟୁମ୍‌ନାମ୍, ଶିଲ୍‌କି ଦେବୀ ହେମାମ୍, ସୁସ୍ମିତା ଲେପ୍‌ଚା, ସ୍ୱିଟି ଦେବୀ ଏନ୍‌ଗାଙ୍ଗ୍‌ବାମ୍।

**ମିଡ୍‌ଫିଲ୍ଡର୍:** ଅଞ୍ଜୁ ତମାଙ୍ଗ୍, ଆଭେକା ସିଂହ, ବବିନା ଦେବୀ ଲିଶାମ୍, ଯଶୋଦା ମୁଣ୍ଡା, ସାନ୍‌ଫିଦା ନୋଙ୍ଗ୍ରୁମ୍, ସଙ୍ଗୀତା ବାସ୍‌ଫୋର୍।

**ଫରୱାର୍ଡ:** ଗ୍ରେସ୍ ଡାଙ୍ଗ୍‌ମେଇ, କାଭିୟା ପାକ୍କିରିସାମୀ, ଲିଣ୍ଡା କମ୍ ସେରଟୋ, ମାଳବିକା ପି, ମନୀଷା କଲ୍ୟାଣ, ପ୍ୟାରୀ ଖାଖା, ରିମ୍ପା ହାଲ୍‌ଦାର, ସୌମ୍ୟା ଗୁଗୁଲୋଥ୍।

# ପ୍ରୋ ଲିଗ୍: ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ



**ସ୍ପେନ୍ ବିପକ୍ଷ ମ୍ୟାଚ୍‌ରୁ ହୋବାର୍ଟ ଚରଣର ଆରମ୍ଭ**

**ହୋବାର୍ଟ,୨୦।୧/ଏଜେନ୍ସି:** ଭାରତୀୟ ହକି ଟିମ୍ ଘରୋଇ ପଡ଼ିଆ ଶୋଚନୀୟ ଭାବେ ହାରିବା ପରେ ଶନିବାର ସ୍ପେନ୍ ବିପକ୍ଷ ମ୍ୟାଚ୍ ସହିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ବିଦେଶୀ ଚରଣ ଆରମ୍ଭ କରିବ। ଟିମ୍ ନୂଆ କ୍ୟାପ୍‌ଟେନ୍ ହାର୍ଦ୍ଦିକ ସିଂହଙ୍କ ନେତୃତ୍ୱରେ ପ୍ରତ୍ୟାବର୍ତ୍ତନ ସହିତ ଏବଂ ନୂଆ ଆରମ୍ଭ କରିବା ଲକ୍ଷ୍ୟରେ ରହିବ। ସିରିଜ୍‌ର ହୋବାର୍ଟ ଚରଣ ଫେବୃଆରୀ ୨୫ ପର୍ଯ୍ୟନ୍ତ ତାସ୍ମାନିଆ ହକି ସେଣ୍ଟର୍‌ରେ ହେବ। ଏଥିରେ ଆୟୋଜକ ଅଷ୍ଟ୍ରେଲିଆ ମଧ୍ୟ ସାମିଲ ଅଛି। ନିକଟରେ ଶେଷ ହୋଇଥିବା ରାଉରକେଲା ଚରଣ ଭାରତୀୟ ଖେଳାଳିଙ୍କୁ ଶିକ୍ଷା ଦେଇଛି। ଏଥିରେ ଟିମ୍ ଆର୍ଜେଣ୍ଟିନା ଓ ବେଲ୍‌ଜିୟମ୍‌ଠାରୁ ପରାଜିତ ହୋଇଥିଲା। ନିୟମିତ କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ ସିଂହ ନିଜର ଦ୍ୱିତୀୟ ସନ୍ତାନ ଜନ୍ମ ପାଇଁ ଆଗାମୀ ମ୍ୟାଚ୍‌ରୁ ବ୍ରେକ୍ ନେଇଛନ୍ତି। ଟିମ୍ ଏହି ମ୍ୟାଚ୍‌ଗୁଡ଼ିକୁ ଆଗାମୀ ଏଫ୍‌ଆଇଏଚ୍ ବିଶ୍ୱକପ୍ ଏବଂ ଏହାପରେ ଏସୀୟ କ୍ରୀଡ଼ା ପୂର୍ବରୁ ସଂଯୋଜନକୁ ପରଖିବା ଏବଂ ଲୟ ହାସଲ କରିବାର ଏକ ଜରୁରୀ ସୁଯୋଗ ଭାବେ ଦେଖୁଛି। ସ୍ପେନ୍ ବିପକ୍ଷ ପ୍ରଥମ ମ୍ୟାଚ୍ ପରେ ରବିବାର ଭାରତୀୟ ଟିମ୍ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। ଫେବୃଆରୀ ୨୪ରେ ପୁଣିଥରେ ସ୍ପେନ୍ ସହିତ ମ୍ୟାଚ୍ ହେବ। ଏହାପରେ ୨୫ ତାରିଖରେ ଅଷ୍ଟ୍ରେଲିଆ ସହିତ ଅନ୍ତିମ ମ୍ୟାଚ୍ ସହିତ ହୋବାର୍ଟ ଚରଣ ଶେଷ ହେବ। ଗତ ୧୦ ମ୍ୟାଚ୍‌ରେ ଭାରତ ଓ ସ୍ପେନ୍ ନିୟମିତ ସମୟରେ ୪-୪ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିଛନ୍ତି। ତେବେ ଅଷ୍ଟ୍ରେଲିଆ ବିପକ୍ଷରେ ଲଗାତାର ହାଇ ସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିଛି। ଆୟୋଜକ ଟିମ୍ ଗତ ୧୦ ମ୍ୟାଚ୍‌ରେ ୬ ବିଜୟ ଓ ଦୁଇ ଡ୍ର' ସହିତ ଆଗୁଆ ରହିଛି। ଦୁଇଥରର ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜେତା ହାର୍ଦ୍ଦିକ ଚଳିତ ଚରଣରେ ଭାରତୀୟ ଟିମ୍‌ର ନେତୃତ୍ୱ କରିବେ। ଟିମ୍‌ରେ ଅମନଦୀପ୍ ଲାକ୍ରା ଏବଂ ମନମିତ ସିଂହଙ୍କ ପରି ଯୁବ ଖେଳାଳି ମଧ୍ୟ ରହିଛନ୍ତି। ଅଙ୍ଗଦ ବୀର ସିଂହ, ଅରାଇଜିତ୍ ସିଂହ ହୁଣ୍ଡାଲ୍ ଏବଂ ଆଦିତ୍ୟ ଅର୍ଜୁନ ଲାଲାଗେଙ୍କ ପରି ଉଦୀୟମାନ ତାରକା ମଧ୍ୟ ଫରୱାର୍ଡ ଲାଇନ୍‌ର ସେମାନଙ୍କ ଦକ୍ଷତା ସାବ୍ୟସ୍ତ କରିବାକୁ ପ୍ରୟାସ କରିବେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra